# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୮/୨୦୨୨ (୧୪ ପୃଷ୍ଠା) | Sambalpur, Monday, August 8/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ଆନନ୍ଦ ଫିଡେ ଉପସଭାପତି**

ବିଶ୍ୱନାଥନ ଆନନ୍ଦ ରବିବାର ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୪

୧୨

**ମିସ୍ ଇଣ୍ଡିଆ ୟୁଏସ୍ଏ 'ଆର୍ଯ୍ୟ ୱାଲ୍‌ଭେକର'**

ଚଳିତ ବର୍ଷ ମିସ୍ ଇଣ୍ଡିଆ ୟୁଏସ୍ଏ ପ୍ରତିଯୋଗିତାରେ ଭାରତୀୟ-ଆମେରିକୀୟ ବଂଶୋଦ୍ଭବ ଆର୍ଯ୍ୟ ୱାଲ୍‌ଭେକର ବିଜୟ ମୁକୁଟ ପିନ୍ଧିଛନ୍ତି।



# ଚମକିଲେ ଭାରତୀୟ ଆଥଲେଟ୍

## ଏଲଦୋସେଙ୍କୁ ସ୍ୱର୍ଣ୍ଣ, ଅବୁବାକରଙ୍କୁ ରୌପ୍ୟ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**



ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ ବିଜୟୀ ଏଲଦୋସେ ପଲ୍ ସ୍ୱର୍ଣ୍ଣ (ଡାହାଣ) ଓ ରୌପ୍ୟ ବିଜେତା ଅବଦୁଲା ଅବୁବାକର।

**ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଭାବୀ ପ୍ରଦର୍ଶନ କରି ଚମକିଛନ୍ତି ଭାରତୀୟ ଆଥଲେଟ୍। ପୂର୍ବ ସଂସ୍କରଣଗୁଡ଼ିକରେ ଶୁଟିଂ, ଭାରୋତ୍ତୋଳନ, କୁସ୍ତି, ବକ୍ସିଂ ଆଦି ଇଭେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିବା ଭାରତ ଏଥର ଆଥଲେଟିକ୍ସରେ ମଧ୍ୟ ଦମ୍ ଦେଖାଇଛି। ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କର ରୌପ୍ୟ, ହାଇଜମ୍ପରେ ତେଜସ୍ୱିନୀ ଶଙ୍କର ବ୍ରୋଞ୍ଜ, ୩୦୦୦ ମିଟରରେ ଅବିନାଶ ସାବ୍‌ଲେ ଓ ମହିଳା ୧୦,୦୦୦ ମିଟର ରେସ୍‌ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ରୌପ୍ୟ ପାଇଥିବାବେଳେ ରବିବାର ଟ୍ରିପଲ ଜମ୍ପରେ ଏଲଦୋସେ ପଲ୍ ସ୍ୱର୍ଣ୍ଣ, ଅବଦୁଲା ଅବୁବାକର ରୌପ୍ୟ ଏବଂ ମହିଳା ଜାଭେଲିନ ଥ୍ରୋରେ ଅନୁ ରାଣୀ ଓ ପୁରୁଷ ୧୦,୦୦୦ ମିଟର ରେସ୍ ୱାକ୍‌ରେ ସନ୍ଦିପ କୁମାର ବ୍ରୋଞ୍ଜ ପଦକ ଜିତି ଭାରତୀୟ କ୍ରୀଡ଼ାକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି।**

## ବକ୍ସିଂ: ଅମିତ୍, ନିତୁ, ଜରିନଙ୍କୁ ସ୍ୱର୍ଣ୍ଣ

**ବର୍ମିଂହାମ୍, ୭।୮ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂ ଇଭେଣ୍ଟରେ ରବିବାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ନିତୁ ଘଙ୍ଘାସ, ନିଖତ ଜରିନ ଓ ଅମିତ୍ ପଙ୍ଘାଲ। ସେହିପରି ପୁରୁଷ ଟ୍ରିପଲ ଜମ୍ପ୍‌ରେ ଏଲଦୋସେ ପଲ୍ ସ୍ୱର୍ଣ୍ଣ ଓ ଅବ୍‌ଦୁଲା ଅବୁବାକର ରୌପ୍ୟ ପଦକ ଜିତି ଦେଇ ପାଇଁ ଐତିହାସିକ ସଫଳତା ଲାଭ କରିଛନ୍ତି।

୪୮ କେଜି ମହିଳା ବକ୍ସିଂ (ସାଧାରଣ ଓଜନ ବର୍ଗ)ର ଫାଇନାଲରେ ନିତୁ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ଇଂଲଣ୍ଡର ଡେମି-ଜାଡେ ରେସଜାନଙ୍କୁ ନିର୍ବିବାଦୀୟ ୫-୦ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରବିବାର ପ୍ରଥମ ବକ୍ସର ଭାବେ ରିଙ୍ଗ୍‌କୁ ଓହ୍ଲାଇଥିବା ୨୧ ବର୍ଷୀୟା ନିତୁ କ୍ୟାରିୟରରେ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଉଥିଲେ ହେଁ ଫାଇନାଲରେ ପୂରା ୯ ମିନିଟ୍ ଯାକ ପ୍ରାଧାନ୍ୟ ବିସ୍ତାର କରି ଘରୋଇ ବକ୍ସରଙ୍କୁ ପରାସ୍ତ କରିଥିଲେ। ଭିୱାନୀର ନିତୁ ହେଉଛନ୍ତି ହରିୟାଣା ବିଧାନସଭାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଝିଅ। ପରିବାର ହିଁ ତାଙ୍କ ପ୍ରେରଣା ବୋଲି ସ୍ୱର୍ଣ୍ଣ ପଦକ ବିଜୟ ପରେ ସେ ପ୍ରକାଶ କରିଥିଲେ। ମହିଳା ୫୦ କେଜି ଲାଇଟ୍ ଫ୍ଲାଇୱେଟ ବକ୍ସିଂ ଫାଇନାଲରେ ବିଶ୍ୱ ଚାମ୍ପିୟନ ଜରିନ ନର୍ଦର୍ନ ଆୟର୍ଲାଣ୍ଡର କାର୍ଲି ମ୍ୟାକ ନଉଲଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ୫୧ କେଜି ଫ୍ଲାଇୱେଟ ଫାଇନାଲରେ ଭାରତର ତାରକା ବକ୍ସର ପଙ୍ଘାଲ ୟୁରୋପିଆନ ଚାମ୍ପିୟନଶିପ୍ ସିଲ୍‌ଭର ମେଡାଲିଷ୍ଟ ଇଂଲଣ୍ଡର କିଆରନ ମ୍ୟାକ୍‌ଡୋନାଲ୍ଡଙ୍କୁ ୫-୦ରେ ହରାଇ ଦେଇଥିଲେ। ମ୍ୟାକ୍‌ଡୋନାଲ୍ଡଙ୍କଠାରୁ ଉଚ୍ଚତାରେ କମ୍ ରହିଥିଲେ ହେଁ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ପଙ୍ଘାଲ ଲଢ଼େଇ ଅବସରରେ ନିୟନ୍ତ୍ରଣ ରଖି ଶକ୍ତିଶାଳୀ ପଞ୍ଚ୍ ମାଧ୍ୟମରେ ଘରୋଇ ବକ୍ସରଙ୍କୁ ଧରାଶାୟୀ କରିଥିଲେ। ୪ ବର୍ଷ ପୂର୍ବେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। "ମ୍ୟାକ୍‌ଡୋନାଲ୍ଡ ଉଚ୍ଚତାରେ ବଡ଼ ହୋଇଥିବାରୁ ମୁଁ ଆରମ୍ଭରୁ ଆକ୍ରମଣାତ୍ମକ ଲଢ଼ିଥିଲି ଏବଂ ତାଙ୍କ ଦୁଇ ବାହୁ ମଝିରେ ମାରିବାକୁ ଚେଷ୍ଟା କରିଥିଲି। ତାହା ମଧ୍ୟ କାମ ଦେଇଥିଲା। ଏ କ୍ଷେତ୍ରରେ ମୋ କୋଚ୍‌ଙ୍କ ପରାମର୍ଶ କାମ ଦେଇଥିଲା। ☞ପୃଷ୍ଠା-୪

## ଆଜି ଯୁକ୍ତ ୨ କଳା ପରୀକ୍ଷାଫଳ

**ଭୁବନେଶ୍ୱର, ୭।୮ (ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇବ। ଅପରାହ୍ନ ୪ଟାରେ ପରିଷଦ କାର୍ଯ୍ୟାଳୟରେ ଫଳ ଘୋଷଣା କରାଯିବ। www.odisharesults.nic.in ୱେବସାଇଟ୍‌ରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଫଳ ଦେଖିପାରିବେ। ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ☞ପୃଷ୍ଠା-୪

# ଆମ୍‌ସାର୍ ଆଇନ ସଂଶୋଧନ କର

- ନୀତି ଆୟୋଗ ବୈଠକରେ ଫୋକସ୍ ଷ୍ଟେଟ୍ ଦାବି ଦୋହରାଇଲେ ନବୀନ
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଲାଗି ସ୍ୱତନ୍ତ୍ର ବ୍ୟୟବରାଦ ହେଉ

**ଭୁବନେଶ୍ୱର, ୭।୮ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ରାନୀ କା ଭାବ୍‌କୁ ୟୁନେସ୍କୋ ଐତିହ୍ୟସ୍ଥଳ ତାଲିକାରେ ସାମିଲ କରିବା ଦିଗରେ ନେଇଥିବା ପଦକ୍ଷେପ ପ୍ରଶଂସନୀୟ। ଉଭୟ କାରିଗରୀ ଓ ଆଇନଗତ ଢାଞ୍ଚାରେ ଏଭଳି



ନବୀନ ପଟ୍ଟନାୟକ

ଏତିହ୍ୟସ୍ଥଳଗୁଡ଼ିକର ସଂରକ୍ଷଣ ତଥା ସୁରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ବୈଶ୍ୱିକ ସ୍ତରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଲାଣି। ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ରେ ଆମୂଳଚୂଳ ପରିବର୍ତ୍ତନ ଅଣାଯିବା ଆବଶ୍ୟକ। ଏଥିସହ ଆମ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ପ୍ରାଚୀନ କିର୍ତ୍ତୀରାଜି ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ ଆଇନ (ଏଏମ୍ଏସ୍ଏଆର୍)ରେ ମଧ୍ୟ ସଂଶୋଧନ ଜରୁରୀ। ଏହା କୋଣାର୍କ ସମେତ ଆମ ଐତିହ୍ୟସ୍ଥଳୀଗୁଡ଼ିକର ସୁରକ୍ଷାରେ ବିଶେଷ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୀତି ଆୟୋଗ ଗଭର୍ନିଂ କାଉନ୍ସିଲର ସପ୍ତମ ବୈଠକରେ ମତ ରଖିଛନ୍ତି। ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ନିଂ କାଉନସିଲ ବୈଠକରେ ଯୋଗଦେଇ ☞ପୃଷ୍ଠା-୪

## 'ପାଗ ସମ୍ପର୍କିତ ପୂର୍ବାନୁମାନକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ'

**ନୂଆଦିଲ୍ଲୀ, ୭।୮**

ଜଳବାୟୁ ପରିବର୍ତ୍ତନ ଯୋଗୁ ପାଣିପାଗର ଠିକ୍ ଆକଳନ କରିବା ସାରା ବିଶ୍ୱର ଫୋରକାଷ୍ଟିଂ ଏଜେନ୍ସିଗୁଡ଼ିକ ପାଇଁ କଷ୍ଟକର ହୋଇପଡ଼ିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ପାଣିପାଗର ଉପଯୁକ୍ତ ଆକଳନ ଲାଗି ଆଇଏମ୍‌ଡି ଅଧିକ ରାଡାର ଲଗାଇବା ସହ ଏହାର

**ଠିକ୍ ପୂର୍ବାନୁମାନ ଲାଗି ଅଧିକ ରାଡାର ସହ ଆକଳନ ବ୍ୟବସ୍ଥାର ଉନ୍ନତି କରାଯାଉଛି: ଆଇଏମ୍‌ଡି ଏମ୍‌ଡି**

ଉଚ୍ଚକ୍ଷମତା ସମ୍ପନ୍ନ ଆକଳନ ବ୍ୟବସ୍ଥାରେ ଉନ୍ନତି କରୁଥିବା ସେ ସୂଚନା ଦେଇଛନ୍ତି। ଦେଶରେ ମୌସୁମୀ ବର୍ଷାର କୌଣସି ନିର୍ଦ୍ଦିଷ୍ଟ ଧାରା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳୁନାହିଁ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନୀତି ଅନୀତି










**ଆଇଏସ୍‌ର ସକ୍ରିୟ ସଦସ୍ୟ ଗିରଫ**

ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ଦିଲ୍ଲୀରୁ ଗିରଫ କରିଛି। ମୋହସିନ୍ ଅହମଦ ନାମକ ଉକ୍ତ ଯୁବକ ଆତଙ୍କବାଦୀ ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ ବୋଲି ଏନ୍‌ଆଇଏ ଅଭିଯୋଗ କରିଛି। ବିହାର ପାଟନାର ବାସିନ୍ଦା ମୋହସିନ୍‌ଙ୍କୁ ତାଙ୍କ ବାଟ୍‌ଲା ହାଉସ୍ ଘରୁ ଗିରଫ କରାଯାଇଛି। ଆଇଏସ୍‌ର ଅନ୍‌ଲାଇନ ଏବଂ ଅନ୍-ଗ୍ରାଉଣ୍ଡ କାର୍ଯ୍ୟ ନେଇ ଜୁନ୍ ୨୫ରେ ଏନ୍‌ଆଇଏ ନିଜ ଆଡୁ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ସିଏସ୍‌ଆଇଆର୍‌ରେ ପ୍ରଥମ ମହିଳା ମୁଖ୍ୟ

**ନୂଆଦିଲ୍ଲୀ,୭।୮:** କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ର ମହାନିର୍ଦ୍ଦେଶିକା ଭାବେ ବରିଷ୍ଠ ବୈଜ୍ଞାନିକ ନଲ୍ଲାଥାମ୍ବି କାଲାଇସେଲ୍‌ଭିଙ୍କୁ ଶନିବାର ନିଯୁକ୍ତି ଦିଆଯାଇଛି।



ସେ ପ୍ରଥମ ମହିଳା ଭାବେ ସାରା ଦେଶରେ ଥିବା ୩୮ଟି ଗବେଷଣାଗାର କନ୍‌ସୋର୍ଟିୟମ୍‌ର ନେତୃତ୍ୱ ନେବେ। ଲିଥିୟମ ଆଇନ ବ୍ୟାଟେରି କ୍ଷେତ୍ରରେ କାର୍ଯ୍ୟ ପାଇଁ ସେ ବେଶ୍ ଜଣାଶୁଣା। ଏବେ କାଲାଇସେଲ୍‌ଭି ତାମିଲନାଡୁର କରାଇକୁଡ଼ିରେ ଥିବା ସିଏସ୍‌ଆଇଆର୍-ସେଣ୍ଟ୍ରାଲ ଇଲେକ୍ଟ୍ରୋକେମିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶିକା ଅଛନ୍ତି। ଏପ୍ରିଲ୍‌ରେ ଅବସର ନେଇଥିବା ଶେଖର ମାଣ୍ଡେଙ୍କ ସ୍ଥାନରେ କାଲାଇସେଲ୍‌ଭି ସିଏସ୍‌ଆଇଆର୍‌ର ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏଥିସହିତ ସେ ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ବିଭାଗର ସଚିବ ଦାୟିତ୍ୱରେ ମଧ ରହିବେ।

### ମୋଦିଙ୍କୁ ରାଖୀ ପଠାଇଲେ ପାକିସ୍ତାନୀ ଭଉଣୀ

**ନୂଆଦିଲ୍ଲୀ,୭।୮:** ରକ୍ଷାବନ୍ଧନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାକିସ୍ତାନୀ ଭଉଣୀ କମାର ମହସିନ ଶେଖ୍ ତାଙ୍କ



ପାଖକୁ ଏକ ରାଖୀ ପଠାଇଛନ୍ତି। ଏଥିସହ ସେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇଥିବା ଏକ ପତ୍ରରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିସହିତ ୨୦୨୪ ସାଧାରଣ ନିର୍ବାଚନ ପାଇଁ ସେ ଭାଇ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶେଖ୍ ପ୍ରତିବର୍ଷ ମୋଦିଙ୍କ ପାଖକୁ ରାଖୀ ସହିତ ରକ୍ଷାବନ୍ଧନ କାର୍ଡ ପଠାଇଥାନ୍ତି। ଏଥର ସେ ନିଜେ ରେଶମୀ ରିବନ ଏବଂ ଏମ୍ବ୍ରୋଡରି ଡିଜାଇନରେ ରାଖୀ ତିଆରି କରିଥିବାବେଳେ ମୋଦିଙ୍କୁ ଭେଟିବା ଲାଗି ସବୁପ୍ରକାର ପ୍ରସ୍ତୁତି କରିଥିବା କହିଛନ୍ତି।

### ଆଲେକ୍ସାର ନୂଆ ନାଁ 'ଜିଗି'

**ଲଣ୍ଡନ,୭।୮:** ମଲ୍ଟି ନ୍ୟାଶନାଲ ଟେକ୍ନୋଲଜି କମ୍ପାନୀ ଆମାଜନ୍ ଇକୋ ଡିଭାଇସ୍ ଆଲେକ୍ସାର ଆଉ ଏକ ନାମ ବା ୱେକ୍ ୱାର୍ଡ ସ୍ଥିର କରିଛି। ଏହି ନୂଆ ୱେକ୍ ୱାର୍ଡଟି ହେଉଛି 'ଜିଗି'। ଇକୋ ଡିଭାଇସ୍ ଆଲେକ୍ସାର ଏହା ହେଉଛି ପଞ୍ଚମ ୱେକ୍ ୱାର୍ଡ। ପୂର୍ବରୁ ଏହି ଡିଭାଇସ୍ ପାଇଁ ଆଲେକ୍ସା, ଆମାଜନ୍, କମ୍ପ୍ୟୁଟର ଏବଂ ଇକୋ ଭଳି ୱେକ୍ ୱାର୍ଡ ରଖାଯାଇଛି। ଆଲେକ୍ସା ଆପ୍ ଏବଂ ଇକୋ ଶୋ' ଡିଭାଇସ୍‌ର ସେଟିଙ୍ଗ୍ ଅପ୍‌ସନ୍‌କୁ ଯାଇ ଗ୍ରାହକମାନେ ନୂଆ ୱେକ୍ ୱାର୍ଡ ଜିଗି ସେଟ୍ କରିପାରିବେ। ଆଲେକ୍ସାର ୱେକ୍ ୱାର୍ଡ ପାଇଁ ଉଭୟ ମହିଳା ଓ ପୁରୁଷଙ୍କ ଭଏସ୍‌କୁ ବ୍ୟବହାର କରାଯାଇପାରିବ। ଗ୍ରାହକମାନଙ୍କ ସୁବିଧାକୁ ଦୃଷ୍ଟିରେରଖି କମ୍ପାନୀ ପକ୍ଷରୁ ଏକାଧିକ ୱେକ୍ ୱାର୍ଡ ବିକଶିତ କରାଯାଉଥିବା ଆଲେକ୍ସା ୟୁକେ କଣ୍ଟ୍ରି ମ୍ୟାନେଜର ଡେନିସ୍ ଷ୍ଟାନ୍‌ସବରି କହିଛନ୍ତି। ଆଲେକ୍ସା ପାଇଁ ୱେକ୍ ୱାର୍ଡଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଇକୋ ଡିଭାଇସ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଏହାର ବ୍ୟବହାର କରାଯାଇଥାଏ।

### ବଜ୍ରପାତରେ ତୈଳ ଡିପୋ ଜଳିଗଲା

**୧୭ ନିଖୋଜ, ୧୨୧ ଆହତ**

**ହାଭାନା, ୭।୮:** କ୍ୟୁବାର ମତାନ୍‌ଜାନ୍ସ ସହରରେ ବଜ୍ରପାତ ଯୋଗୁ ଏକ ତୈଳ ଡିପୋରେ ବିସ୍ଫୋରଣ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ନିଆଁ ଲିଭାଇବାକୁ ଯାଇଥିବା ୧୭ କର୍ମଚାରୀ ନିଖୋଜ ଅଛନ୍ତି। ଅନ୍ୟୂନ ୧୨୧ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ସେଠାରେ ବଜ୍ରପାତ ହୋଇଥିବା ସେଠାକାର ଶକ୍ତିମନ୍ତ୍ରୀ ଟୁଇଟ କରିଛନ୍ତି। ପ୍ରଥମେ ବଜ୍ରପାତ ଯୋଗୁ ଗୋଟିଏ ତେଲ ଟ୍ୟାଙ୍କରେ ନିଆଁ ଲାଗି ଯାଇଥିଲା। ପରେ ଦ୍ୱିତୀୟ ଟାଙ୍କିକୁ ବ୍ୟାପିବାରୁ ତାହା ମଧ ବିସ୍ଫୋରଣ ହୋଇଥିଲା। ଏଥିରୁ ବିପୁଳମାତ୍ରାରେ ବାହାରିଥିବା ଧୂଆଁ ଓ ବାଷ୍ପ ପ୍ରାୟ ଶହେ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ତୈଳ ସଙ୍କଟରେ କ୍ୟୁବା ଯୁଝି ହେଉଥିବାବେଳେ ଏପରି ଦୁର୍ଘଟଣା ଯୋଗୁ ଚିନ୍ତା ବଢ଼ିଛି। ତେବେ ବାସ୍ତବରେ କେତେମାତ୍ରାରେ ତୈଳ ନଷ୍ଟ ହୋଇଛି ତାହା ଜଣାପଡ଼ିନାହିଁ।




ରୁଷିଆକୁ ଆତଙ୍କବାଦୀ ଦେଶ ଘୋଷଣା କରିବା ଦାବିରେ ମାରିଉପୋଲରେ ଜଣେ ୟୁକ୍ରେନ୍ ସୈନିକଙ୍କ ସ୍ତ୍ରୀ ଏବଂ ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆଜାଦିସାଟ୍ ବାଟବଣା

**ଶ୍ରୀହରିକୋଟା, ୭।୮**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ରବିବାର ଉତ୍କ୍ଷେପଣ କରାଯାଇଥିବା ଇଓଏସ୍-୨ ଏବଂ ଆଜାଦିସାଟ୍ ଉପଗ୍ରହ ପୃଥିବୀ କକ୍ଷପଥରେ ଠିକ୍ ସ୍ଥାନରେ ପହଞ୍ଚିପାରିନାହିଁ। ସକାଳେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଇସ୍ରୋ କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ଯାନ ଏସ୍‌ଏସ୍‌ଏଲ୍‌ଭି-ଡି୧ ଯୋଗେ ଏହି ଦୁଇଟି ସାଟେଲାଇଟକୁ ପଠାଇଥିଲା। ଗୋଲାକାର ପଥରେ ନ ଘୂରି କକ୍ଷଚ୍ୟୁତ ହୋଇଥିବାରୁ ଶେଷପର୍ଯ୍ୟାୟରେ ଏହାର ଡାଟା ନଷ୍ଟ ହୋଇଛି। ଫଳରେ ଏହି ସାଟେଲାଇଟ ଦ୍ୱୟ ଆଉ ଲକ୍ଷ୍ୟ ହାସଲରେ ଉପଯୋଗୀ ହୋଇପାରିବେ ନାହିଁ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ତେବେ ଏଥିରେ ଅଧିକ କାର୍ଯ୍ୟ କରାଯାଇ ଏସ୍‌ଏସ୍‌ଏଲ୍‌ଭି-ଡି୨କୁ ପ୍ରସ୍ତୁତ କରାଯିବ ଏବଂ ସାଟେଲାଇଟ୍ ଉତ୍କ୍ଷେପଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ପାଳନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ



୭୫୦ ସ୍କୁଲ ଛାତ୍ରୀ ଆଜାଦିସାଟ୍ ପ୍ରସ୍ତୁତ କରିଥିଲେ। ଏହା ଏକ ୮-ୟୁ କ୍ୟୁବ୍‌ସାଟ୍ ହୋଇଥିବାବେଳେ ଏହାର ଓଜନ ପ୍ରାୟ ୮ କେଜି। ଏଥିରେ ବିଭିନ୍ନ ପ୍ରକାରର ୭୫ ପ୍ଲେଲୋଡ୍ ରହିଥିଲା। ପ୍ରତି ପ୍ଲେଲୋଡ୍‌ର ଓଜନ ପ୍ରାୟ ୫୦ କେଜି ହେବ।

# ସମରାଭ୍ୟାସ ଶେଷରେ ଛକାପଞ୍ଝା

**ବେଜିଂ/ତାଇପେଇ, ୭।୮**

ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତରେ ପ୍ରତିକ୍ରିୟାଶୀଳ ହୋଇ ଚାଇନା ୪ ଦିନ ହେଲା ତାଇୱାନ ପ୍ରଣାଳୀରେ ଚଳାଇଥିବା ବଡ଼ଧରଣର ସମରାଭ୍ୟାସ ରବିବାର ଶେଷ ହୋଇଛି। ତାଇୱାନ ସନେ। ମଧ ଚାଇନା ଯୁଦ୍ଧ ଜାହାଜ ଏବଂ ଯୁଦ୍ଧପୋତକୁ ନିଜ ସୀମାରୁ ହଟାଇବା ପାଇଁ ଦକ୍ଷତା ପ୍ରଦର୍ଶନ କରିଛି। ଫଳରେ ଚାଇନା ଓ ତାଇୱାନ ମଧ୍ୟରେ କିଛି ଦିନ ହେଲା 'ମୂଷା-ବିଲେଇ' ପରି ଛକାପଞ୍ଝା ଦେଖିବାକୁ ମିଳିଛି। ଶେଷଦିନରେ ତାଇୱାନ ପ୍ରଣାଳୀରେ ବେଜିଂ ଓ ତାଇପେଇର ପ୍ରାୟ ୨୦ ଯୁଦ୍ଧପୋତ ପରସ୍ପରର ନିକଟତର ହୋଇଥିଲେ। ଏପରି କରି ଚାଇନା ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରୁଛି ବୋଲି ଆମେରିକା କହିଛି।

ଗତ ୨୫ ବର୍ଷରେ ଆମେରିକାର କୌଣସି କ୍ଷମତାଶାଳୀ ନେତା ତାଇୱାନ ଗସ୍ତ କରିବାରେ ନାନ୍ସି ପେଲୋସି ପ୍ରଥମ। ଗସ୍ତ ପୂର୍ବରୁ ଚାଇନା ବାରମ୍ବାର ଚେତାବନୀ ଦେବା ସହ ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିଲା। ଏହା ସତ୍ତ୍ୱେ ପେଲୋସି ଗତ ୨ ତାରିଖରେ ତାଇୱାନରେ ପହଞ୍ଚିବା ସହ ଦିନିକିଆ ଗସ୍ତ ସମ୍ପୂର୍ଣ୍ଣ କରିଥିଲେ। ଏହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିବା ଚାଇନା ତାଇୱାନ ପ୍ରଣାଳୀ ଏବଂ ବାୟୁସୀମାରେ ଗତ ଗୁରୁବାରଠାରୁ ସମରାଭ୍ୟାସ ଚଳାଇଥିଲା। ଏପରି କରି ଚାଇନା ଯୁଦ୍ଧକୁ ଉସୁକାଉଥିବା ତାଇପେଇ ପକ୍ଷରୁ କୁହାଯାଇଛି। ଚାଇନାର ଅନ୍ୟୂନ ୬୬ ଯୁଦ୍ଧବିମାନ ଏବଂ ୧୪ ଯୁଦ୍ଧପୋତ ତାଇୱାନ ଷ୍ଟ୍ରେଟ୍‌କୁ ପାର କରିଥିବା ଚିହ୍ନଟ ହୋଇଛି। ତାଇୱାନର ଚାରିପାଖରେ ଥିବା ୬ଟି ସ୍ଥାନରେ ବେଜିଂ ଲାଇଭ୍ ଫାୟାର ସମରାଭ୍ୟାସ କରିଛି। ଚାଇନାର କାର୍ଯ୍ୟକଳାପ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସହ ତାଇୱାନ ପ୍ରଣାଳୀରେ ଅସ୍ଥିରତା ସୃଷ୍ଟି କରୁଥିବା ହ୍ୱାଇଟ୍ ହାଉସର ଜଣେ ମୁଖପାତ୍ର କହିଛନ୍ତି। ଏଥିସହ ବେଜିଂ ଏପରି କାର୍ଯ୍ୟକଳାପରୁ ବିରତ ରହିବାକୁ ଆମେରିକା ସମେତ ଅଷ୍ଟ୍ରେଲିଆ, ଜାପାନ ନିବେଦନ କରିଛନ୍ତି। ଏ ନେଇ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍, ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ପେନି ଓଙ୍ଗ୍, ଜାପାନ ପ୍ରତିପକ୍ଷ ହାୟାଶି ୟୋଶିମାତା ଏକ ମିଳିତ ବିବୃତି ଜାରି କରିଛନ୍ତି।

**ତାଇୱାନ ପ୍ରଣାଳୀରେ ୬୬ ଚାଇନା ଯୁଦ୍ଧବିମାନ**



ଚାଇନା ସେନା ପକ୍ଷରୁ ତାଇୱାନ ପୂର୍ବ ଉପକୂଳ ନିକଟରେ ରକେଟ୍ ପରୀକ୍ଷଣ କରାଯାଉଛି।

# ଦୋଷୀ ସାବ୍ୟସ୍ତ ପରେ ୟୁପି ମନ୍ତ୍ରୀ କୋର୍ଟରୁ ଫେରାର

**ଲକ୍ଷ୍ନୌ, ୭।୮**

ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀ ଥିବା ରାକେଶ ସଚାନ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଦଣ୍ଡବିଧାନ ପୂର୍ବରୁ ସେ କୋର୍ଟ ଅର୍ଡର ସହ କେତେକ ଦସ୍ତାବିଜ ନେଇ ଫେରାର ହୋଇଯାଇଥିବା ବିରୋଧୀ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି। ୧୯୯୧ରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ତାଙ୍କ ନାଁରେ ମାମଲା ଥିଲା।

ଗତ ୟୁପି ନିର୍ବାଚନ ପୂର୍ବରୁ ରାକେଶ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ପରେ ସେ ଯୋଗୀଙ୍କ କ୍ୟାବିନେଟରେ ମଧ୍ୟମ, କ୍ଷୁଦ୍ର, ଅଣୁ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗରେ ମନ୍ତ୍ରୀ ହୋଇଥିଲେ। ଶନିବାର କାନପୁରର ଏକ କୋର୍ଟ ତାଙ୍କୁ ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏହା ପରେ ସେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ କୋର୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଏତଲା ହୋଇଥିବା କାନପୁର ପୋଲିସ କହିଛି। ବିବାଦ ମଧ୍ୟରେ ରାକେଶ କେତେକ ଫଟୋ ପୋଷ୍ଟ ସହ ଟୁଇଟ୍ କରି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶନିବାର ରାତିରେ ସେ ପଡ଼ୋଶୀ ଜିଲାରେ ଏକ ବୈଠକରେ ଯୋଗ ଦେଇଥିଲେ ବୋଲି ଲେଖିଛନ୍ତି। ଅନ୍ୟତ୍ର କାର୍ଯ୍ୟକ୍ରମରେ ସାମିଲ ହେବା ଯୋଜନା ଥିବାରୁ ଶନିବାର ସକାଳେ ସେ କୋର୍ଟରେ ପହଞ୍ଚି ତ୍ୱରିତ ବିଚାର ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ସାରିବା ପରେ ସେ ପୁଣି କୋର୍ଟକୁ ଫେରିଥିଲେ ବୋଲି କହିଛନ୍ତି। ସତ୍ୟତା ଜାଣିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି।

**ଅଭିଯୋଗ ଖଣ୍ଡନ କଲେ ରାକେଶ ସଚାନ**



# ବିତର୍କରେ ଭାଗ ନିଅନ୍ତୁ ପରାଗ

**ଟୁଇଟର ସିଇଓଙ୍କୁ ମସ୍କଙ୍କ ଚ୍ୟାଲେଞ୍ଜ**



**ୱାଶିଂଟନ୍, ୭।୮**

ଟେସ୍‌ଲା ମାଲିକ ଏଲନ୍ ମସ୍କ ୪୪ ବିଲିୟନ ଡଲାର ଟୁଇଟର ଚୁକ୍ତିରୁ ଓହରିବା ପରେ ଏହି ସୋସିଆଲ ମିଡିଆ ଜାଏଣ୍ଟର ସିଇଓ ପରାଗ ଅଗ୍ରୱାଲଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଯଦି ଟୁଇଟରରେ ପ୍ରକୃତରେ ୫%ରୁ କମ୍ ନକଲି ଆକାଉଣ୍ଟ ରହିଛି ତେବେ ପରାଗ ସର୍ବସାଧାରଣରେ ଏକ ବିତର୍କରେ ଭାଗ ନେଇ ଏହାକୁ ପ୍ରମାଣ କରନ୍ତୁ ବୋଲି ମସ୍କ କହିଛନ୍ତି।

ଟୁଇଟର ଫେକ୍ ଆକାଉଣ୍ଟ ବାବଦରେ ଠିକ୍ ତଥ୍ୟ ଦେଲେ ମସ୍କ ପୁଣି ଉକ୍ତ ଡିଲ୍ କଥା ପୁନର୍ବିଚାର କରିବେ ବୋଲି ଏହା ପୂର୍ବରୁ କହିଥିଲେ। ଏବେ ଏକାଧିକ ଟୁଇଟ କରି ମସ୍କ କମ୍ପାନୀକୁ ଟାର୍ଗେଟ କରିଛନ୍ତି। ଶହେ ଆକାଉଣ୍ଟରୁ କେଉଁଟି ପ୍ରକୃତ ଆକାଉଣ୍ଟ ତାହା ଚିହ୍ନଟ କରିବା ପ୍ରକ୍ରିୟା ଟୁଇଟର ଜଣାଉ। ଏହା ସ୍ପଷ୍ଟ ହେଲେ ପୁଣି ଟୁଇଟର ଡିଲ୍ ପୂର୍ବ ସର୍ତ୍ତ ଅନୁସାର ଆଗେଇବ ବୋଲି ସେ କହିଛନ୍ତି। ମସ୍କ ଟୁଇଟରକୁ କିଣିବା ପାଇଁ କରିଥିବା ଡିଲ୍‌ରୁ ଓହରିଯିବା ପରେ ଏହି କମ୍ପାନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଅକ୍ଟୋବର ୧୭ରେ ଡେଲାୱେରରେ ମାମଲାର ଶୁଣାଣି ହେବ।

### ଗାଜାରେ ଆଉ ଜଣେ ଜେହାଦ କମାଣ୍ଡର ନିହତ

**ଗାଜା ସିଟି, ୭।୮:** ଗାଜା ଶରଣାର୍ଥୀ କ୍ୟାମ୍ପରେ ରକେଟ ମାଡ଼ କରି ଇସ୍ରାଏଲ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ ଜେହାଦ୍‌ର ଆଉ ଜଣେ



ବରିଷ୍ଠ କମାଣ୍ଡର ଖଲିଦ୍ ମନ୍‌ସୋରଙ୍କୁ ହତ୍ୟା କରିଛି। ଏକ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ଇସ୍ରାଏଲ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ଆଉ ୨ ଆତଙ୍କବାଦୀ ଏବଂ ୫ ସାଧାରଣନାଗରିକ ନିହତ ହୋଇଛନ୍ତି। ଫଳରେ ଶୁକ୍ରବାରଠାରୁ ଇସ୍ରାଏଲ ଆରମ୍ଭ କରିଥିବା ଅପରେଶନ 'ବ୍ରେକିଂ ଡନ୍'ରେ ଅଦ୍ୟାବଧି ୩୧ ଜଣଙ୍କ ପ୍ରାଣହାନୀ ଘଟିଛି। ପ୍ରକାଶ ଯେ, ଶନିବାର ଇସ୍ରାଏଲ ଆକ୍ରମଣରେ ଇସ୍‌ଲାମିକ ଜେହାଦ କମାଣ୍ଡର କମାଣ୍ଡର ତାୟସିର ଅଲ୍‌ଜବାରି ନିହତ ହୋଇଥିଲେ।

# ମରାମତି ପାଇଁ ଭାରତରେ ଆମେରିକା ନୌସେନା ଜାହାଜ




**ନୂଆଦିଲ୍ଲୀ,୭।୮:** ଭାରତ-ଆମେରିକା ଦ୍ୱିପାକ୍ଷିକ ପ୍ରତିରକ୍ଷା ଓ ସାମରିକ ସହଯୋଗ ବୃଦ୍ଧିର ଅଂଶବିଶେଷ ସ୍ୱରୂପ ମାର୍କିନ ନୌସେନାର ଏକ ଜାହାଜ ମରାମତି ଓ ଆନୁଷଙ୍ଗିକ ସେବା ନିମନ୍ତେ ପ୍ରଥମ ଥର ପାଇଁ ଭାରତ ଆସିଛି। ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ଉତ୍ତେଜନା ଲାଗି ରହିଛି। ଏହି ସମୟରେ ୟୁଏସ୍‌ଏନ୍‌ଏସ୍ ଚାର୍ଲସ ଡ୍ରିଉ ନାମକ ଆମେରିକା ନୌସେନାର ମାଲ୍‌ବାହୀ ଜାହାଜ ରବିବାର ଚେନ୍ନାଇର କଟ୍ଟୁପଲ୍ଲୀସ୍ଥିତ ଏଲ୍ ଆଣ୍ଡ ଟି ଶିପ୍‌ୟାର୍ଡରେ ପହଞ୍ଚିଛି। ଜାହାଜଟି ସେଠାରେ ୧୧ ଦିନ ରହିବ। ଆମେରିକା ନୌସେନା ପୂର୍ବରୁ ଏଲ୍ ଆଣ୍ଡ ଟି ଶିପ୍‌ୟାର୍ଡକୁ ଜାହାଜ ମରାମତି କାର୍ଯ୍ୟର ଠିକା ଦେଇଥିଲା। ଏହା ଭାରତ-ଆମେରିକା ସାମରିକ ସହଯୋଗକୁ ନୂଆ ଦିଗ ଦେଇଛି।

# କୃଷି ଆଧୁନିକୀକରଣ ପାଇଁ ମୋଦିଙ୍କ ଥ୍ରୀ-ଟି ମନ୍ତ୍ର




**ନୂଆଦିଲ୍ଲୀ,୭।୮**

ଭାରତର କୃଷି କ୍ଷେତ୍ରରେ ଆଧୁନିକୀକରଣ ପାଇଁ ୩-ଟି ମନ୍ତ୍ର ଆପଣାଇବାକୁ ପଡ଼ିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। କୃଷି, ପ୍ରାଣୀଧନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତକୁ ବିଶ୍ୱର ନେତୃତ୍ୱ ନେବାକୁ ହେଲେ ଆଧୁନିକୀକରଣ ସହ ଖାଇବା ତେଲରେ ଆତ୍ମନିର୍ଭରଶୀଳତା ଆଣିବାକୁ ପଡ଼ିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବାଦ୍ କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ଭାରତର ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ମଧ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨୩ ମୁଖ୍ୟମନ୍ତ୍ରୀ, ୩ ଉପରାଜ୍ୟପାଳ ଏବଂ ୨ ପ୍ରଶାସକ ନିଜ ନିଜ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଉତ୍କର୍ଷ ଓ ଆହ୍ୱାନଗୁଡ଼ିକ ସମ୍ପର୍କରେ ମତବ୍ୟକ୍ତ କରିଥିବା ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପରମେଶ୍ୱରନ୍ ଆୟର କହିଛନ୍ତି।

କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ସାଧାରଣ ନୀତି ନିର୍ଦ୍ଧାରଣକାରୀ ଥିଙ୍କଟ୍ୟାଙ୍କ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ସପ୍ତମ ଗଭର୍ନିଂ କାଉନ୍ସିଲ ବୈଠକ ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଭବନର କଲ୍ଚରାଲ ସେଣ୍ଟରରେ ଆୟୋଜିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ତିନୋଟି ବିନ୍ଦୁ (୩-ଟି) ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଥିଲେ। ସେଗୁଡ଼ିକ ହେଲା ଟ୍ରେଡ୍ (ବାଣିଜ୍ୟ), ଟୁରିଜମ୍ (ପର୍ଯ୍ୟଟନ) ଏବଂ ଟେକ୍ନୋଲୋଜି (କାରିଗରୀ)। ଏହି ୩-ଟି ଜରିଆରେ ଆମଦାନୀ ହ୍ରାସ ଓ ରପ୍ତାନିରେ ବୃଦ୍ଧି କରାଯାଇପାରିବ। ସ୍ଥାନୀୟ ସମାଗ୍ରୀ ବ୍ୟବହାର ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଦିଆଯିବା ଉଚିତ। କାରଣ 'ଭୋକାଲ ଫର୍ ଲୋକାଲ' କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କାର୍ଯ୍ୟସୂଚୀ ନୁହେଁ, ବରଂ ଏହା ଏକ ସାଧାରଣ ଲକ୍ଷ୍ୟ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ରାଜ୍ୟର କେନ୍ଦ୍ରୀୟ ଟିକସ ଅଂଶ ବୃଦ୍ଧି ପାଇଁ ଦାବି କରିଛନ୍ତି। ବଘେଲ କହିଛନ୍ତି, ଯେତେବେଳେ ଜିଏସ୍‌ଟି ଆରମ୍ଭ ହେଲା ସେତେବେଳେ ରାଜ୍ୟଗୁଡ଼ିକୁ ୨୦୨୨ ଜୁନ୍ ସୁଦ୍ଧା ରାଜସ୍ୱ କ୍ଷତି ଭରଣା କରାଯିବ ବୋଲି କୁହାଯାଇଥିଲା। ଏବେ ଏହାକୁ ଆହୁରି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ବଘେଲ ଦାବି କରିଛନ୍ତି।

**ନୀତି ଆୟୋଗ ବୈଠକ**

- ଖାଇବା ତେଲରେ ନିର୍ଭରଶୀଳତା ହ୍ରାସକୁ ଗୁରୁତ୍ୱ
- କୋଭିଡ୍ ବେଳେ ରୋଲ୍ ମଡେଲ ସାଜିଥିଲା ସଙ୍ଘୀୟ ବ୍ୟବସ୍ଥା

### କେସିଆର୍‌ଙ୍କ ବର୍ଜନ, ନୀତିଶ ଆସିଲେନି

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍ ନୀତି ଆୟୋଗ ବୈଠକକୁ ବର୍ଜନ କରିଛନ୍ତି। କେସିଆର୍ କହିଛନ୍ତି, ନୀତି ଆୟୋଗ ଏକ ମୂଲ୍ୟହୀନ ସଂସ୍ଥା। କେନ୍ଦ୍ର ସରକାର ତେଲଙ୍ଗାନା ସମେତ କେତେକ ରାଜ୍ୟ ପ୍ରତି ଭେଦଭାବପୂର୍ଣ୍ଣ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ କେସିଆର୍‌ଙ୍କ ଅଭିଯୋଗକୁ ନୀତି ଆୟୋଗ ପକ୍ଷରୁ ଖଣ୍ଡନ କରାଯାଇଛି। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ ନୀତି ଆୟୋଗ ବୈଠକରେ ସାମିଲ ହୋଇପାରି ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ କୌଣସି ବୈଠକରେ ନୀତିଶ ସାମିଲ ନ ହେବାର ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏଥିପାଇଁ କେହି କେହି ପ୍ରଧାନମନ୍ତ୍ରୀଙ୍କ ସହ ନୀତିଶଙ୍କ ବଢ଼ିଚାଲିଥିବା ମତଭେଦକୁ ଦାୟୀ କରୁଥିବାବେଳେ ଆଉ କେତେଜଣ ରାଜ୍ୟ ବିକାଶ ର୍‍ୟାଙ୍କିଙ୍ଗ୍‌ରେ ବିହାରର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ସେ ବୈଠକରେ ଯୋଗ ଦେଇ ନ ଥିବା ମତ ଦେଉଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୯୨,୧୫,୮୭୪ | ୬୪,୩୬,୨୫୫ | ୫୬,୦୩,୨୪,୮୨୪ |
| ଭାରତ | ୪,୪୧,୪୫,୭୩୨ | ୫,୨୬,୬୮୯ | ୪,୩୪,୮୪,୧୧୦ |
| ଓଡ଼ିଶା | ୧୩,୧୮,୮୭୫ | ୯୧୪୮(+୫୩) | ୧୩,୦୪,୫୨୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବିରିନ୍ଦାପଡ଼ାସ୍ଥିତ କାଲିପେନୁ ନାଳ ଉପରେ ନିର୍ମିତ କାଠପୋଲ ଭାସିଯାଇଛି।



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଦେଇ ପ୍ରବାହିତ ତୁରୀ ନଦୀରେ ବଢ଼ି ଯୋଗୁ ପୋଲ ଉପରେ ଜଳ ପ୍ରବାହିତ ହେଉଛି। ଫଳରେ ନବରଙ୍ଗପୁରରୁ ରାୟପୁରକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଛି।

# ଭାସିଗଲା କାଠପୋଲ, ଯୋଗାଯୋଗ ବିଚ୍ଛିନ୍ନ

**କ.ନୂଆଗାଁ ବ୍ଲକ**

କୋଟଗଡ଼/କ.ନୂଆଗାଁ/ବାଲିଗୁଡ଼ା, ୭।୮ (ଡି.ଏନ୍.ଏ.)

ଲଗାଣ ବର୍ଷାରେ ଭାସିଯାଇଛି କାଠପୋଲ। ଲହଡ଼ି ମାରୁଛି ଉଚ୍ଛୁଳା ଜଳ। ନାଳର ଏପାଖ ଲୋକ ସେପାଖକୁ ଯାଇପାରୁଛନ୍ତି ନା ସେପାଖ ଲୋକ ଏପାଖକୁ। ଏବେ ସେମାନଙ୍କ ପାଇଁ ଦୁଃଖ ଆଣିଦେଇଛି ଚିରସ୍ରୋତା କାଲିପେନୁ ନାଳ। ବହୁ ଶ୍ରମ ଦେଇ ନାଳ ଉପରେ ନିଜେ ତିଆରି କରିଥିବା ଅସ୍ଥାୟୀ ପୋଲକୁ ଭସାଇ ନେଇଛି ଅବିଶ୍ରାନ୍ତ ବର୍ଷା। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତର ଲକେବାଡ଼ିରୁ ବିରିନ୍ଦାପଡ଼ାକୁ ଯିବାବେଳେ ରାସ୍ତାରେ ପଡ଼େ କାଲିପେନୁ ଚିରସ୍ରୋତା ନାଳ। ସେହି ନାଳ ଉପରେ ତିଆରି ହୋଇଥିଲା ଏକ ଅସ୍ଥାୟୀ କାଠପୋଲ। ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଗୁହାରି କରାଯିବା ସତ୍ତ୍ୱେ ପ୍ରଶାସନ ପୋଲଟିଏ ତିଆରି କଲାନାହିଁ। ତେଣୁ ବାଧ୍ୟହୋଇ ବିରିନ୍ଦାପଡ଼ାବାସୀ ଓ ଆଖପାଖ ଚାରି ପାଞ୍ଚୋଟି ଗାଁର ଲୋକେ ଏକ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଗତବର୍ଷ ଏହି ଅସ୍ଥାୟୀ କାଠପୋଲ ନିର୍ମାଣ କରିଥିଲେ। ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ପୋଲଟି ଭାସିଯାଇଛି। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବିରିନ୍ଦାପଡ଼ାରେ ବାସ କରୁଛନ୍ତି ୩୫ ପରିବାର। ଆଉ ଆଖପାଖରେ ରହିଛି ଛୋଟ ଛୋଟ ୬ରୁ ୭ଟି ଗାଁ। ଜରୁରୀ କାମରେ ବାହାରକୁ ବାହାରିଲେ ସମସ୍ତଙ୍କୁ ଏହି ନାଳ ପାର ହୋଇ ଯିବାକୁ ପଡ଼େ। କିନ୍ତୁ ଏବେ ଏହି ନାଳ ସମସ୍ତଙ୍କ ପାଇଁ ବିପଦ ଆଣିଦେଇଛି। ପୋଲଟି ଭାସିଯାଇଥିବାରୁ ଲୋକେ ଏବେ ଘରୁ ବାହାରିବା ଅସମ୍ଭବ। ତେଲଲୁଣର ସଂସାର ଚଳାଇବା ଲାଗି ବଜାରକୁ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏପରି କି ନାଳ ଆରପାଖରେ ଥିବା ଚାଷଜମିକୁ ଯିବା ସମ୍ଭବ ହେଉନାହିଁ। ବର୍ତ୍ତମାନ ଚାଷକାର୍ଯ୍ୟ କେମିତି କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି ବିରିନ୍ଦାପଡ଼ା ଓ ଲକେବାଡ଼ି ଗ୍ରାମବାସୀ। ଲୋକମାନଙ୍କ ଯାତାୟତ ପାଇଁ ବିକଳ୍ପ ରାସ୍ତା ଥିଲେ ମଧ୍ୟ ତାହା ତିନି ଚାରି କିଲୋମିଟର ଦୂର ହେଉଥିବାରୁ ଲୋକେ ଏହି ପୋଲ ଉପରେ ଯିବାଆସିବା କରିଥାନ୍ତି। ତେଣୁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ୪୮ ଘଣ୍ଟାରେ ଅବପାତ

**ସାରା ରାଜ୍ୟରେ ଲଘୁଚାପ ବର୍ଷା**

- ନବରଙ୍ଗପୁରରେ ସର୍ବାଧିକ ୧୨୬.୨ ମିମି ବର୍ଷା
- ଦୁଇ ଜିଲାକୁ ରେଡ୍ ୱାର୍ନିଂ, ମତ୍ସ୍ୟଜୀବୀଙ୍କୁ ବାରଣ

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ସମୁଦ୍ର ଅଞ୍ଚଳରେ ରବିବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ମୌସୁମୀ ସକ୍ରିୟ ଥିବାରୁ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୩୦.୯ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ବର୍ଷା ୧୪.୩ ମିମି ତୁଳନାରେ ୧୧୬% ଅଧିକ। ତେବେ ନବରଙ୍ଗପୁରରେ ସର୍ବାଧିକ ୧୨୬.୨ ମିମି ବର୍ଷା ହୋଇଥିବାବେଳେ ମାଲକାନଗିରି ୪୪, ଭବାନୀପାଟଣାରେ ୩୬.୮, ତାଳଚେର ୩୦, କୋରାପୁଟ ୨୬, ବଲାଙ୍ଗୀର ୨୫.୨, କେନ୍ଦ୍ରାପଡ଼ା ୨୦.୩, ଟିଟିଲାଗଡ଼ ୧୯.୨,ଦେବଗଡ଼ ୧୭, ଦାରିଙ୍ଗବାଡ଼ି ୧୫, ହୀରାକୁଦ ୧୫, ଅନୁଗୋଳ ୨୧, ବାଲେଶ୍ୱର ୧୨.୬, ଚାନ୍ଦବାଲି ୧୦, କେନ୍ଦୁଝର ୧୨.୩, ସମ୍ବଲପୁର ୧୫, ଫୁଲବାଣୀ ୧୩.୮, ଦାରିଙ୍ଗବାଡ଼ି ୧୫, ବୌଦ୍ଧ ୧୨, ଛତ୍ରପୁର ୧୪.୪, ଭଦ୍ରକ



୧୦.୨, ଯାଜପୁର ୧୦, ବରଗଡ଼ ୧୨.୪, ନୂଆପଡ଼ା ୧୩.୪ ଓ ଖୋର୍ଦ୍ଧାରେ ୧୫ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ରାଜ୍ୟର ବାକି ସ୍ଥାନରେ ବି ସ୍ୱଳ୍ପ ଧରଣର ବର୍ଷା ହୋଇଥିବା ଜଣାପଡ଼ିଛି।

ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏଭଳି ବର୍ଷା ଲାଗିରହିବ। ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କଳାହାଣ୍ଡି, ରାୟଗଡ଼ା ଆଦି ଦୁଇଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ଏହି ଦୁଇ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, କଟକ, ଜଗତ୍‌ସିଂହପୁର, ଅନୁଗୋଳରେ ମଧ୍ୟ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଲଘୁଚାପ ପାଇଁ ଏବେ ସମୁଦ୍ର ଅଶାନ୍ତ ରହିବ। ୧୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବା ପାଇଁ ପାଣିପାଗ କେନ୍ଦ୍ର ବାରଣ କରିଛି।

# ତଥ୍ୟ ଲୁଚାଇଲେ ପିସିସିଏଫ୍

**ହାଇକୋର୍ଟରେ ହାତୀ ଶିକାର ଓ ମୃତ୍ୟୁ ମାମଲା**

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ରାଜ୍ୟରେ ହାତୀ ଶିକାର ଓ ମୃତ୍ୟୁକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ବନ୍ୟପ୍ରାଣୀ ପିସିସିଏଫ୍ ଶଶୀ ପଲ ଗତ ୬ ତାରିଖରେ ଏକ ସତ୍ୟପାଠ ମାଧ୍ୟମରେ ୫ ବର୍ଷର ହାତୀ ଶିକାର ଓ ଆନୁଷଙ୍ଗିକ ତାଲିକା ପ୍ରଦାନ କରିଛନ୍ତି। ହାତୀ ମୃତ୍ୟୁକୁ ନେଇ ମୋଟ ୧୪ ମାମଲା ଦାଏର ହୋଇଥିବାବେଳେ ୨୮ଜଣଙ୍କୁ ଗିରଫ କରାଯାଇଥିବା ଉଲ୍ଲେଖ କରିଛନ୍ତି। ସୋମବାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଏହା ଉପରେ ଶୁଣାଣି କରିବେ। ପିସିସିଏଫ୍ ପଲ୍ ମଧ୍ୟ ଭିଡିଓ କନ୍‌ଫରେନ୍ସ ଜରିଆରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ। ଏହା ପୂର୍ବରୁ ବନ ବିଭାଗର ସତ୍ୟପାଠକୁ ନେଇ ଅନେକ ପ୍ରଶ୍ନ ଉଠିଲାଣି। ଉକ୍ତ ସତ୍ୟପାଠରେ ଏକାଧିକ ହାତୀ ଶିକାର ଘଟଣାକୁ ଲୁଚା ଯାଇଥିବା ବା ଜାଣିଶୁଣି ବାଦ୍ ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ।

୨୦୧୯ ନଭେମ୍ବର ୨୨ରେ ଖୋର୍ଦ୍ଧା ଜିଲାର ରାମେଶ୍ୱର ନିକଟରେ ଏକ ପ୍ରାପ୍ତ ବୟସ୍କ ଦନ୍ତାହାତୀକୁ ବିଷ ଦେଇ ମାରିଦିଆଯାଇଥିଲା। ସେତେବେଳେ ଉକ୍ତ ଦନ୍ତାକୁ ବନ ବିଭାଗ ପକ୍ଷରୁ କ୍ରେନ୍ ସହାୟତାରେ ହାଇୱାରେ ଲଦି ଅନ୍ୟ ଏକ ସ୍ଥାନରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ତତ୍କାଳୀନ ଖୋର୍ଦ୍ଧା ଡିଏଫ୍‌ଓ ସୁଦୀପ୍ତ ନାୟକ ପୂରା ଦିନ ସେଠାରେ ଉପସ୍ଥିତ ଥିଲେ। ତତ୍କାଳୀନ ଭେଟେରିନାରୀ କଲେଜ ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ସୁଷେନ କୁମାର ପଣ୍ଡା ବ୍ୟବଚ୍ଛେଦ କରିଥିଲେ। କିନ୍ତୁ ଏହି ଘଟଣା ପିସିସିଏଫ୍‌ଙ୍କ ସତ୍ୟପାଠରେ ନାହିଁ। ଘଟଣା ସଂକ୍ରାନ୍ତରେ ଡା. ପଣ୍ଡା କହିଛନ୍ତି, ଖୋର୍ଦ୍ଧା ଡିଏଫ୍‌ଓ ମୋତେ ବ୍ୟବଚ୍ଛେଦ ପାଇଁ ଡାକିଥିଲେ। ବ୍ୟବଚ୍ଛେଦରେ ବିଷକ୍ରିୟାର ସମସ୍ତ ଲକ୍ଷଣ ଜଣାପଡୁଥିଲା ବୋଲି ମୁଁ ସେତେବେଳେ ଗଣମାଧ୍ୟମକୁ କହିଥିଲି। ଟକ୍ସିକୋଲୋଜି ଆନାଲିସିସ ପାଇଁ ଆବଶ୍ୟକ ନମୁନା ସଂଗ୍ରହ କରି ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ପଠାଯାଇଥିଲା। କେଉଁ ଧରଣର ବିଷ ମିଶା ଯାଇଥିଲା ସେଇଟା ସେମାନେ କହିବା କଥା। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ରାମେଶ୍ୱର ନିକଟରେ ଶିକାର ହୋଇଥିବା ଦନ୍ତା ହାତୀର ବ୍ୟବଚ୍ଛେଦବେଳେ ମୁଁ ଘଟଣା ସ୍ଥଳରେ ଉପସ୍ଥିତ ଥିଲି। ଖାଦ୍ୟରେ ଗୁଡ଼ ମିଶାଇ ଶିକାରୀମାନେ ବିଷ ଦେଇଥିଲେ।



ବ୍ୟବଚ୍ଛେଦ ସମୟରେ ପାକସ୍ଥଳୀରୁ ହଜମ ହୋଇ ନ ଥିବା ଆଖୁ ଛେଦା ବାହାରିଥିଲା, ଯେଉଁଥିରୁ ଉଭୟ ଗୁଡ଼ ଓ ବିଷର ବାସ୍ନା ସ୍ପଷ୍ଟ ବାରି ହେଉଥିଲା। ବିଷ ପ୍ରୟୋଗ କରି ଦନ୍ତା ହାତୀକୁ ଶିକାର କରାଯାଇଥିଲା। କିନ୍ତୁ ହାତୀଟି ଲୋକଙ୍କ ଚଳପ୍ରଚଳ ସ୍ଥାନରେ ପଡିଯିବାରୁ ଶିକାରୀମାନେ ଦାନ୍ତ କାଟି ନେଇ ପାରି ନ ଥିଲେ। ତେବେ ଏହା ନିଶ୍ଚିତ ଭାବରେ ବିଷ ଦ୍ୱାରା ଶିକାର କରାଯାଇଛି। କିନ୍ତୁ କାହିଁକି ଏହି ଘଟଣା ପିସିସିଏଫ୍‌ଙ୍କ ସତ୍ୟପାଠରେ ସ୍ଥାନ ପାଇଲାନି ତାହା ବୁଝିହେଉ ନାହିଁ।

ସେହିପରି ୨୦୨୧ ନଭେମ୍ବରରେ ଆଠଗଡ଼ରେ ଗୋଟିଏ ହାତୀକୁ ବନ କର୍ମଚାରୀମାନେ ଗାତ ଖୋଳି ଲୁଣ ପକାଇ ପୋତିବା ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ବିଭାଗୀୟ ତଦନ୍ତ ହୋଇଥିଲା ଏବଂ ତତ୍କାଳୀନ ରେଞ୍ଜର ଆଏସା ଅଖତାରୀ ନିଶା ଏଯାବତ୍ ନିଲମ୍ବନରେ ଅଛନ୍ତି। ଦୁଇଟିଯାକ ଦାନ୍ତକୁ ବନ ବିଭାଗର ଟ୍ରେଜେରିରେ ରଖିବା ବଦଳରେ ସେ ନିଜ ପାଖରେ ରଖିଥିଲେ। ତତ୍କାଳୀନ ଡିଏଫ୍‌ଓଙ୍କ କଥାରେ ସେ ଏଭଳି କରିଥିବା ତଦନ୍ତବେଳେ କହିଥିଲେ। ହାତୀର ବ୍ୟବଚ୍ଛେଦ ହୋଇଥିଲା ଏବଂ ତତ୍କାଳୀନ ଅନୁଗୋଳ ଆର୍‌ସିସିଏଫ୍ ଅକ୍ଷୟ ପଟ୍ଟନାୟକ ଘଟଣାର ତଦନ୍ତ କରିବା ପରେ ରେଞ୍ଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ତେବେ ରେଞ୍ଜରଙ୍କ ସ୍ୱୀକାରୋକ୍ତିକୁ ବିଶ୍ୱାସକୁ ନ ନେବା ଫଳରେ ତତ୍କାଳୀନ ଡିଏଫ୍‌ଓ ଖସି ଯାଇଥିଲେ। ତେବେ ଏତେସବୁ ପ୍ରମାଣ ରହିଥିବାବେଳେ ଏଭଳି ଏକ ହାଇ ପ୍ରୋଫାଇଲ୍ ହାତୀ ଶିକାର ମାମଲାକୁ ବନ୍ୟପ୍ରାଣୀ ପିସିସିଏଫ୍ ନିଜ ସତ୍ୟପାଠରୁ ବାଦ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଉଭୟ ରାମେଶ୍ୱର ଓ ଆଠଗଡ଼ ହାତୀ ଶିକାର ଘଟଣାକୁ ବନ୍ୟପ୍ରାଣୀ ପିସିସିଏଫ ହାଇକୋର୍ଟଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରୁ ବାଦଦେଇ ତଥ୍ୟର ମିଥ୍ୟାଚାରଣ କରିଛନ୍ତି। ଏହା ଆଇନ ଆଖିରେ ଏକ ଗୁରୁତର ଅପରାଧ। ଏଭଳି ଆହୁରି ଅନେକ ହାତୀ ଶିକାର ଘଟଣାକୁ ସତ୍ୟପାଠରୁ ବାଦ ଦିଆଯାଇଛି, ଯାହା ଅଦାଲତ ଅବମାନନା ବୋଲି ମଧ୍ୟ ଧରାଯିବ।

# ବଜ୍ରପାତରେ ୨ ମୃତ

ସୋରଡ଼ା, ୭।୮ (ଡି.ଏନ୍.ଏ)

ଗଞ୍ଜାମ ଜିଲା ସୋରଡ଼ା ଅଞ୍ଚଳର ପୃଥକ୍ ସ୍ଥାନରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସୁରେଖାଦେଇପୁର ଗ୍ରାମର କୁମାରୀ ପ୍ରଧାନ (୫୫) ଓ ରାଇବନ୍ଧର ଟିକିନା ସାଇଁ (୧୮)। ଉଭୟ ନିଜ ଗାଁ ପାଖ ଜମିରେ ଚାଷ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେମାନଙ୍କର ମୃତ୍ୟୁ ହୋଇଛି। ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# ଓଡ଼ିଶା ହସ୍ତତନ୍ତର ଆଦିଭୂମି

ଭୁବନେଶ୍ୱର,୭।୮ (ବ୍ୟୁରୋ)

ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଯୋଗଦେଇ ବୁଣାକାର ଓ କାରିଗରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଶା ହସ୍ତତନ୍ତର ଆଦିଭୂମି ଭାବେ ବିଶ୍ୱପ୍ରସିଦ୍ଧ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ବର୍ତ୍ତମାନ ସମୟରେ ହସ୍ତତନ୍ତରେ ବିଭିନ୍ନ ଆଧୁନିକ ଡିଜାଇନ୍‌ର ଚାହିଦା ରହିଛି। ଆମ ବୁଣାକାରଙ୍କୁ ଏସବୁ ପ୍ରଶିକ୍ଷଣ ମିଳିବା ଉଚିତ। ବିଶ୍ୱ ବଜାରରେ ଓଡ଼ିଶାର ବାନ୍ଧ ହସ୍ତତନ୍ତର ଚାହିଦା ବେଶି ରହିଛି। ଓଡ଼ିଶାର ବୁଣାକାର ଯେପରି ଏ କ୍ଷେତ୍ରରେ ଅଧିକ ପ୍ରୋତ୍ସାହିତ ହେବେ ସେଥିପାଇଁ ପ୍ରେରଣା ଓ ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ। ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଓ ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩ଟି ତନ୍ତୁବାୟ ସହଯୋଗ ସମିତି ଓ ୩ଟି ପ୍ରାଥମିକ ତନ୍ତୁବାୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଗତ ୩ ବର୍ଷର ହାରାହାରି ବ୍ୟବସାୟକୁ ଆଧାର କରି ସର୍ବାଧିକ ହସ୍ତତନ୍ତ ବସ୍ତ୍ର ବ୍ୟବସାୟ କରିଥିବା ଗମିଲୋ ତନ୍ତୁବାୟ ସହଯୋଗ ସମିତି ଆଠଗଡ଼କୁ ପ୍ରଥମ ପୁରସ୍କାର ବାବଦରେ ୩ ଲକ୍ଷ ଟଙ୍କା, ଜାଲପାଲି ତନ୍ତୁବାୟ ସହଯୋଗ ସମିତି ବରଗଡ଼କୁ ଦ୍ୱିତୀୟ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଓ ଲୁରୁପାଲି ତନ୍ତୁବାୟ ସହଯୋଗ ସମିତି ବରଗଡ଼କୁ ତୃତୀୟ ପୁରସ୍କାର ଭାବେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ନିରବଚ୍ଛିନ୍ନ ଭାବେ ୭୫ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ ବୁଣାକାରଙ୍କ ସେବାରେ କାର୍ଯ୍ୟରତ ଥିବା ପଦ୍ମନାଭପୁର ତନ୍ତୁବାୟ ସହଯୋଗ ସମିତି ବ୍ରହ୍ମପୁର, ସଦରଥାନା ତନ୍ତୁବାୟ ସହଯୋଗ ସମିତି ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ତନ୍ତୁବାୟ ସହଯୋଗ ସମିତିକୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶିକ ସୁଚେତା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ବୁଣାକାରମାନେ ଯୋଗ ଦେଇଥିଲେ। ଅଗଷ୍ଟ ୧୫ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବୁଣାକାର ସମ୍ମିଳନୀ, ଆଲୋଚନାଚକ୍ର, ସମ୍ପ୍ରସାରିତ ବୟନିକାର ଉଦ୍‌ଘାଟନ, ଅତ୍ୟାଧୁନିକ ହସ୍ତତନ୍ତ ବସ୍ତ୍ରର ଫ୍ୟାଶନ ଶୋ' ଚାଲିବ ବୋଲି ସୂଚନା ଦିଆଯାଇଛି।

# ଯୋଜନା ବଢ଼ିଛି, ହସ୍ତତନ୍ତ କମିଛି

ଯାଜପୁର ଅଫିସ,୭।୮

ରାଜ୍ୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ ଅନେକ ଯୋଜନାରେ ଅନୁଦାନ ପରିମାଣ ବଢ଼ିଛି। ଗତ ୩ ବର୍ଷରେ ରାଜ୍ୟ ସରକାର ୧୩ ଯୋଜନାରେ ୮୫ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଏହାସହ କେନ୍ଦ୍ର ସରକାର ବୁଣାକାରମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୁଧାରିବା ନିମନ୍ତେ ୨୦୧୫-୧୬ରୁ ବ୍ଲକସ୍ତରୀୟ ହସ୍ତତନ୍ତ ପୁଞ୍ଜି ଉନ୍ନୟନ ଯୋଜନାରେ ୧୯.୫୨ କୋଟି ଟଙ୍କା ବିନିଯୋଗ କରିଛନ୍ତି। ହେଲେ ସେହି ତୁଳନାରେ ଅଗ୍ରଗତି ହେବା ସ୍ଥଳେ ହସ୍ତତନ୍ତ ଏବଂ ସମିତି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହିକ୍ରମରେ ଆବଣ୍ଟିତ ଅର୍ଥର ଠିକ୍ ବିନିଯୋଗ ନ ହେବା ଏବଂ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ହସ୍ତତନ୍ତ କାରିଗରମାନେ ଦାଦନ ଶ୍ରମିକ ସାଜୁଛନ୍ତି।

ରାଜ୍ୟର ହସ୍ତତନ୍ତ କୁଟୀର ଶିଳ୍ପକୁ ଉତ୍ସାହିତ କରିବା ସହ ଏହାର ବିପଣନ ବ୍ୟବସ୍ଥା ସମ୍ପର୍କରେ ଅନେକ ଯୋଜନା ପରିକଳ୍ପନା କରାଯାଉଛି। ବୟନ ଶିଳ୍ପ ଓ ହସ୍ତତନ୍ତର ଉତ୍ପାଦିତ ସାମଗ୍ରୀ ବିକ୍ରୟ, ନୂତନ ଡିଜାଇନର କପଡ଼ା ଓ ସାମଗ୍ରୀ ପ୍ରସ୍ତୁତି, ବୁଣାକାରମାନଙ୍କ ଉନ୍ନତି, ହସ୍ତତନ୍ତର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ, ଟସର ଇତ୍ୟାଦି କଞ୍ଚା ମାଲ୍ ପାଇଁ ଅର୍ଜୁନ ଓ ଅଶନ ଚାରା ରୋପଣ, ବିପଣନ ବ୍ୟବସ୍ଥା କରିବାକୁ ଜିଲାସ୍ତରରେ ବୈଠକ କରି ନିଷ୍ପତ୍ତି ନିଆଯାଉଛି। ହେଲେ ଏହିସବୁ ନିଷ୍ପତ୍ତି ପରବର୍ତ୍ତୀ ସମୟରେ ପାଣିର ଗାର ସଦୃଶ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ହସ୍ତତନ୍ତ କାରିଗରମାନଙ୍କୁ ଉପେକ୍ଷା କରୁଥିବାରୁ ସେମାନଙ୍କ କୌଳିକ ବୃତ୍ତି ବୁଡିବାର ଅନ୍ୟ ଏକ କାରଣ ହୋଇଛି। ହସ୍ତତନ୍ତ କାରିଗରମାନଙ୍କ ସମସ୍ୟାକୁ ନେଇ ରାଜ୍ୟସ୍ତରରେ ସଂଗଠନ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି କିଛି ସୁଫଳ ମିଳି ପାରୁନାହିଁ।

ମିଳିଥିବା ତଥ୍ୟ ଅନୁସାରେ ୨୦୦୯-୧୦ରେ ୬୪୭ ସମିତି ରହିଥିଲାବେଳେ ତାହା ୨୦୨୧-୨୨ରେ ୫୮୦କୁ ହ୍ରାସ ପାଇଛି। ସେହିପରି ୨୦୦୯-୧୦ରେ କାର୍ଯ୍ୟକାରୀ ହସ୍ତତନ୍ତ ସଂଖ୍ୟା ୧୯,୩୮୦ ରହିଥିଲାବେଳେ ୨୦୨୧-୨୨ରେ ସେହି ସଂଖ୍ୟା ୧୨,୨୨୪କୁ ଖସି ଆସିଛି। ଏହାବାଦ୍ ୨୦୦୯-୧୦ରେ ନିଷ୍କ୍ରିୟ ସମିତି ସଂଖ୍ୟା ୫୩୦ ରହିଥିଲାବେଳେ ୨୦୨୧-୨୨ରେ ତାହା ବୃଦ୍ଧି ପାଇ ୫୯୩ରେ ପହଞ୍ଚିଛି। ବୁଣାକାରମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୁଧାରିବା ନିମନ୍ତେ ରାଜ୍ୟ ସରକାର ସାଧାରଣ ଭିତ୍ତିଭୂମି, ତନ୍ତଗର୍ଭର ଢଳେଇକରଣ, ତାଲିମ, ପରିଭ୍ରମଣ, ବ୍ୟବସାୟିକ କାରବାର, ବୈଷୟିକ ଜ୍ଞାନକୌଶଳ, କର୍ମଶାଳା, ସ୍ୱତନ୍ତ୍ର ପ୍ରୋତ୍ସାହନ, ବରିଷ୍ଠ ବୁଣାକାର ସହାୟତା ଯୋଜନା, ଅନ୍ୟାନ୍ୟ ନବୀକରଣ/ନୂତନତ୍ୱ, କଞ୍ଚାମାଲ ବ୍ୟାଙ୍କ ଓ ବୁଣାକାର କଲ୍ୟାଣ ପାଣ୍ଠି ଭଳି ୧୩ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହିସବୁ ଯୋଜନାରେ ୨୦୧୯-୨୦ରେ ୨୯.୫୭ କୋଟି, ୨୦୨୦-୨୧ରେ ୨୮.୯୦ କୋଟି ଏବଂ ୨୦୨୧-୨୨ରେ ୨୬.୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ ବ୍ଲକସ୍ତରୀୟ ହସ୍ତତନ୍ତ ପୁଞ୍ଜି ଉନ୍ନୟନ ଯୋଜନାରେ ୨୦୧୫-୧୬ରେ ୧୧.୨୪ କୋଟି, ୨୦୧୬-୧୭ରେ ୩.୧୩ କୋଟି, ୨୦୧୮-୧୯ରେ ୩.୩୬ କୋଟି ଏବଂ ୨୦୧୯-୨୦ରେ ୧.୭୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଉପରୋକ୍ତ ଯୋଜନାଗୁଡ଼ିକ ସହାୟତାରେ ବୁଣାକାରମାନେ ବୁଣୁଥିବା ଲୁଗାର ମାନ ଓ ଉତ୍ପାଦନ କ୍ଷମତାର ବୃଦ୍ଧି ଘଟିଛି ଏବଂ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିଛି ବୋଲି ସରକାର ଦାବି କରୁଛନ୍ତି। ଏହାସହ ବୁଣାକାରମାନଙ୍କ ଦୈନିକ ହାରାହାରି ମୁଣ୍ଡପିଛା ଆୟ ୨୦୨୦-୨୧ରେ ୨୨୩ ଟଙ୍କାରୁ ୨୦୨୧-୨୨ରେ ୨୮୦ ଟଙ୍କାକୁ ବୃଦ୍ଧି ପାଇଛି ବୋଲି ସରକାରୀ ଭାବେ ଆକଳନ କରାଯାଇଛି। କିନ୍ତୁ ବୁଣାକାର ଅମୂଲ୍ୟ ସୁର, ଲକ୍ଷ୍ମୀଧର ଚାନ୍ଦ, ଦୁର୍ଯ୍ୟୋଧନ ଚାନ୍ଦ ପ୍ରମୁଖ କୁହନ୍ତି, ବୁଣାକାରମାନଙ୍କ ଅର୍ଥନୈତିକ ସ୍ଥିତି ସମ୍ପୂର୍ଣ୍ଣ ଦୋହଲି ଯାଇଛି। ଶତାଧିକ ବୁଣାକାର ସେମାନଙ୍କ ହସ୍ତତନ୍ତ ଶାଳକୁ ବନ୍ଦ କରି ଦାଦନ ଖଟିବାକୁ ଯାଇଛନ୍ତି।




**ଆଜିର ମନ୍ତବ୍ୟ**
" ଭାରତରେ ପାର୍ଲାମେଣ୍ଟ ଅକାମୀ ହୋଇପଡ଼ିଥିବା ଅନୁଭବ ହେଉଥିବାବେଳେ ଗଣତନ୍ତ୍ର ପାଇଁ ନିଶ୍ୱାସ ନେବା କଷ୍ଟକର ହୋଇପଡ଼ିଛି। ଦେଶର ସବୁ ସଂସ୍ଥାକୁ କବ୍‌ଜା କରାଯାଇଛି। - **ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଢ଼ିଲା ଗୃହରକ୍ଷୀଙ୍କ ପାରିଶ୍ରମିକ

- ପାଉଥିଲେ ୯ ହଜାର ଏବେ ପାଇବେ ୧୨,୪୮୦ ଟଙ୍କା
- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବ ନେଲେ ନିଷ୍ପତ୍ତି

ଭୁବନେଶ୍ୱର, ୭।୮(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରକ୍ଷୀଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟର ସମସ୍ତ ଗୃହରକ୍ଷୀଙ୍କ ଡ୍ୟୁଟି କଲ୍ ଅପ୍ ଆଲାଉନ୍ସରେ ରାଜ୍ୟ ସରକାର ରବିବାର ୩୮ ପ୍ରତିଶତ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରାଯିବା ପରେ ଘୋଷଣା କରାଯାଇଛି। ପୂର୍ବରୁ ଗୃହରକ୍ଷୀମାନଙ୍କୁ ଡ୍ୟୁଟି କଲ୍ ଅପ୍ ଆଲାଉନ୍ସ ଭାବେ ମାସିକ ୯ ହଜାର ଟଙ୍କା ମିଳୁଥିବାବେଳେ ଏହାକୁ ଦୈନିକ ୪୧୬ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ସେମାନଙ୍କ କଲ୍ ଅପ୍ ଆଲାଉନ୍ସ ଭାବେ ମାସିକ ୧୨,୨୮୦ ଟଙ୍କା ମିଳିବ। ଏତଦ୍ ବ୍ୟତୀତ ପୂର୍ବରୁ ମିଳୁଥିବା ଅନ୍ୟାନ୍ୟ ଭତ୍ତା ମଧ୍ୟ ପୂର୍ବବତ୍ ମିଳିବ ବୋଲି ସରକାର ସୂଚନା ଦେଇଛନ୍ତି।



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରବିବାର ଅନୁଷ୍ଠିତ ନୀତି ଆୟୋଗ ଗଭର୍ନିଂ କାଉନସିଲ୍‌ର ସପ୍ତମ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଅଶ୍ୱିନୀ ନକ୍ଷତ୍ର ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବିବାଦୀୟ ଘଟଣାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପାରିବାରିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ** ଦ୍ୱିଜା ନକ୍ଷତ୍ରର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆୟଠାରୁ ବ୍ୟୟ ଅଧିକ ହେବ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ଆଜି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**କର୍କଟ** ଅଶ୍ଳେଷା ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ । କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ ଧନ ଓ ସମ୍ମାନ ପାଇବେ। ବନ୍ଧୁମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ବନ୍ଧୁମେଳରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** ହସ୍ତା ନକ୍ଷତ୍ରର କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** ବିଶାଖା ନକ୍ଷତ୍ରର ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ । କଚେରି ମାମଲା ମନ୍ଥର ହୋଇପାରେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ବିଛା** ଅନୁରାଧା ନକ୍ଷତ୍ର ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ । ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ କିନ୍ତୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ରର କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ । ପରୋକ୍ଷ ଶତ୍ରୁତା ହେତୁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ । କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର** ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ।

**କୁମ୍ଭ** ଶତଭିଷା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ।

**ମୀନ** ରେବତୀ ନକ୍ଷତ୍ରର ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରର କୌଣସି ଘଟଣା ମନକୁ ବିବ୍ରତ କରିପାରେ।

## ଚମକିଲେ ଭାରତୀୟ ...

ପ୍ରଥମ ପୃଷ୍ଠାରୁ...

ମ୍ୟାକ୍‌ଡୋନାଲ୍ଡ ଜଣେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଥିଲେ'' ବୋଲି ଲଢ଼େଇ ପରେ ପଙ୍ଘାଲ ପ୍ରକାଶ କରିଛନ୍ତି।

### ଟ୍ରିପଲ ଜମ୍ପ

ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ଭାରତ ଐତିହାସିକ ସଫଳତା ଲାଭ କରିଛି। ଭାରତୀୟ ପ୍ରତିଯୋଗୀମାନେ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କବ୍‌ଜା କରିଛନ୍ତି। ଏଲଦୋସେ ପଲ୍ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ତାଙ୍କ ସାଥି ପ୍ରତିଯୋଗୀ ଅବଦୁଲା ଅବୁବାକର ରୌପ୍ୟ ପଦକ ହାସଲ କରିଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାରତପାଇଁ ଏହା ଏକ ବିରଳ ସଫଳତାଭାବେ ବିବେଚନା କରାଯାଉଛି। ପଲ୍ ନିଜ ତୃତୀୟ ଉଦ୍ୟମରେ ୧୭.୦୩ ମିଟର ଡେଇଁ ଥିବାବେଳେ ଆବୁବାକର ୫ମ ଉଦ୍ୟମରେ ୧୭.୦୨ ମିଟର କ୍ଲିୟର କରି ପ୍ରଥମ ଦୁଇସ୍ଥାନ ଅଧିକାର କରି ନେଇଥିଲେ। ବର୍ମୁଡାର ଜାହ-ନହଲ ପେରିନଚିଫ ୧୬.୯୨ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୂର୍ବରୁ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ଟି ପଦକ ପାଇଥିଲେ ହେଁ କେବେହେଲେ ଭାରତର ଦୁଇ ପ୍ରତିଯୋଗୀ ଏକାବେଳେ ପୋଡିୟମ ଫିନିଶ୍ କରିପାରି ନ ଥିଲେ। ମହିନ୍ଦର ସିଂ ଗିଲ୍ ଗୋଟିଏ ଲେଖାଏ ବ୍ରୋଞ୍ଜ ଓ ରୌପ୍ୟ ଯଥାକ୍ରମେ ୧୯୭୦ ଓ ୧୯୭୪ରେ ହାସଲ କରିଥିଲେ। ସେହିପରି ରଞ୍ଜିତ ମାହେଶ୍ୱରୀ ୨୦୧୦ରେ ଏବଂ ଅର୍ପିନ୍ଦର ସିଂ ୨୦୧୪ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୌଣସି ଭାରତୀୟ ପ୍ରତିଯୋଗୀ ସ୍ୱର୍ଣ୍ଣିମ ସଫଳତା ପାଇ ନ ଥିଲେ।

## ଭାରତର ପଦକ

| | |
|---|---|
| **ସ୍ୱର୍ଣ୍ଣ** | |
| ନିତୁ ଘଙ୍ଘାସ | ୪୮ କେଜି ମହିଳା ବକ୍ସିଂ |
| ଅମିତ ପଙ୍ଘାଲ | ୫୧ କେଜି ପୁରୁଷ ବକ୍ସିଂ |
| ନିଖତ ଜରିନ | ୫୦ କେଜି ମହିଳା ବକ୍ସିଂ |
| ଏଲଦୋସେ ପଲ | ପୁରୁଷ ଟ୍ରିପଲ ଜମ୍ପ |
| **ରୌପ୍ୟ** | |
| ଅବଦୁଲା ଅବୁବାକର | ପୁରୁଷ ଟ୍ରିପଲ ଜମ୍ପ |
| ଅଚନ୍ତ ଶରଥ କମଲ-ଜି. ସାଥିଆଁ | ପୁରୁଷ ଡବଲ୍ସ ଟେବୁଲ ଟେନିସ |
| **ବ୍ରୋଞ୍ଜ** | |
| ଭାରତୀୟ ଦଳ | ମହିଳା ହକି |
| ଅନୁ ରାଣୀ | ମହିଳା ଜାଭେଲିନ ଥ୍ରୋ |
| ସନ୍ଦୀପ କୁମାର | ପୁରୁଷ ୧୦,୦୦୦ ମିଟର ରେସ୍ ୱାକିଂ |

## 'ପାଗ ସମ୍ପର୍କିତ ପୂର୍ବାନୁମାନକୁ ...

ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରବଳ ବର୍ଷା ଅଧିକ ହେଉଥିବାବେଳେ ସ୍ୱଳ୍ପ ବୃଷ୍ଟିପାତ ସଂଖ୍ୟା ହ୍ରାସ ପାଉଛି। ୨୦୨୫ ସୁଦ୍ଧା ପ୍ରଭାବ ଭିତ୍ତିକ ପୂର୍ବାନୁମାନ ଅଧିକ ନିର୍ଦ୍ଦିଷ୍ଟ ଓ ଠିକ୍ ହୋଇପାରିବ ଏବଂ ଆଗାମୀ ଦିନରେ ଆଇଏମ୍‌ଡି ପଞ୍ଚାୟତ ସ୍ତରର କ୍ଲଷ୍ଟର ତଥା ସହରର ନିର୍ଦ୍ଦିଷ୍ଟ ଅଞ୍ଚଳର ପାଣିପାଗ ସମ୍ପର୍କରେ ଠିକ୍ ପୂର୍ବାନୁମାନ କରିପାରିବ ବୋଲି ମହାପାତ୍ର କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳରେ ଅସ୍ଥିରତା ବୃଦ୍ଧି ପାଇଛି। ଫଳରେ ଅନେକ ସମୟରେ କାଳବୈଶାଖୀ, ବଜ୍ରପାତ ଓ ପ୍ରବଳ ବର୍ଷା ଭଳି ପାଗ ସୃଷ୍ଟି ହେଉଛି। ଆରବ ସାଗରରେ ଭୀଷଣ ସାମୁଦ୍ରିକ ଝଡ଼ବାତ୍ୟା ସଂଖ୍ୟା ବଢ଼ୁଛି। ବାରମ୍ବାର ପାଣିପାଗରେ ଏଭଳି ପରିବର୍ତ୍ତନ ପୂର୍ବାନୁମାନକାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଏହାର ସମାଧାନ ପାଇଁ ପର୍ଯ୍ୟବେକ୍ଷଣ ନେଟୱର୍କକୁ ଅଧିକ ଉନ୍ନତ କରାଯାଉଛି। ପାଣିପାଗର ଠିକ୍ ଆକଳନ ପାଇଁ ଅଧିକ ରାଡାର, ସ୍ୱୟଂକ୍ରିୟ ପାଣିପାଗ କେନ୍ଦ୍ର, ରେନ୍‌ଗଜ୍ ଓ ସାଟେଲାଇଟ ସ୍ଥାପନ କରାଯାଉଥିବା ଆଇଏମ୍‌ଡି ମୁଖ୍ୟ କହିଛନ୍ତି। ଉତ୍ତରପଶ୍ଚିମ ହିମାଳୟ ଅଞ୍ଚଳରେ ୬ଟି ରାଡାର ଲଗାଯାଇଥିବାବେଳେ ଚଳିତ ବର୍ଷ ଆଉ ୪ଟି ଲଗାଯିବ। ଉତ୍ତରପୂର୍ବ ହିମାଳୟ ଅଞ୍ଚଳ ପାଇଁ ୮ଟି ରାଡାର କିଣାଯାଉଛି। ଏହା ବ୍ୟତୀତ ଦେଶର ଅନ୍ୟ ଭାଗରେ ଅଧିକ ୧୧ଟି ରାଡାର ଲଗାଯିବ। ବର୍ତ୍ତମାନ ଦେଶରେ ୩୪ ପାଣିପାଗ ରାଡାର ଥିବାବେଳେ ଏହାକୁ ୨୦୨୫ ସୁଦ୍ଧା ୬୭କୁ ବଢ଼ାଯିବ। ଏଥିସହିତ ଭୂବିଜ୍ଞାନ ମନ୍ତ୍ରଣାଳୟ ଉଚ୍ଚକ୍ଷମତା ସମ୍ପନ୍ନ ଆକଳନ ବ୍ୟବସ୍ଥାର ଉନ୍ନତି ଲାଗି ଯୋଜନା କରିଛି। ଆଗାମୀ ଦୁଇବର୍ଷରେ ଏହାର ସାମର୍ଥ୍ୟ ୧୦ରୁ ୩୦ ପେଟାଫ୍ଲପ୍‌କୁ ବଢ଼ାଯିବ। ଫଳରେ ଏହା ଅଧିକ ଡାଟା ଗ୍ରହଣ କରିପାରିବ। ୱେଦର ମଡେଲର ରେଞ୍ଜ୍ ଯେତେ କମ୍ ହେବ ଆକଳନ ସେତେ ଅଧିକ ସ୍ୱଷ୍ଟ ହୋଇପାରିବ। ବର୍ତ୍ତମାନ ଆଇଏମ୍‌ଡି-ଏମ୍‌ଓଇଏସ୍‌ର ୱେଦର ମଡେଲିଂ ସିଷ୍ଟମର ରେଞ୍ଜ୍ ୧୨ କିଲୋମିଟର ଥିବାବେଳେ ଏହାକୁ ୬ କିଲୋମିଟରକୁ ହ୍ରାସ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସେହିପରି ଆଞ୍ଚଳିକ ମଡେଲିଂ ସିଷ୍ଟମର ରିଜଲ୍ୟୁଶନ ୩ କିଲୋମିଟରରୁ ୧ କିଲୋମିଟର କରାଯିବ। ବର୍ତ୍ତମାନ ଜିଲା ଓ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ପାଣିପାଗ ଆକଳନ କରାଯାଉଥିବାବେଳେ ଆଗାମୀ ଦିନରେ ପଞ୍ଚାୟତ ଓ ସହରର ନିର୍ଦ୍ଦିଷ୍ଟ ଅଞ୍ଚଳର ପାଣିପାଗ ବିଷୟରେ ପୂର୍ବାନୁମାନ କରାଯିବ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

## ଆଜି ଯୁକ୍ତ ୨ କଳା ...

ବିଜ୍ଞାନରେ ପାସ୍ ହାର ୯୪ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟରେ ପାସ୍ ହାର ୮୯ ପ୍ରତିଶତ ରହିଥିଲା। ରାଜ୍ୟର ୧,୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୩ ଲକ୍ଷ ୨୧ ହଜାର ୫୦୮ ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେଇଥିଲେ। କଳାରେ ୨ଲକ୍ଷ ୧୩ ହଜାର ୪୩୨ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୮୬୩ ଜଣ ପରୀକ୍ଷା ଦେଇଥିଲେ।

## ଆମ୍‌ସାର୍ ଆଇନ ...

ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ 'ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍' ମାନ୍ୟତା ପ୍ରଦାନ ପ୍ରସଙ୍ଗ ନେଇ ନିଜ ଦାବି ମଧ୍ୟ ଦୋହରାଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ନିକଟରେ ଦୀର୍ଘ ୨ ଦଶନ୍ଧି ହେଲା ରାଜ୍ୟ ଦାବି ରଖି ଆସୁଛି। ହେଲେ କେନ୍ଦ୍ର ସରକାର ଏ କଥାକୁ ଅଣଦେଖା କରୁଛନ୍ତି। ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏଭଳି ବିପର୍ଯ୍ୟୟରୁ ରାଜ୍ୟ ଏବଂ ଏଠାରେ ବାସ କରୁଥିବା ଲୋକଙ୍କୁ ରକ୍ଷା କରିବା ଲାଗି ସ୍ୱତନ୍ତ୍ର ଭିତ୍ତିଭୂମି ପ୍ରସ୍ତୁତ କରାଯାଉ। କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ଘୋଷଣା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଲାଗି ସ୍ୱତନ୍ତ୍ର ଅର୍ଥର ବ୍ୟୟବରାଦ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ଉକ୍ତ ବୈଠକ ଡାକିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ କରୋନା ମହାମାରୀକୁ ଅତି ଦାୟିତ୍ୱପୂର୍ଣ୍ଣ ଭାବେ ମୁକାବିଲା କରିବା ସ୍ୱାଗତଯୋଗ୍ୟ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଖେଳାଳିମାନେ ଯେଭଳି ପ୍ରଦର୍ଶନ କରିଛନ୍ତି ଏହା ପ୍ରଶଂସନୀୟ ବୋଲି ନବୀନ କହିବା ସହ କ୍ରୀଡାବିତ୍‌ମାନେ ନିଜ ମାତୃଭୂମିକୁ ଗର୍ବିତ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ହେଉଛନ୍ତି ଗୋଟିଏ ଗୋଟିଏ ରାଜନୈତିକ ସଂସ୍ଥା। ଅନେକ ସମୟରେ କେନ୍ଦ୍ରୀୟ ଯୋଜନା ଲାଗୁ କରିବା ବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ନୀତି ଆୟୋଗ ଏହାକୁ ସମାଧାନ କରିବାର ଆବଶ୍ୟକତା ଅଛି। ଏହାଦ୍ୱାରା ସଂଘୀୟ ଗଣତନ୍ତ୍ର ଏବଂ ଯୋଜନାର ଠିକ୍ କାର୍ଯ୍ୟକାରିତା ଦିଗରେ ସହଜ ହେବ। ହେଲେ ଓଡ଼ିଶା ସବୁବେଳେ ଟେଲିକମ୍, ରେଲୱେ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅବହେଳିତ ହୋଇଆସୁଛି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ସେବାକୁ ଆଗକୁ ନେବାରେ ଓଡ଼ିଶା ପଛରେ ରହିଯାଇଛି। ଏହିସବୁ କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଦେବା ଲାଗି ନବୀନ ଅନୁରୋଧ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ତୃଣମୂଳସ୍ତରରେ ଲାଗୁ କରାଯିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ବହୁ ଯୋଗ୍ୟ ଚାଷୀଙ୍କୁ ଏଥିରୁ ବାଦ୍ ହେବାକୁ ପଡ଼ିଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ନୀତି ଆୟୋଗ ଏହାକୁ ଅନୁଧ୍ୟାନ କରି ସମାଧାନର ରାସ୍ତା କାଢ଼ନ୍ତୁ। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନୂଆ ତାଲିକାରୁ ବହୁ କେବିକେ ଜିଲା ଏବଂ ଆଦିବାସୀଙ୍କୁ ବାଦ୍ ଦିଆଯାଇଛି। ତେଣୁ କେନ୍ଦ୍ର ସରକାର ଏହି ସମସ୍ୟାକୁ ଗୁରୁତର ସହ ନେଇ ତୁରନ୍ତ ଅଧିକ ଘର ଏହି ଯୋଜନାରେ ପ୍ରଦାନ କରନ୍ତୁ। ଏ ବାବଦରେ ଆସିଥିବା ସମସ୍ତ ଦ୍ୱନ୍ଦ୍ୱ ରାଜ୍ୟ ସରକାର ଦୂର କରିଥିବା ସେ କହିଛନ୍ତି। ଗୁଜରାଟର ରାନୀ କା ଭାଉ ଯାହା ୟୁନେସ୍କୋ ହେରିଟେଜ ସାଇଟ୍‌ରେ ଅଛି ତାହା ସ୍ୱାଗତଯୋଗ୍ୟ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ ତାରିଖରୁ ସୋମବାର ପର୍ଯ୍ୟନ୍ତ ଦିଲ୍ଲୀ ଗସ୍ତରେ ଅଛନ୍ତି। ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ସହିତ କୃଷି, ସ୍ୱାସ୍ଥ୍ୟ, ସହରାଞ୍ଚଳ ବିକାଶ କ୍ଷେତ୍ରରେ ଅଧିକ ଆର୍ଥିକ ସହାୟତା ରାଜ୍ୟକୁ ଦେବା ଲାଗି ନୀତି ଆୟୋଗ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଏବଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ସୁପରପାୱାର ହେବାର କ୍ଷମତା ରଖେ। ସାମଗ୍ରିକ ବିକାଶ ଦ୍ୱାରା ଏହା ସମ୍ଭବ। କେନ୍ଦ୍ର ଓ ରାଜ୍ୟ ଉଭୟ ୨ଟି ରାଜନୈତିକ ଶକ୍ତି ହୋଇଥିବାରୁ କେନ୍ଦ୍ରର ଅନେକ ଯୋଜନା ଲାଗୁ ହେବାରେ ସମସ୍ୟା ହୋଇଥାଏ ବୋଲି ସେ କହିଛନ୍ତି। ଏହାସହ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହିତ ଅନ୍ୟ ସମସ୍ତ ରାଜ୍ୟର ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଠିକ୍ ଭାବେ କାର୍ଯ୍ୟକାରୀ ହେବ, ଯାହାଦ୍ୱାରା ଏହା ଦେଶର ପ୍ରକୃତ ଏକତା ଏବଂ ସଂଘୀୟ ଗଣତନ୍ତ୍ରରେ ପ୍ରତିଫଳିତ ହେବ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳପୋଛା ପୁଅ ଗେଲ ବସର**
**ଲେଫଡା ମୁହଁଟା ଦିଶେ ସୁନ୍ଦର।**

ସାଧାରଣତଃ ବାପା ମାଆଙ୍କ ଶେଷ ସନ୍ତାନ ଅତି ଗେଲବସରର ହୋଇଥାନ୍ତି। ସେହିପରି ରୂପ, ବର୍ଣ୍ଣ ତଥା ଚେହେରା ଯେତେ ଅସୁନ୍ଦର ହୋଇଥିଲେ ମଧ୍ୟ ବାପା ମାଆଙ୍କ ଆଖିରେ ସନ୍ତାନ ସର୍ବଦା ସୁନ୍ଦର ଦିଶୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୂଅରେ ପଡିଲା ଗୋଡି**
**ମତେ ନ ବୋଲିବ ବୁଢ଼ୀ ବୋଲି**
**ବଅସ ମୋ ତିନି କୋଡ଼ି।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରିସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ଅପଚେଷ୍ଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭୁବନେଶ୍ୱରରୁ ଆଉଜଣେ ଗିରଫ

## ପାରାଦୀପ ବନ୍ଦରରେ ଲାଞ୍ଚ କାରବାର ମାମଲା

ଭୁବନେଶ୍ୱର,୭।୮(ବ୍ୟୁରୋ)

ପାରାଦୀପ ବନ୍ଦରରେ ଏକ କନଭେୟର ବେଲ୍ଟ ମରାମତି ପାଇଁ ହୋଇଥିବା ଲାଞ୍ଚ କାରବାର ଘଟଣାରେ ସିବିଆଇ ଖୋଳତାଡ଼ ଜାରି ରଖିଛି। ମାମଲାରେ ରବିବାର ଆଉ ଜଣଙ୍କୁ ସିବିଆଇ ଗିରଫ କରିଥିବା ସୂଚନା ମିଳିଛି। ସେ ହେଲେ ଭୁବନେଶ୍ୱର ବମିଖାଲରେ ରହୁଥିବା ଦେବପ୍ରିୟ ମହାନ୍ତି। ସେ କେସିଟି କମ୍ପାନୀରେ କାମ କରୁଥିଲେ ବୋଲି କୁହାଯାଉଛି। ସିବିଆଇର ଏଫ୍‌ଆଇଆର୍‌ରେ ଦେବପ୍ରିୟଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ତେବେ ଏହି ମାମଲାରେ ଶୁକ୍ରବାର ପାରାଦୀପ ବନ୍ଦରର ଚିଫ୍ ମେକାନିକାଲ ଇଞ୍ଜିନିୟର (ସିଏମ୍‌ଇ) ସରୋଜ କୁମାର ଦାସଙ୍କ ସମେତ ୪ ଏବଂ ଶନିବାର ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ଓସିଏଲ୍‌ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମା ମିଶ୍ରଙ୍କ ସାନପୁଅ ଚର୍ଚ୍ଚିତ ମିଶ୍ର ଓ ବିଲ୍ଡର ଶିଶିର ଦାସଙ୍କୁ ଗିରଫ କରାଯାଇଥିଲା। ଫଳରେ ଏବେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୭ରେ ପହଞ୍ଚିଥିବାବେଳେ ଲାଞ୍ଚ କାରବାରରେ ଆଉ କାହାର ସମ୍ପୃକ୍ତ ରହିଛି ସେନେଇ ସିବିଆଇ ଖୋଳତାଡ଼ କରୁଛି।


## classifieds Everyday
0674-2580101, 2549302

real estate

**SALE**

2BHK flat 1265sqft. 2Bath, 2Balcony, Pujaroom, very near GuruNanak Public & Venketeswar School & Saraswati Sisu Mandira at Gudiapokhari Chhaka. 9437562371. D-73713

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-,** ବାରଙ୍ଗ-ଦ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

healthcare

Newly open full body massage, ladies and gents. 7846923244. D-73948

All type body massage by Expert Therapist, Room service available. 8917243035. D-73631

Newly open SPA positively health benefit with expert. Contact: 7749976301. D-73854

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73949

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage 1099 free massage one. Mo: 9583808247. D-1164

**AFFIDAVIT**

By virtue of resolution passed on 03.08.2022 by Board Trustee of Sri Jagannath Education & Charitable Trust, Bhubaneswar and affidavit before Notary Public, Bhubaneswar on 07.08.2022 our College name changed from Capital Academy of Nursing to Manjari Devi Academy of Nursing. Henceforth our College shall be known as Manjari Devi Academy of Nursing for all purposes. D-71040

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ପୋଷ୍ଟରରେ ଶକ୍ତି ପ୍ରଦର୍ଶନ

**କଟକ ଅଫିସ,୭/୮**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସୋମବାର କଟକ ଗସ୍ତକୁ ନେଇ ଭାଜପା କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ତାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଦେବା ପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ପ୍ରାଣପଣେ ଲାଗିପଡ଼ିଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କଟକ ଆସୁଥିବାରୁ ବିଜେଡି ନେତୃବୃନ୍ଦ ଓ କର୍ମକର୍ତ୍ତା ମଧ୍ୟ କିଛି କମ୍‌ରେ ନାହାନ୍ତି। ଉଭୟ ଦଳ ପକ୍ଷରୁ ଶାହା ଓ ନବୀନଙ୍କ ଫଟୋ ସାଙ୍ଗକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋ ଥିବା ପୋଷ୍ଟର ସହରସାରା ଛାଇଯାଇଛି, ଯାହା ଦଳୀୟ ଶକ୍ତି ପ୍ରଦର୍ଶନ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ୫ ହଜାର ଲୋକଙ୍କ ସମାଗମ ଲକ୍ଷ୍ୟ ରଖାଯାଇଥିବାବେଳେ ଭାଜପା ପକ୍ଷରୁ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରାଯିବ ବୋଲି ଜଣାଯାଇଛି। ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ପ୍ରଜାତନ୍ତ୍ର ଖବରକାଗଜର ୭୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବା ନିମନ୍ତେ ଏହି ନେତୃବୃନ୍ଦଙ୍କ କଟକ ଆଗମନ ଉଭୟ ଦଳକୁ ଖୋରାକ ଯୋଗାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଚାଲିଥିଲେ ବି ଓଡ଼ିଶାରେ ଦଳର ସ୍ଥିତି ଭଲ ନାହିଁ, ଯଦିଓ କେନ୍ଦ୍ରରେ ଏବେ ଗୁରୁତ୍ୱପୂର୍ଣ୍ଣ ରେଳ ଓ ଶିକ୍ଷା ମନ୍ତ୍ରୀ ପଦରେ ଓଡ଼ିଶାର ନେତୃତ୍ୱକୁ ପ୍ରାଧାନ୍ୟ ଦିଆଯାଇଛି। ପୁଣି ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ଚୟନ କରି ରାଷ୍ଟ୍ରର ସର୍ବୋଚ୍ଚ ଆସନରେ ଆସୀନ କରାଯାଇପାରିଛି। ଭାଜପାର ଏଭଳି ଗୋଟି ଚାଳନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ପାଦେ ଆଗକୁ ଯାଇ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେଇ ରାଜ୍ୟବାସୀଙ୍କ ଆଗରେ ମହାନତା ପ୍ରତିପାଦିତ କରିଛନ୍ତି। ତେବେ ଭାଜପାର କଳକୌଶଳ ଓଡ଼ିଶାରେ ସେଭଳି କିଛି କାମ କଲା ଭଳି ଲାଗୁନାହିଁ ବୋଲି ଆଲୋଚନା ହେଉଛି। ସେ ଯାହାହେଉ, ଭାଜପା ଓ ବିଜେଡି ନିଜ ନିଜ ରଣନୀତି ସଜାଡ଼ିବାରେ ଲାଗିଛନ୍ତି। କିଛି ବର୍ଷ ହେବ କଟକର ଲୋକ ସଭା, ରାଜ୍ୟ ସଭା ଓ ବିଧାନସଭା ଆସନ ବିଜେଡି ଅକ୍ତିଆରରେ ଥିବା ବେଳେ ଚଳିତ ଥର ବାରବାଟୀ–କଟକ ଆସନ ଖସି କଂଗ୍ରେସ ହାତକୁ ଚାଲିଯିବା ବିଜେଡିକୁ ବ୍ୟଥିତ କରିଛି। ତେଣୁ ବିଜେଡିର ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ନିଜ ନିର୍ବାଚନମଣ୍ଡଳୀ ଓ ସାଂଗଠନିକ ଦିଗକୁ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହେଉଛି। ଉଭୟ ଦଳର ନେତୃବୃନ୍ଦଙ୍କ ଗସ୍ତ ବେଳେ ଦଳୀୟ ଭାବେ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରଖାଯାଇଛି, ଯାହା ଓଡ଼ିଶାବାସୀଙ୍କୁ ନୂତନ ବାର୍ତ୍ତା ପ୍ରଦାନ କରିବ ବୋଲି ଆଲୋଚନା ହେଉଛି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି କହିଛନ୍ତି, ଶାହାଙ୍କୁ କଟକରେ ସ୍ୱାଗତ, ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଦଳ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶାହା କଟକରେ ପହଞ୍ଚିବା ପରେ ନିଶାମଣି ହଲ ନିକଟରେ ପ୍ରଥମେ ତାଙ୍କୁ ସ୍ୱାଗତ କରାଯିବ। ପରେ ପାଲାମଣ୍ଡପ, ବାଦାମବାଡ଼ି, ଦୋଳମୁଣ୍ଡାଇ, ହରିପୁର, ସେମିନାରି ଛକ, ଦରଘାବଜାର, ତିନିକୋଣିଆ ବଗିଚା, ବକ୍ସିବଜାର, ଚଣ୍ଡୀଛକ ଆଦି ସ୍ଥାନରେ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସେଥିପାଇଁ ସହରସାରା ଦଳୀୟ ପତାକା ସାଙ୍ଗକୁ ହୋର୍ଡିଂ ଲଗାଯାଇଛି। ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ ଆସୁଥିବାରୁ ସମସ୍ତ ନେତା ଓ କର୍ମୀମାନେ ବହୁ ଭାବେ ଉତ୍ସାହିତ ଅଛନ୍ତି। ସେହିପରି ବିଜେଡି ନଗର ସଭାପତି ମଧୁସୂଦନ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ଉପରପଡ଼ିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବା ପରେ ସେଠାରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ତାଙ୍କୁ ସ୍ୱାଗତ କରାଯିବ। ଏଥିପାଇଁ ବାରବାଟୀ–କଟକ, ଚୌଦ୍ୱାର–କଟକ ଓ କଟକ ସଦର ନିର୍ବାଚନମଣ୍ଡଳୀରୁ ପାଖାପାଖି ୫ ହଜାର ଲୋକଙ୍କୁ ସମବେତ କରାଇବାର ଯୋଜନା ରହିଛି। ହେଲେ ଶୋଭାଯାତ୍ରାର କୌଣସି କାର୍ଯ୍ୟକ୍ରମ ନାହିଁ। ଅନ୍ୟପକ୍ଷରେ କଂଗ୍ରେସ ନଗର ଜିଲା ସଭାପତି ଗିରିବାଳା ବେହେରା କହିଛନ୍ତି, ଏହି କାର୍ଯ୍ୟକ୍ରମ ପ୍ରଜାତନ୍ତ୍ର ଖବରକାଗଜର ୭୫ତମ ପ୍ରତିଷ୍ଠା ଉତ୍ସବ ହୋଇଥିବାରୁ ଓ ଏଥିରେ କେନ୍ଦ୍ରମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ କୌଣସି ରାଜନୈତିକ ରୂପ ଦେବା ଉଚିତ୍ ନୁହେଁ।




ଦଳୀୟ ନେତାଙ୍କୁ ସ୍ୱାଗତ କରିବା ପାଇଁ କଟକ ବାରବାଟୀ ଷ୍ଟାଡିୟମ ଛକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଲାଗିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୋଷ୍ଟର।

**ଆଜି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ କଟକ ଗସ୍ତ**

- ରାଜନୈତିକ ଉଷ୍ମତାରେ ଶାସକ-ବିରୋଧୀ
- ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ୫ ହଜାର ଲୋକ
- ବିଭିନ୍ନ ଛକରେ ଶାହାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ

# ଓଡ଼ିଶା ଗସ୍ତରେ ଶାହା

**ଭୁବନେଶ୍ୱର, ୭/୮ (ବ୍ୟୁରୋ)**

## ଆଭିମୁଖ୍ୟକୁ ଅପେକ୍ଷା

- ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଘନଘନ କାର୍ଯ୍ୟକ୍ରମ
- ଦଳୀୟ କାର୍ଯ୍ୟାଳୟଠାରୁ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଶୁଭାରମ୍ଭ
- ସକାଳୁ ଲିଙ୍ଗରାଜ ଦର୍ଶନ
- ଭୁବନେଶ୍ୱରରୁ କଟକ ସବୁଠାରେ ସମ୍ବର୍ଦ୍ଧନା ଲାଗି ପ୍ରସ୍ତୁତି
- ନେତାଜୀଙ୍କ ଜନ୍ମସ୍ଥାନ ବୁଲିବେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୪ ବର୍ଷ ୪ ମାସ ପରେ ରବିବାର ବିଳମ୍ବିତ ସନ୍ଧ୍ୟାରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତା ଓ କର୍ମୀ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ ସହ ପାଛୋଟି ନେଇଛନ୍ତି। ଶାହା ଏହି ଗସ୍ତ କାଳରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ସେ ପହଞ୍ଚିବା ପରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିଛନ୍ତି। ତେବେ ଶାହାଙ୍କ ଏହି ଗସ୍ତ ସମୟରେ ସେ ଓଡ଼ିଶା ସରକାର ଏବଂ ବିଜେଡି ବିରୋଧରେ କି ପ୍ରକାର ଆଭିମୁଖ୍ୟ ରଖିବେ ତାକୁ ନେଇ ବର୍ତ୍ତମାନ ଚାରିଆଡେ ଚର୍ଚ୍ଚା। ଦଳର ନେତାଙ୍କଠାରୁ ଆରମ୍ଭ କରି କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ପୁରୁଣା ଆକ୍ରମଣର ସ୍ୱରକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି। ହେଲେ ରାଷ୍ଟ୍ରପତି ନିର୍ବାଚନଠାରୁ ଆରମ୍ଭ କରି ଉପରାଷ୍ଟ୍ରପତି ନିର୍ବାଚନ ଏବଂ କେନ୍ଦ୍ରର ଅନେକ କଥାରେ ରାଜ୍ୟ ସରକାର ସମର୍ଥନ ଦେଇଚାଲିଛନ୍ତି। ତେଣୁ ବିଜେଡି ଓ ଭାଜପା କର୍ମୀ ଏହି ସମ୍ପର୍କକୁ ନେଇ କିଛି ବୁଝି ପାରୁନାହାନ୍ତି। ଆଗକୁ ଉଭୟ ଦଳ ପରସ୍ପର ବିରୋଧକେକର ଲଢ଼େଇ କରିବେ ନା ନାହିଁ ତାକୁ ନେଇ ଦ୍ୱନ୍ଦ୍ୱରେ ପଡିଥିବା ରାଜନୈତିକ ବିଶ୍ଳେଷକଙ୍କଠାରୁ ଆରମ୍ଭକରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଆଲୋଚନା କରୁଛନ୍ତି। ତେବେ ଶାହା ଏଥର ଓଡ଼ିଶା ଆସିବା ପରେ କିଛି ଶାଣିତ ଢଙ୍ଗରେ ନିଜ ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି, ହେଲେ ଏ କଥା ଖୁବଶୀଘ୍ର ସ୍ପଷ୍ଟ ହୋଇଯିବ।

ସୋମବାର ସକାଳ ୮ଟାରେ ଲିଙ୍ଗରାଜ ମନ୍ଦିର ଦର୍ଶନରେ ଯିବେ। ସେଠାରୁ ଦର୍ଶନ ସାରି ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଘରେ ଜଳପାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେଠାରୁ ସେ ସିଧାସଳଖ ପୁଣି ରହୁଥିବା ହୋଟେଲକୁ ଯାଇ ସେଠାରେ ସାମାନ୍ୟ ବିଶ୍ରାମ ନେବା ପରେ କଟକ ଅଭିମୁଖେ ବାହାରିଯିବେ। ଏହାପରେ କଟକ ଯିବା ସମୟରେ ରାସ୍ତାରେ ନେତା ଓ କର୍ମୀଙ୍କୁ ସେ ଭେଟିକି ଯିବେ। ପ୍ରଥମେ ନଖରାଠାରେ ଦଳୀୟ ନେତା ଓ କର୍ମୀମାନେ ଶାହାଙ୍କୁ ସମ୍ବର୍ଦ୍ଧିତ କରିବେ। ଏହାପରେ ଲିଙ୍କ ରୋଡ୍, ପାଲା ମଣ୍ଡପ, ବାଦାମବାଡି, ଦୋଳମୁଣ୍ଡାଇ, ହରିପୁର, ସେମିନାର ଛକ, ଦର୍ଘା ବଜାର ଆଦି ସ୍ଥାନରେ ଶାହାଙ୍କୁ ନେତା, କର୍ମୀମାନେ ଭେଟି ସମ୍ବର୍ଦ୍ଧିତ କରିବେ। ଏହାପରେ ସେ ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଓଡ଼ିଆ ବଜାର ସ୍ଥିତ ଜନ୍ମସ୍ଥାନକୁ ଯିବେ। ସେଠାରୁ ବାହାରିବା ପରେ ପୁଣି ତିନିକୋଣିଆ ବଜାର, ବକ୍ସି ବଜାର, ଚଣ୍ଡୀ ମନ୍ଦିର ଛକ, ବାରବାଟୀ ଫୋର୍ଟଠାରେ ନେତା, କର୍ମୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ସେଠାରୁ କଟକ ଇଣ୍ଡୋର ଷ୍ଟାଡିୟମଠାରେ ୧୧ଟାରେ ପହଞ୍ଚିବେ। ସେଠାରେ ଏକ ଦୈନିକ ଖବରକାଗଜର କାର୍ଯ୍ୟକ୍ରମରେ ସାମିଲ ହେବେ। ସେଠାରେ ଶାହାଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ କେତେଜଣ ନେତା ମଧ୍ୟ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଉଭୟ ବିଜେଡି ଓ ଭାଜପା ନିଜ ଶକ୍ତି ପ୍ରଦର୍ଶନ ପାଇଁ ଲାଗି ପଡ଼ିଛନ୍ତି। ଏହି କାର୍ଯ୍ୟକ୍ରମ ଶେଷ ହେବାପରେ ସେଠାରୁ ଶାହା ପୁଣି ନୂଆପାଟଣା, ମଙ୍ଗଳାବାଗ, କଲେଜ ଛକ, ଓଏମ୍‌ପି ଛକଠାରେ କର୍ମୀମାନଙ୍କୁ ଭେଟିସାରି ଭୁବନେଶ୍ୱର ଫେରିବେ।

ଭୁବନେଶ୍ୱର ସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସେଠାରେ ଶାହାଙ୍କୁ ଭବ୍ୟ ସ୍ୱାଗତ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ପାର୍ଟି ଅଫିସ ବାହାରେ ପାର୍କିଂ ସ୍ଥଳୀରେ ମଞ୍ଚ ଏବଂ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ସେଠାରେ ସେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ କରିବେ। ଉକ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଦଳର ୩୦ରୁ ୪୦ ଆଗଧାଡ଼ି ନେତାଙ୍କ ସହ ଏକ ଗୁପ୍ତ ବୈଠକ କରିବେ। ନିକଟରେ ବିରୋଧୀ ଦଳ ନେତା ପଦରେ ପରିବର୍ତ୍ତନ କରାଯାଇଛି। ତେଣୁ ବିରୋଧୀ ଦଳ ନେତା ଭାବେ ନୂଆକରି ଦାୟିତ୍ୱ ନେଇଥିବା ଜୟନାରାୟଣ ମିଶ୍ରଙ୍କ ସହ ମଧ୍ୟ ଆଗାମୀ ରାଜନୈତିକ କାର୍ଯ୍ୟପନ୍ଥା ନେଇ ସେ ଆଲୋଚନା କରିବେ। ସେଠାରୁ ପୁଣି ହୋଟେଲ ଅଭିମୁଖେ ଗସ୍ତ କରିବେ। ଉକ୍ତ ହୋଟେଲରେ ଶାହା ଓଡ଼ିଶା ଚାପ୍ଟର ଅଫ୍ ମୋଦି @୨୦ର ଡ୍ରିମ୍‌ସ ମିଟ୍ ଡେଲିଭରି ପୁସ୍ତକ ଉନ୍ମୋଚନ କରିବେ। ଏହାପରେ ସେ ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

## ବଳାତ୍କାର ପରେ ହତ୍ୟା ବୃଦ୍ଧି ପାଇଁ ମୃତ୍ୟୁଦଣ୍ଡ ଦାୟୀ: ଗେହଲଟ



ଅଶୋକ ଗେହଲଟ

**ଜୟପୁର,୭/୮**

ଆଇନରେ ସଂଶୋଧନ କରାଯାଇ ବଳାତ୍କାର ମାମଲାରେ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିବା ପରେ ଦେଶରେ ବଳାତ୍କାର ପରେ ପୀଡ଼ିତାଙ୍କୁ ହତ୍ୟା ଘଟଣା ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ଦରବୃଦ୍ଧି ଏବଂ ବେରୋଜଗାରୀ ବିରୋଧରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିଲ୍ଲୀରେ କଳାଦିବସ ପାଳନ କରାଯାଉଥିବାବେଳେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ବଳାତ୍କାରୀଙ୍କୁ ଫାଶୀ ଦେବା ଆଇନ ଯେବେଠାରୁ କାର୍ଯ୍ୟକାରୀ ହେଲା, ସେହିଦିନଠାରୁ ଦେଶରେ ବଳାତ୍କାର ପରେ ହତ୍ୟା ମାମଲା ବଢ଼ିଚାଲିଛି। ସୂଚନାଯୋଗ୍ୟ, ୨୦୧୨ରେ ଦିଲ୍ଲୀରେ ନିର୍ଭୟା ବଳାତ୍କାର ଓ ହତ୍ୟା ଘଟଣା ପରେ ଆଇନକୁ କଡ଼ାକଡ଼ି କରି ବଳାତ୍କାରୀମାନଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ଦେଶବ୍ୟାପୀ ଦାବି ହୋଇଥିଲା। ଫଳରେ ସରକାର ସରକାର ଆଇନରେ ପରିବର୍ତ୍ତନ କରି ବୀଭତ୍ସ ବଳାତ୍କାର ଘଟଣାରେ ସର୍ବାଧିକ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା କରିଥିଲେ। ଏହା ପରେ ପ୍ରମାଣ ଲୁଚାଇବା ପାଇଁ ବଳାତ୍କାର ପରେ ପୀଡ଼ିତାଙ୍କୁ ହତ୍ୟା କରାଯିବା ଭଳି ଭୟଙ୍କର ଟ୍ରେଣ୍ଡ ଦେଶରେ ଚାଲିଥିବା ଗେହଲଟ୍ କହିଛନ୍ତି।

# ଫଡ଼ନବିସ ହେବେ ଗୃହମନ୍ତ୍ରୀ

**ନୂଆଦିଲ୍ଲୀ,୭/୮**



**୧୫ ପୂର୍ବରୁ ମହାରାଷ୍ଟ୍ର କ୍ୟାବିନେଟ ସମ୍ପ୍ରସାରଣ**

ଅଗଷ୍ଟ ୧୫ ପୂର୍ବରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଯାଉଛନ୍ତି। ଏଥିରେ ଅନ୍ୟୂନ ୧୫ ଜଣ ମନ୍ତ୍ରୀ ସାମିଲ ହେବେ। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ହାତରେ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ ରହିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଶିବସେନାରେ ବିଦ୍ରୋହ ଯୋଗୁ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ଜୁନ୍ ୩୦ରେ ସିନ୍ଦେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଓ ଫଡ଼ନବିସ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଇତିମଧ୍ୟରେ ୩୮ଦିନ ବିତିଥିଲେ ମଧ ମନ୍ତ୍ରିମଣ୍ଡଳ ଗଢ଼ାଯାଇପାରି ନାହିଁ। ୨ ଜଣିଆ କ୍ୟାବିନେଟରେ ସରକାର ଚାଲିଥିବାରୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି।

# 'ଉଡ୍ ତ୍ରିରଙ୍ଗା ଉଡ୍' ଗୀତ ଉନ୍ମୋଚନ କଲା ଭାଜପା

**ଭୁବନେଶ୍ୱର, ୭/୮ (ବ୍ୟୁରୋ):**

ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ୍ ସଂଗ୍ରାମୀ ଏବଂ ତାଙ୍କ ଜୀବନଶୈଳୀ ଓ ବିଚାରଧାରାକୁ ଏବେର ଯୁବପିଢ଼ିଙ୍କ ମଧ୍ୟରେ ଅବଗତ କରାଇବା ନିହାତି ଆବଶ୍ୟକ । ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି 'ହର୍ ଘର୍ ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଉତ୍ତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାରେ ସଫଳ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମର ସୁପ୍ରଚାର ଓ ପ୍ରସାର ପାଇଁ ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ କୋରାପୁଟିଆ ଦେଶୀ ଗୀତ 'ଉଡ୍ ତ୍ରିରଙ୍ଗା ଉଡ୍'କୁ ଉନ୍ମୋଚିତ କରାଯାଇଛି। ବିଭୂତି ସ୍ୱାଇଁଙ୍କ ଦ୍ୱାରା ଲିଖିତ କୋରାପୁଟିଆ ଦେଶିଆ ଗୀତ 'ଉଡ୍ ତ୍ରିରଙ୍ଗା ଉଡ୍'କୁ ଅକ୍ଷୟ ଶେମୋର୍ଲିଆ କଣ୍ଠଦାନ କରିଥିବାବେଳେ କାଳିଚରଣ ବାରା ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ଏହି ଗୀତର ଓଡିଆ ସଂସ୍କରଣକୁ ନନ୍ଦିନୀ ଶତପଥୀ ଓ ନେହା କଣ୍ଠଦାନ କରିଛନ୍ତି । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ।

**Bhubaneswar Municipal Corporation**
*Progress through Partnership for better Bhubaneswar*

XXII (L) - 33/17 (PT)
RFP No.: 37643 Date: 04.08.2022

**RFP for "Advertisement Rights on Government Land under 2 packages of North Zone in BMC"**

**No. C-962:-** Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking Advertising rights on Government Land under 2 packages of North Zone in BMC. The detailed RFP document shall be made available in the website bmc.gov.in from 05.08.2022 at 12.00 noon onwards. The last date of receipt of application is till 5.00 PM on 30.08.2022. For any clarification, an e-mail may be sent on bmcpmu@bmc.gov.in.

By Order
Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0065/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

XXII (L) - 33/17 (PT)
RFP No.: 37805 Date: 05.08.2022

**RFP for "Advertisement Rights on Government Land under 3 packages of South-West Zone in BMC"**

**No. C-963:-** Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking Advertising rights on Government Land under 3 packages of South-West Zone in BMC. The detailed RFP document shall be made available in the website bmc.gov.in from 05.08.2022 at 12.00 noon onwards. The last date of receipt of application is till 5.00 PM on 30.08.2022. For any clarification, an e-mail may be sent on bmcpmu@bmc.gov.in.

By Order
Sd./- Dy. Commissioner (Revenue)
Bhubaneswar Municipal Corporation
OIPR-13002/11/0066/2223

**OFFICE OF THE EXECUTIVE ENGINEER**
**KENDRAPARA (R&B) DIVISION-I, KENDRAPARA**
E-Mail I.D.-eernbkdp@gmail.com; Tel.(06727)-220268; Fax No.(06727)-220862
**GOVERNMENT OF ODISHA "e" procurement Notice**
**e-procurement Notice for ROAD & Building works**
No. B-449:-
**Bid Identification No. E.E., R n B KDP-I 05/ 2022-23**

1. No. of work :- 1 No. of Building
2. Estimated Cost :- ₹ 42.60 lakhs (Approximately)
3. Period of completion :- 04 (Four) Calendar Months
4. Date & time of sale & receipt of bid document :- From 10.00 A.M. of 08.08.2022 to 5PM of 25.08.2022
5. Last date / time of receipt of bids :- 5PM of 25.08.2022
6. Date & time of Opening of Bids :- 11.00AM of 26.08.2022
7. Name and address of the Officer Inviting Bid :- Executive Engineer, Kendrapara (R and B) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in"

Sd./- (Er. K.C. Behera)
Executive Engineer, Kendrapara (R&B) Division-I
OIPR-34097/11/0004/2223

**GOVERNMENT OF ODISHA**
**COOPERATION DEPARTMENT**
**Advertisement for re-engagement as Legal Consultant in Cooperation Department**

No.LL-13:- Applications in the prescribed format are invited from interested retired Law Officers / those retired from Odisha Legal Service / OSJS well versed with court cases and legal matters for contractual engagement as Legal Consultant (One post) in the Secretariat Establishment of Cooperation Department in accordance with GA & PG Department Resolution No. 23750-GAD dated 27.08.2014 and Finance Department Memo No. 7022, dated 17.03.2018. The application along with biodata form available in the department website: https://coop.odisha.gov.in/ should reach the undersigned within 15 days from the date of publication of the Advertisement. Application(s) received thereafter shall not be entertained.

Sd./- Additional Secretary to Government,
Cooperation Department
OIPR-39001/11/0003/2223

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
Letter No. 9032 Date: 06.08.22
**Invitation for Bids**
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. BMC (BAM):- 265/2022-2023**
No. C-970:-

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of work | CIVIL |
| 3 | No. of work | 01 No. |
| 4 | Bid Cost. | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 10.00 hrs. of 08.08.22 to 17.00 hrs. of 23.08.22 |
| 8 | Date & Time of Opening of Technical Bids | 11.30 hrs. onwards on Dt. 24.08.22 |
| 9 | Date & time of opening of financial bids | Shall be intimated to the responsive Technically qualified bidder after evolution of Technical bids. |
| 10 | Mode of submission of tender | Tender should submitted Online in www.tendersorissa.gov.in |
| 11 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner,
Berhampur Municipal Corporation, Berhampur, Odisha
OIPR-13035/11/0031/2223

**GOVERNMENT OF ODISHA** No. B-453
**OFFICE OF THE CHIEF CONSTRUCTION ENGINEER, BALANGIR(R&B) CIRCLE, BALANGIR**
Mail ID : - sepwdbalangir@gmail.com
**e - Procurement Notice**
**BID IDENTIFICATION No: CCE(R&B) BGR/05/2022-23**
**No. 2725 // Dtd. 03.08.2022**

1. The **Chief Construction Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **Special/Super** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Road work
3. No. of tender : Road work = 01 No.
4. Tender Cost : Rs.10,000/-
5. Class of Contractor : **Special/Super**
6. Date & Time of sale & Receipt of Bids : From Dt.16.08.2022, 10.00 A.M. to Dt.30.08.2022 up to 05.00 P.M.
7. Date of opening Bid : Dt.03.09.2022 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd./- Chief Construction Engineer,
Balangir (R&B) Circle, Balangir
OIPR-34131/11/0008/2223

See Career Appointment on every Wednesday & Saturday

**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**
Main Road, Jeypore, Dist: Koraput, Odisha
Phone No. 06854-231098, e-Mail: ulbjeypore@gmail.com
Letter No.: 5997/JM Date: 05 August 2022
**SHORT QUOTATION CALL NOTICE**

No. C-966:- Sealed quotations are invited from the intending local tailors for stitching of below mentioned liveries and the same will be received by the undersigned on 13.08.2022 upto 5.00 PM on working days by Regd Post or in person. The Quotations will be opened on 14.08.2022 at 11.00 AM in this office in presence of the quotationer or their authorised persons. The rate should be quoted for each item including stitching and other charges in Quotation. The stitched dresses should be delivered in Municipal Office, Jeypore by 25.08.2022 completing in all respect. The cloths shall be supplied by this office. Any correction/overwriting on the quotation paper without self attestation shall be liable or rejection. The quotationer should submit their quotations in their letter head or plain paper.

The undersigned reserves the right to reject any or all the quotations without assigning any reason thereof.

1) Full Pant (Terry Cotton) each
2) Full Shirt (Terry Cotton) each
3) Half Pant (Terry Cotton) each
4) Half Shirt (Terry Cotton ) each

Sd./- Executive Officer, Jeypore Municipality
OIPR-13079/11/0055/2223

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୮ ଅଗଷ୍ଟ, ୨୦୨୨

## ଦୁର୍ବୃତ୍ତଙ୍କ କେମିକାଲ ମାଡ଼ରେ ମହିଳା ଗୁରୁତର

ଭବାନୀପାଟଣା,(ସ୍ୱପ୍ର): କେମିକାଲ ମାଡରେ ମହିଳା ଗୁରୁତର । ଏଭଳି ଘଟଣା ଘଟିଛି ଜୟପାଟଣା ଥାନା ପଣ୍ଡିଗାଁରେ । ଆହତ ମହିଳା ଯୋଶବନ୍ତି ନିଆଲଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଚୋରି କରିବାକୁ ପଣ୍ଡିଗାଁ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଗ୍ରାମର ଯୁବକ ପିଛା କରିଥିଲେ । ପିଛା କରିବ ସମୟରେ ଦୁଇଦୁର୍ବୃତ୍ତ ସେହି ଗାଁର ଯୋଶବନ୍ତି ନିଆଲଙ୍କ ଉପରକୁ କେମିକାଲ ମାଡ଼ କରି ଚାଲି ଯାଇଥିଲେ । କେମିକାଲ ମାଡ଼ ହେବାପରେ ଯୋଶବନ୍ତି ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ।



## ସଂକ୍ଷେପରେ

### ଆଇରନ ବୋଝେଇ ପିକ୍‌ଅପ୍ ଜବତ: ଜଣେ ଗିରଫ

**ରାଉରକେଲା ଅଫିସ,୭।୮:** ପ୍ଲାଣ୍ଟସାଇଟ ଥାନା ବିଶ୍ରା ଛକ ନିକଟରେ ଲୁହା ପିଗ୍ ଆଇରନ୍ ନେଇ ଯାଇଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଭ୍ୟାନ୍ ଚାଳକ ହେଲେ ଅନୁପ ସାହୁ(୩୨)। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୯୪।୨୨) ରୁଜୁ କରିଛି। ଗାନ୍ଧୀରୋଡ ଅଞ୍ଚଳର ଅନୁପ ଜତ ୨ ତାରିଖରେ ଏକ ଟାଟା ପିକ୍‌ଅପ୍ ଭ୍ୟାନ ଯୋଗେ ଲୁହା ପିଗ୍ ଆଇରନ୍ ନେଇ ବେଦବ୍ୟାସ ଅଭିମୁଖେ ଯାଉଥିଲେ। ପୋଲିସ ଖବର ପାଇ ବିଶ୍ରା ଛକରେ ପିଗ୍ ଆଇରନ ବୋଝେଇ ଭ୍ୟାନ୍‌କୁ ଅଟକାଇଥିଲା। ଏହି ସମୟରେ ଅନୁପ ଗାଡିକୁ ମଝି ରାସ୍ତାରେ ଛାଡି ଫେରାର ହୋଇଯାଇଥିଲେ। ପରେ ତାଙ୍କୁ ରବିବାର ଗିରଫ କରିଥିଲା।

### ଯୁବତୀଙ୍କୁ ପ୍ରେମ ପ୍ରତାରଣା: ଯୁବକ ଗିରଫ

**ରାଉରକେଲା ଅଫିସ,୭।୮:** ରାଉରକେଲା ରେଲୱେ କଲୋନୀ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗରେ ପ୍ଲାଣ୍ଟସାଇଟ୍ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପାଲ ସିଂ(୨୮)। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୭।୨୨) ରୁଜୁ କରିଛି। ମାଲଗୋଦାମ ଅଞ୍ଚଳର ଗୋପାଲ ଗତ କିଛି ମାସ ତଳେ ରେଲୱେ କଲୋନୀ ଅଞ୍ଚଳର ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗୋପାଲ ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖିବାରୁ ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ ଧରିଥିଲା। ଫଳରେ ଗୋପାଲ ଫେରାର ହୋଇ ଯାଇଥିଲେ। ଏ ନେଇ ଯୁବତୀଙ୍କ ପରିବାର ଲୋକେ ଗତ ଜୁନ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

### ମାତୃହନ୍ତା ଯୁବକ ଜେଲ୍ ଗଲେ

**କୁଆଁରମୁଣ୍ଡା,୭।୮(ଡି.ଏନ.ଏ.):** ପୁଅ ଚାପୁଡ଼ା ମାଡରେ ମା’ ମୃତ ଘଟଣାରେ ବୀରମିତ୍ରପୁର ପୋଲିସ ରବିବାର ଅଭିଯୁକ୍ତ ମାତୃହନ୍ତା ଯୁବକ ସରୋଜ ତନ୍ତି(୩୮)ଙ୍କୁ କୋର୍ଟଚାଲାଣ କରିଛି । ସେଠାରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଥାଉକି, ବୀରମିତ୍ରପୁର ଥାନା ତଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ କୁମ୍ଭାରପଡ଼ାରେ ରହୁଥିବା ସରୋଜ ଶୁକ୍ରବାର ରାତିରେ ମଦ ପିଇବା ପାଇଁ ଟଙ୍କା ନ ଦେବାରୁ ନିଜ ଜନ୍ମକଲା ମା’ ପୁନି ତନ୍ତି(୭୨)ଙ୍କୁ ଚାପୁଡ଼ା ପକାଇ ମାରିଦେଇଥିଲେ। ଏ ନେଇ ତାଙ୍କ ସାନ ଭଉଣୀ ଶନିବାର ବୀରମିତ୍ରପୁର ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସରୋଜଙ୍କୁ ଗିରଫ କରିଥିଲା ବୋଲି ବୀରମିତ୍ରପୁର ଥାନା ଆଇଆଇସି ମନୋଜ ମଞ୍ଜରୀ ନାଏକ କହିଛନ୍ତି।

### ବାଉଁଶୁଣୀ ନାଗରିକ କମିଟି ବୈଠକ

**ବାଉଁଶୁଣୀ, ୭।୮(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ନାଗରିକ କମିଟିର ବୈଠକ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରଙ୍କନିଧି ଗାଇଗୌରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ୧୨ଟି ପଞ୍ଚାୟତର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଉଁଶୁଣୀକୁ ବ୍ଲକ ମାନ୍ୟତା ଦାବି, ବାଉଁଶୁଣୀଠାରୁ ବୀରମହାରାଜପୁରକୁ ଗମନାଗମନ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏ ଅଞ୍ଚଳର ନାର୍ଯ୍ୟ ଦାବିକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନା କରିବା ଦିଗରେ ପଦକ୍ଷେପ ନେବାକୁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ହେବ ବୋଲି କମିଟି ସମ୍ପାଦକ ପ୍ରଦୋଷ ରଥ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ଆଇନଜୀବୀ ରାଜେନ୍ଦ୍ର ମେହେର, ଘୁମୁଡୁ ଦନ୍ତା, ରଞ୍ଜନ କୁମାର ଦାଶ, ହେମନ୍ତ ଦିଶିରି, ଅଙ୍କୁର ଗାଇଗୌରିଆ, ଉମାଶଙ୍କର ପାଢୀ, ପ୍ରମୋଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧା ହେଲେ ଲୁଟ୍ ଘଟଣାର ଅଭିଯୁକ୍ତ

**ଖପ୍ରାଖୋଲ, ୭।୮(ଡି.ଏନ.ଏ.)**


ଲୁଟ୍ ଘଟଣାରେ ଗିରଫ ୪ଅଭିଯୁକ୍ତ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ନିକଟରେ ଗତ ଗୁରୁବାର ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲଟ୍ ଘଟଣାରେ ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ ପଟଣାଗଡ଼ ଥାନା କୁତମୁଣ୍ଡା ଗାଁର ପୁରନ୍ଦର କୁମ୍ଭାର(୨୨), ମୁଣ୍ଡାପଲା ଗାଁର କେଶବ ବାରିକ(୨୭), ଘୁନଘୁଟିପାଲି ଗାଁର ଗୋବିନ୍ଦ କାଲସାଏ(୨୬), ଭାଲୁପିଟା ଗାଁର ତରଣୀ ଜଗଦଲା (୨୮)। ଏମାନଙ୍କ ସହ ଲୁଟ୍ ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ତୁଷୁରା ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟ ନାବାଳକ ଧରା ପଡିଛନ୍ତି। ଅଭିଯୁକ୍ତମାନେ ଏକାଧିକ ଲୁଟ୍ ମାମଲାରେ ସମ୍ପୃକ୍ତି ରହିଛି। ତୁଷୁରା, ଦେଓଗାଁ, ବଲାଙ୍ଗୀର ସଦର ଥାନାରେ ସେମାନଙ୍କ ନାମରେ ଚାରିରୁ ଅଧିକ ମାମଲା ରହିଛି। ଗିରଫ ଲୁଟେରାମାନଙ୍କଠାରୁ ନଗଦ ୫୫୦୦ଟଙ୍କା, ୨ଟି ସାମସଙ୍ଗ ଟାବଲେଟ୍, ୯ଟି ମୋବାଇଲ, ଲୁଟ୍‌ରେ ବ୍ୟବହୃତ ବୁଲେଟ(ଓ–୦୨ ଏମ ୨୯୯୪ ), ଏକ କଳା ପଲସର ଏବଂ ସିଡ଼ି ଡିଲକ୍ସ ବାଇକ ଜବତ ହୋଇଛି। ଏଥିସହ ଲୁଟେରାମାନେ ବିଭିନ୍ନ ସ୍ଥାନରେ ବିକ୍ରି କରିଥିବା ୬ଟି ଡ଼ିଏସଏଲଆର ଦାମୀ କ୍ୟାମେରାକୁ ଲୁଟେରାମାନଙ୍କଠାରୁ ଜବତ କରାଯାଇଛି। ଗିରଫ ୪ଅଭିଯୁକ୍ତଙ୍କୁ ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତଙ୍କୁ ରାଉରକେଲା ଯୁଭେନାଇଲ କୋର୍ଟକୁ ପଠାଯାଇଛି। ରବିବାର ଖପ୍ରାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପାଟଣାଗଡ଼ ଏସ୍‌ଡ଼ିପିଓ ଜ୍ୟୋତିର୍ମୟ ଭୁକ୍ତା। ତାଙ୍କ ସୂଚନା ଅନୁଯାୟୀ ଲୁଟ୍ ଘଟଣା ନେଇ ଥାନାରେ ଅଭିଯୋଗ ପରେ ଖପ୍ରାଖୋଲ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ତନାଘନା ଆରମ୍ଭ କରିଥିଲା। ବିଭିନ୍ନ ସୂଚନା, ସିସିଟିଭି ଫୁଟେଜ, ବୈଷୟିକ ଜ୍ଞାନ କୌଶଳ ସହାୟତାରେ ଲୁଟେରାମାନଙ୍କୁ ଧରିବାରେ ସଫଳତା ମିଳିଥିଲା।

ସୂଚନା ଅନୁସାରେ ଗୁରୁବାର ମାଇକ୍ରୋ ଫାଇନାନ୍ସ କର୍ମଚାରୀ କ୍ଷିତିଶ ବେହେରା ଖପ୍ରାଖୋଲ–ପାଟଣାଗଡ଼ ରାସ୍ତାରେ ଏକ ବାଇକରେ ଯାଉଥିବା ବେଳେ ଓଏଭି ସ୍କୁଲ ନିକଟରେ ଏକ ବୁଲେଟରେ ଆସି ୩ ଜଣ ଲୁଟେରା ତାଙ୍କୁ ଅଟକାଇ ଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ କ୍ଷୀତିଶଙ୍କ ମୋବାଇଲ ଫୋନ, ଟାବଲେଟ ଓ ବିଭିନ୍ନ କାଗଜପତ୍ର ଛଡାଇ ନେଇ ଫେରାର ହୋଇଯାଇଥିଲେ। ଖବରଦାତା ସମ୍ମିଳନୀରେ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଉପସ୍ଥିତ ଥିଲେ।

**ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ**

- ଜେଲଗଲେ ୪ ଅଭିଯୁକ୍ତ, ଧରା ପଡିଥିବା ନାବାଳକ ଗଲେ ବାଳସ୍ୱଧାର ଗୃହ
- ୬କ୍ୟାମେରା, ୯ ମୋବାଇଲ ସହ ୨ ଟାବଲେଟ ଜବତ
- ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ରହିଛି ମାମଲା

# ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

**ରାଉରକେଲା ଅଫିସ,୭।୮**

ରାଉରକେଲା–୨ ମୁଖ୍ୟ ଡାକଘର ପକ୍ଷରୁ ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାରେ ଡାକ ସହ ଅଧୀକ୍ଷକ (ପୂର୍ବାଞ୍ଚଳ) ଗୌରାଙ୍ଗ ଚରଣ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ରାଉରକେଲା ଡାକମଣ୍ଡଳ ଅଧୀନରେ ଥିବା ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଶୋଭାଯାତ୍ରା ସେକ୍ଟର–୪ ସ୍ଥିତ ମୁଖ୍ୟ ଡାକଘରୁ ବାହାରି ଆମ୍ବାଗନ ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଡାକ କର୍ମଚାରୀ, ଡାକଘର ଏଜେଣ୍ଟ, ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ପୋଷ୍ଟମାଷ୍ଟର ତରଣୀସେନ ଭୂସାଗର ଓ ତ୍ରିଲୋଚନ ପଣ୍ଡା ସହଯୋଗ କରିଥିଲେ। ରାଉରକେଲା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ରଞ୍ଜନ କୁମାର ରାଉତ, ବିଜୟ କୁମାର, ଅର୍ଚ୍ଚନା ନାୟକ, ମନୁ ମମତା ପଟେଲ, ସଙ୍ଗୀତା ରଥ, ମମତା ସାହୁ, ଦେବାଶିଷ ମହାରଣା, ଅନ୍ନପୂର୍ଣ୍ଣା ସ୍ୱାଇଁ, ହେମାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାରୀ ପଞ୍ଚାୟତକୁ ମରୁଡି ଘୋଷଣା ଦାବି କଲେ ଚାଷୀ


ଚାଷୀମାନେ ଏକ ବୈଠକରେ ଏକାଠି ହୋଇଛନ୍ତି।

**ବଡ଼ଗାଁ, ୭।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି ତେଜିବାରେ ଲାଗିଛି। ଏହି କ୍ରମରେ କୁରେଇବଗା, ଛାମୁଣ୍ଡା, ସାଲେପାଲି, ଟୁରିପୋଷ, ଲାଖପଡା, ମହପଡା ଆଦି ୧୦ଟି ଗାଁର ଚାଷୀ ରବିବାର ଏକ ବୈଠକ କରି କରିଛନ୍ତି। ସରପଞ୍ଚ ଯୋଗିନ୍ଦ୍ର କିସାନଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଚାଷୀମାନେ ଚାଷର ସ୍ଥିତି ଓ ବର୍ଷା ଅଭାବରୁ ହୋଇଥିବା କ୍ଷତି ଉପରେ ଆଲୋଚନା କରିଥିଲେ। ପଞ୍ଚାୟତ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି କରି ସେମାନେ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଅଶ୍ୱିନୀ କାଲୋ, ତ୍ରିଲୋଚନ ପୃଷେଟ, ରମେଶ ନାଏକ, ରାମଦୟାଲ କିସାନ, ମହେନ୍ଦ୍ର ପୃଷେଟ, ରାଜେନ୍ଦ୍ର ବାଗ, ଛବିଳ ସା, ସନ୍ତୋଷ କାଲୋ, ବଳରାମ ପୃଷେଟ, ମନୋଜ ପୃଷେଟ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ସାରସମାଲ-ସିଲେଟକାନି ସେତୁର ଶିଳାନ୍ୟାସ

**ବଲାଙ୍ଗୀର ଅଫିସ, ୭।୮**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲଠାରେ ସାରସମାଲରୁ ସିଲେଟକାନୀକୁ ସଂଯୋଗ କରୁଥିବା ରାସ୍ତାର ଝରିଆଯୋର ସେତୁ ନିର୍ମାଣ ସକାଶେ ବିଧାୟକ ନରସିଂହ ମିଶ୍ର ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେଠାରେ ଏକ ସୁଉଚ୍ଚ ସେତୁ ନିର୍ମାଣ ହେବ। ସ୍ଥାନୀୟ ସରପଞ୍ଚ ଗୋପାଳକୃଷ୍ଣ ବାଗଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ଦିଆଯାଇଥିବା ଏହି ସେତୁ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବ। ଉପସ୍ଥିତ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା ଓ ସହକାରୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର ଏହି ସେତୁକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଭିତ୍ତିପ୍ରସ୍ତର ପରବର୍ତ୍ତି ସଭାରେ ସାରସମାଲ ପଞ୍ଚାୟତର ବିଭିନ୍ନ ଗାଁର ଲୋକେ ଉପସ୍ଥିତ ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକ ମିଶ୍ରଙ୍କୁ ଅବଗତ କରିଥିଲେ । ବିଶେଷ କରି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ସାରସମାଲରୁ ସିଲେଟକାନିକୁ ଯାଇଥିବା ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କୁ ଲୋକେ ଅନୁରୋଧ କରିଥିଲେ। ସାରସମାଲରେ ଏକ ଏଏନ୍‌ଏମ୍ ସେଣ୍ଟରର ବ୍ୟବସ୍ଥା କରିବା ପାଇଁ ଲୋକେ ଅନୁରୋଧ କରିଥିଲେ। ସାରସମାଲ ପଞ୍ଚାୟତ ଅନ୍ତର୍ଗତ ଚୋରମରା, କନକପୁର, ପୁଲସଖଣ୍ଡି, ଅଫାମରା ଇତ୍ୟାଦି ଗାଁକୁ ଉନ୍ନତ ରାସ୍ତା କରାଯାଉ ବୋଲି ଦାବି ହୋଇଥିଲା। ବିଧାୟକ ମିଶ୍ର ସେଠାରେ ଉପସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସମସ୍ତ ଗାଁକୁ ଯାଇଥିବା ରାସ୍ତା ପରିଦର୍ଶନ କରି ଏକ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଜଗବନ୍ଧୁ ମେହେର, ଭାଗିରଥି ମେହେର, ରାମଜୀ ଚୌଧୁରୀ, ଅସିତ କୁମାର ମିଶ୍ର, କାନ୍ତେଶ୍ୱର ପ୍ରଧାନ, ଛାୟାକାନ୍ତ ଭୋଇ, ଶିବ ମେହେର, ନିଳକଣ୍ଠ ବରଗ୍ତି, ଚହଲୁ ପୋଡ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ମେହେର, ଗଦାଧର ପଧାନ, ବାବୁଲୁ ପଧାନ, କମ୍ପ ପଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ର ମୁକୁନ୍ଦ କିଶାନ, ଧ୍ରୁବ ସେଠୀ ଉପସ୍ଥିତ ଥିଲେ ।


ବିଧାୟକ ନରସିଂହ ମିଶ୍ର ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ବୈଠକ

**ଦେଓଗାଁ, ୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଗ୍ରାମ୍ୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟି ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ବିବରଣୀ ପଠନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଦେଓଗାଁର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ରୋଡରେ ଏକ୍ସପ୍ରେସ ଟ୍ରେନ ରହଣୀ, ତହସିଲ ପାଖରେ ଏସ୍‌ଡିଜେଏମ କୋର୍ଟ ସ୍ଥାପନ, ସବଟ୍ରେଜେରି କାର୍ଯ୍ୟାଳୟ ସ୍ଥାପନ ତଥା ଦେଓଗାଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି ଉପରେ ଆଲୋଚନା କରାଯାଇଥିଲା। ଏହାସହ ଦେଓଗାଁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପରେ ଆଗକୁ ବିଭିନ୍ନ ପଦକ୍ଷେପ ଗ୍ରହଣ ପାଇଁ ଗାଁର ସମସ୍ତଙ୍କୁ ନେଇ ବୈଠକ କରିବା ପାଇଁ ମତପ୍ରକାଶ ପାଇଥିଲା। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବସନ୍ତ କୁମାର ଅଗ୍ରୱାଲ, ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସଞ୍ଜୟ କୁମାର ହୋତା, କାର୍ତ୍ତିକ ମଲ୍ଲିକ, ସୌମ୍ୟରଞ୍ଜନ ସାହୁ, ପ୍ରାଶାନ୍ତ କୁମାର ପାଣ୍ଡେ, ରଜନିକାନ୍ତ ମହାନ୍ତି ପ୍ରମୁଖ ନିଜସ୍ୱ ମତ ରଖିଥିଲେ। କମିଟି ଉପସଭାପତି ବିଶ୍ୱଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସିକ୍ୟୁରିଟି ଗାର୍ଡଙ୍କୁ ଛୁରାମାଡ, ଯୁବକ ଗିରଫ

**ରାଉରକେଲା ଅଫିସ,୭।୮**

ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଛୁରାମାଡ କରି ଫେରାର ଥିବା ଯୁବକଙ୍କୁ ପ୍ଲାଣ୍ଟସାଇଟ୍ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡ଼ି ରମଜାନ ଓରଫ ବନ୍ଧେୟା(୩୪)। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ଡେଲିମାର୍କେଟ ଅଞ୍ଚଳର ଅମର ବଡାଇକ(୫୩) ରାଉରକେଲାରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ଶନିବାର ବିଳମ୍ବିତ ରାତିରେ ଅମର ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ଡ୍ୟୁଟି କରୁଥିବାବେଳେ ବନ୍ଧେୟା କିଛି ଯୁବକଙ୍କ ସହ ନିଶାପାନ କରୁଥିଲେ। ଏହାକୁ ସିକ୍ୟୁରିଟି ଗାର୍ଡ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ବନ୍ଧେୟା ଉତ୍ତ୍ୟକ୍ତ ଅମରଙ୍କୁ ଛୁରାମାଡ କରିଥିଲେ। ଏ ନେଇ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଲାଲବିଲ୍‌ଡିଂ ଅଞ୍ଚଳରୁ ଗିରଫ କରିଥିଲା।

# ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି

**ଲୋଇସିଂହା, ୭।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ନଅଗାଁ(ଖ) ଭାଜପା କାର୍ଯ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ବୈଠକରେ ବିଧାୟକ ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ କର୍ମୀଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କର୍ମୀମାନେ ସଂକଳ୍ପ ନେଇଥିଲେ। ଏଥିରେ ମଣ୍ଡଳ ସଭାପତି ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ ।



ହରଘର ତ୍ରିରଙ୍ଗା ପାଇଁ ଭାଜପା ପକ୍ଷରୁ କରାଯାଇଥିବା ପ୍ରସ୍ତୁତି।

# ରାତିରେ ବୁଲୁଛି ଡ୍ରୋନ କ୍ୟାମେରା, ଲୋକେ ଭୟଭୀତ

**ଖଡ଼ିଆଳ, ୭।୮(ଡି.ଏନ.ଏ.)**

ନୂଆପଡ଼ା ଜିଲାରେ ଚୋର ଆତଙ୍କ ବଢ଼ିବାରେ ଲାଗିଥିବାବେଳେ ବର୍ତ୍ତମାନ ଖଡ଼ିଆଳ ଅଞ୍ଚଳରେ ତାର ପ୍ରଭାବ ପଡିଛି। ଖଡ଼ିଆଳର ବିଭିନ୍ନ ଗ୍ରାମାଞ୍ଚଳରେ ଡ୍ରୋନ କ୍ୟାମେରା ଉଡୁଥିବା ନେଇ ଲୋକଙ୍କ ଭୟ ଦ୍ୱିଗୁଣିତ ହୋଇଥିବା ଜଣାପଡିଛି। କିଛି ଦିନ ହେଲା ଡୁକୁଲା, କିରିକିଟା, ନେହେନା, ସାନମହେଶ୍ୱର ଏପରିକି ସମ୍ବେଦନଶୀଳ ସ୍ଥାନ ତିଖାଲି ଡ୍ୟାମ ପରିସରରେ ଡ୍ରୋନ କ୍ୟାମେରା ଉଡୁଥିବା ଫଟୋ ସ୍ଥାନୀୟ ଲୋକମାନେ ଉତ୍ତୋଳନ କରି ଦେଖାଉ ଥିବାବେଳେ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ଉଦ୍ୟମରେ ଗୋଟିଏ ପ୍ରତିନିଧି ଦଳ ଆସି ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କୁ ଭେଟି ତାର ତଦନ୍ତ ପାଇଁ ଦାବି କରିଥିଲେ। ଫଳରେ ଜନସାଧାରଣ ଦିନରାତି ଭୟଭୀତ ଅବସ୍ଥାରେ ଥିବା ଜଣା ପଡ଼ିଛି। ଗ୍ରାମାଞ୍ଚଳରେ ଗ୍ରାମବାସୀ ଏକତ୍ରିତ ହୋଇ ସଚେତନତା ସୃଷ୍ଟି କରିବା ସହିତ କୌଣସି ଅଜଣା ବ୍ୟକ୍ତିଙ୍କୁ ଗ୍ରାମରେ ପ୍ରବେଶ ନିଷେଧ କରିବାକୁ ନିଷ୍ପତ୍ତି ନେଉଥିବା ଜଣାପଡିଛି। ନୂଆପଡ଼ା ଜିଲାର ପ୍ରମୁଖ ସହର ଖଡ଼ିଆଳ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ ପ୍ରାଣ କେନ୍ଦ୍ର ହୋଇଥିବାରୁ ସବୁବେଳେ ଚଳଚଞ୍ଚଳ ରହୁଛି। ହେଲେ ଚୋର ଭୟ ନେଇ ଲୋକଙ୍କ ମଧ୍ୟରେ ସନ୍ଧ୍ୟାସମୟରେ ଆତଙ୍କ ଖେଳିଯାଇଛି। ଅନ୍ୟ ପକ୍ଷରେ ଖଡ଼ିଆଳ ସହରକୁ ଅନ୍ୟ ରାଜ୍ୟରୁ ଅଣ ଓଡିଆ ବହୁତ ପରିମାଣରେ ଆସି ରହୁଛନ୍ତି। ହେଲେ ସେମାନଙ୍କ ବିଷୟରେ ପ୍ରଶାସନ ନିକଟରେ ତଥ୍ୟ ନାହିଁ। ସରକାରୀ ନିୟମ ଅନୁଯାୟୀ ବାହାର ରାଜ୍ୟରୁ ଆସି ଜଣେ ବ୍ୟକ୍ତି ବହୁତ ଦିନ ଧରି ରହୁଛି ତାହେଲେ ନିକଟସ୍ଥ ପ୍ରଶାସନ ପାଖରେ ତାର ସମ୍ପୂର୍ଣ୍ଣ ତଥ୍ୟ ରହିବା କଥା। ତାହା ସ୍ଥାନୀୟ ପ୍ରଶାସନ ନିକଟରେ ନିଟକରେ ନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଣ ଓଡିଆ ଆସି ଖଡ଼ିଆଳର ବିଭିନ୍ନ ଲଜ ତଥା ଅନେକ ଲୋକଙ୍କ ଘରେ ଭଡା ସୂତ୍ରରେ ରହୁଥିବା ବେଳେ ସମ୍ପୃକ୍ତ ଲଜ କିମ୍ବା ଘର ମାଲିକ ସେମାନଙ୍କ ଠାରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ପୋଲିସକୁ ତୁରନ୍ତ ଦେବାକୁ ଜନସାଧାରଣରେ ଦାବି କରିଛନ୍ତି। ଚୋରମାନେ ଦିନରେ ନାନାଦି ଧନ୍ଦା କରି ଗ୍ରାମ ଗ୍ରାମ ବୁଲି ତଥ୍ୟ ସଂଗ୍ରହ କରୁଥିବାବେଳେ ରାତ୍ରରେ ସେମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଚୋରି କାର୍ଯ୍ୟରେ ନିୟୋଜିତ ହେଉଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଖଡ଼ିଆଳ ଆଇଆଇସି ମୁଦୁଲିଙ୍କୁ ଅବଗତ କରିବାରୁ ଦୁଇ ତିନି ଦିନ ହେଲା ପୋଲିସ ପ୍ରଶାସନ ପକ୍ଷରୁ ବାହାର ରାଜ୍ୟରୁ ଆସିଥିବା ଅଣ ଓଡିଆଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଙ୍କ ଘରକୁ ପଠାଇ ଦେଉଛୁ। ଅଣଓଡିଆ ଆସି ରହିଲେ ସମ୍ପୃକ୍ତ ଲଜ ମାଲିକ, ଭଡାରେ ଦେଇଥିବା ଘର ମାଲିକ ସେମାନଙ୍କ ଆଧାର କାର୍ଡ ତଥା ପରିଚିତ ପୁଲିସ ପାଖରେ ଦେବାକୁ କୁହାଯାଇଥିବା ପ୍ରକାଶ କରିଥିଲେ।


ବିଭିନ୍ନ ଗ୍ରାମାଞ୍ଚଳରେ ଡ୍ରୋନ କ୍ୟାମେରା ଉଡୁଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ଧାରୀ ଗ୍ରାମରେ ବିଦ୍ୟୁତ ଆଘାତରେ ଅଞ୍ଜନା ପ୍ରଧାନ ( ୪୦)ଙ୍କ ମୃତ୍ୟୁ ଘଟିଛି । ଗାଧୋଇବା ପାଇଁ ୱାଟର ହିଟରରେ ପାଣି ଗରମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତ ପାଇଥିଲେ । ତାଙ୍କୁ ପ୍ରଥମେ ଯୁଯୁମୁରା ଡାକ୍ତରଖାନା ଓ ପରେ ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରିଛି । ଏନେଇ ନଂ୧୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଫାଟକ ଷ୍ଟେଶନ ବନ୍ଦ ବିରୋଧରେ ରାଲି, ଆଡିସି ଅଫସ, ପୂର୍ବାହ୍ନ ୧୧ଟା ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଗିରଫ ଦାବିରେ ବିକ୍ଷୋଭ, ବୁର୍ଲା ଜ୍ୟୋତି ବିହାର, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ବିଜେଡି ପକ୍ଷରୁ ଗୋଟିଏ ବୃକ୍ଷ କୋଟିଏ ଜୀବନ କାର୍ଯ୍ୟକ୍ରମ

**ସମ୍ବଲପୁର,୭।୮(ବ୍ୟୁରୋ):** ବିଜୁ ଯୁବ ଜନତା ଦଳ ସମ୍ବଲପୁର ମହାନଗର ପକ୍ଷରୁ ସମଲେଶ୍ୱରୀ କଲେଜ ପ୍ରାଙ୍ଗଣରେ ଗୋଟିଏ ବୃକ୍ଷ କୋଟିଏ ଜୀବନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ନିଶାନ୍ତ ବହିଦାରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସମଲେଶ୍ୱରୀ କଲେଜ ପରିସରରେ ହୋଇଥିଲା । ଏହି ଅବସରରେ ଚାରା ରୋପଣ କରାଯିବା ସହିତ ମଣିଷ ଜୀବନ ପାଇଁ ଗଛର ଆବଶ୍ୟକତା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଯୁବ ବିଜେଡ଼ି ଜିଲା ସଭାପତି ଲକ୍ଷ୍ମୀ ମହାପାତ୍ର, ରାଜ୍ୟ ଯୁବ ସମ୍ପାଦକ ସତୀଶ ବିଶି, ରାଜ୍ୟ ଯୁବ ସମ୍ପାଦକ ହୀରାଲାଲ ବେହେରା, ରାଜ୍ୟ ଯୁବ ଯୁଗ୍ମ ସମ୍ପାଦକ ମନୋଜ ମହାପାତ୍ର, ଜୋନ ସଭାପତି ଦେବାଶିଷ ପରିଡା, ଜିଲା ବିଜେଡି ସମ୍ପାଦକ ଦେବାଶିଷ ନନ୍ଦ, ରମାକାନ୍ତ ସାହୁ, ଜିଲା ସମ୍ପାଦକ ଆର .ଏ. ଶିବକୁମାର, ଆଇଟି କୋଡିନେଟର ଚିତ୍ତରଞ୍ଜନ ରାଉଳ, ତରଣୀ ସେନ ଚାନ୍ଦ, ଅଶୋକ ସାମଲ, ଜିଲା ଯୁବ ଉପସଭାପତି ଅମିତା ପରିଡା ପ୍ରମୁଖ ସାମିଲ ଥିଲେ ।

### ଗଙ୍ଗାଧର ସଙ୍ଗୀତ ଗାନ ପ୍ରତିଯୋଗିତା

**ସମ୍ବଲପୁର,୭।୮(ବ୍ୟୁରୋ):** ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଗଙ୍ଗାଧର ସଙ୍ଗୀତ ଗାନ ପ୍ରତିଯୋଗିତା ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀକୁ ଦୃଷ୍ଟିରେ ରଖି ଆୟୋଜିତ ଏହି ପ୍ରତିଯୋଗିତାରେ ସହରସ୍ଥିତ ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟରୁ ମୋଟ ଛବିଶ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଦୁଇଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା । ବରିଷ୍ଠ ବର୍ଗରେ ପ୍ରିୟଲ ବେହେରା, ଅରାଇନା ଜିନ୍ଦଲ, ସୁନନ୍ଦା ବାଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ବର୍ଗରେ ଶ୍ରୀସୋମ ପାଢ଼ୀ ପ୍ରଥମ, ସୌମ୍ୟା ମିଶ୍ର ଦ୍ୱିତୀୟ, ପ୍ରେରଣା ଚୌଧୁରୀ ତୃତୀୟ ସ୍ଥାନ ହାସଲ କରିଛନ୍ତି । ବିଚାରକ ଭାବେ ମୋତିଲାଲ ଦୋରା, ତ୍ରିଲୋଚନ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ । ଓଡିଶା ସାଂସ୍କତିକ ସମାଜ ସଭାପତି ଅଶୋକ କୁମାର ମିଶ୍ରଙ୍କ ପରିଚାଳନା ଓ ଡ. ସିଦ୍ଧାର୍ଥ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଫୁଲ୍ଲ କୁମାର ହୋତା, ଶିବନାରାୟଣ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଢଯୋଷୀ, ସରୋଜ ଦାଶ, ସବ୍ୟସାଚୀ ମିଶ୍ର, ଗୋପାଳ ଗୁପ୍ତା, ପ୍ଲାବନ ମିଶ୍ର ସହଯୋଗ କରିଥିଲେ । ଶେଷରେ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ମାସ ୧୨ତାରିଖରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜନ କମିଟି ପକ୍ଷରୁ ସୂଚିତ କରାଯାଇଛି ।

# ଅନଶନସ୍ଥଳରେ ଭାଜପା ପ୍ରତିନିଧି ଦଳ

### ପୌର ପରିଷଦ ମହାଦୁର୍ନୀତିର ତଦନ୍ତ ଦାବିରେ କାଉନସିଲରଙ୍କ ଆମରଣ ଅନଶନ ଜାରି

**ଦେବଗଡ଼,୭।୮(ଡି.ଏନ୍.ଏ.)**

ଦେବଗଡ଼ ପୌର ପରିଷଦରେ ଦେଖା ଦେଇଥିବା ବିଭିନ୍ନ ଅନିୟମିତତା ଏବଂ ଦୁର୍ନୀତିର ତଦନ୍ତ ଦାବିରେ ଗତ ୨୫ ତାରିଖଠାରୁ ପୌର ପରିଷଦର ୬ଜଣ ଭାଜପା କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ମିଳିତ ଭାବେ ଆମରଣ ଅନଶନ ଚଳାଇଛନ୍ତି। ଇତିମଧ୍ୟରେ ଏହି ଅନଶନ ୧୪ଶ ଦିନରେ ପହଞ୍ଚିଥିଲେ ମଧ୍ୟ ଦାବି ପୂରଣ ନେଇ ଜିଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଏନେଇ ଅନଶନକାରୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ଦାବି ହାସଲ ନ ହେବା ପର୍ଯ୍ୟନ୍ତ ସେମାନେ ଅନଶନରେ ବସିବାକୁ ଜିଦ ଧରିଛନ୍ତି। ତେବେ ରବିବାର ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝିଙ୍କ ନେତୃତ୍ୱରେ ତିନିଜଣ ଭାଜପା ବିଧାୟକଙ୍କୁ ନେଇ ଗଠିତ ପ୍ରତିନିଧି ଦଳ ଅନଶନସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ମୁଖ୍ୟ ସଚେତକ ତଥା କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ ନେତୃତ୍ୱରେ ଦେବଗଡ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ ଓ ରେଙ୍ଗାଲୀ ବିଧାୟକ ନାଉରୀ ନାୟକ ପୌର ପରିଷଦ କାର୍ଯ୍ୟାଳୟ ବାରଣ୍ଡାରେ ଅନଶନରେ ବସିଥିବା ଦେବଗଡ଼ ପୌର ପରିଷଦର ଉପାଧ୍ୟକ୍ଷ ତଥା ଭାଜପା କାଉନଶିଲର ପ୍ରଜିତ କୁମାର ଭୋଜ, ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା , ଭାଜପା କାଉନସିଲର ମଧୁସୂଦନ ବାଘ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଲଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ଅନଶନକାରୀଙ୍କ କଥାକୁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ଶୁଣୁ ନ ଥିବା ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ଦାବି ପୂରଣ ନେଇ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ଦଳ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। କାଉନସିଲରମାନଙ୍କ ସହ ଆଲୋଚନା ସମୟରେ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଶୀଳ କୁମାର କପରଦାର, ସୁଧିର କୁମାର କପରଦାର, ନିରନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଉକ୍ତ ଭାଜପା ପ୍ରତିନିଧି (ବିଧାୟକ)ଦଳ ସ୍ଥାନୀୟ ସର୍କିଟ ହାଉସରେ ଜିଲାପାଳଙ୍କ ସହ ଅନଶନ ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ଦାବି ଜଣାଇଥିଲେ। ଆଲୋଚନା ସମୟରେ ଉପରୋକ୍ତ ବରିଷ୍ଠ ନାଗରିକମାନଙ୍କ ସହିତ ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, ବିରଞ୍ଚି ବେହେରା, ନଗର ଭାଜପା କୋଷାଧ୍ୟକ୍ଷ ସରୋଜ କୁମାର ପାଢୀ ଓ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ ।



ଅନଶନକାରୀଙ୍କ ସହ ଭାଜପା ପ୍ରତିନିଧି ଆଲୋଚନା କରୁଛନ୍ତି ।

# ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ନ୍ୟାୟ ପ୍ରଦାନ ପ୍ରତି ପ୍ରାଥମିକତା

### ଦେବଗଡ଼ରେ ୪୬ତମ ଏସ୍‌ପି ଭାବେ ପ୍ରମୋଦ ରଥଙ୍କ କାର୍ଯ୍ୟଭାର ଗ୍ରହଣ

**ଦେବଗଡ଼,୭।୮(ଡି.ଏନ୍.ଏ.)**

ଦେବଗଡ଼ ଜିଲାରେ ରବିବାର ୪୬ତମ ଏସ୍‌ପି ଭାବେ ଓଡ଼ିଶା ପୋଲିସ ପ୍ରଶାସନିକ ସେବାର ୧୯୮୬ ବ୍ୟାଚର ବରିଷ୍ଠ ଅଧିକାରୀ ପ୍ରମୋଦ କୁମାର ରଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଗତ ଜୁଲାଇ ୩୧ ତାରିଖରେ ଏସ୍‌ପି ରାଜକିଶୋର ପାଇକରାୟ ଅବସର ନେବା ପରେ ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏସ୍‌ପି ରଥ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲା ପୋଲିସ ମୁଖ୍ୟାଳୟରେ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ପରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଜିଲାରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏସ୍‌ପି ରଥଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରଥ ଜିଲାରେ ଆଇନଶୃଙ୍ଖଳା ସହ ସମାଜର ଦୁର୍ବଳ ଶ୍ରେଣୀର ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ତାଙ୍କ ପ୍ରାଥମିକତା ରହିବ ବୋଲି ପ୍ରକାଶ କରିଥିଲେ। କମିଶନରେଟ ପୋଲିସରେ ଦୀର୍ଘ ବର୍ଷ ଅବସ୍ଥାପିତ ଥିବା ରଥ ପୂର୍ବରୁ କେନ୍ଦୁଝର, ସୁନ୍ଦରଗଡ଼ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟକରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ସମେତ ଜିଲା ସାମ୍ବାଦିକ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟଭାର ଗ୍ରହଣ ପରେ ଏସ୍‌ପି ପ୍ରମୋଦ କୁମାର ରଥ ଓ ଅନ୍ୟ ପୋଲିସ ଅଧିକାରୀ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ମନ୍ଦିର ନିର୍ମାଣ ଲାଗି ପୂଜାର୍ଚ୍ଚନା



ଚିନିମହୁଲ ଗାଁରେ ଚିହ୍ନଟ କରାଯାଇଥିବା ଜାଗାରେ ପୂଜାର୍ଚ୍ଚନା କରାଯାଉଛି ।

**ଜମନକିରା,୭।୮(ଡି.ଏନ.ଏ.)**

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଚିନିମହୁଲ ଗାଁରେ ରବିବାର ଠାକୁର ଅନୁକୂଳଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ନିର୍ମାଣ ଲାଗି ଜାଗା ଚିହ୍ନଟ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଚିହ୍ନଟ କରାଯାଇଥିବା ଜାଗାରେ ଆଚାର୍ଯ୍ୟ ଦେବଶ୍ରୀଙ୍କ ଅନୁମୋଦନକ୍ରମେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାମରା ସତସଙ୍ଗ ବିହାରରୁ ଆଚର୍ଯ୍ୟ ଜୟନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାମରାରୁ ବିନୟ କୁମାର ଦାସ, ଦେବଗଡରୁ ଅମିୟ କୁମାର ସାହୁ, ସରପଞ୍ଚ ବିଜୟ କୁମାର ନାୟକ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରଜାତିର ୨ ଶହ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ବାରିକ, ପ୍ରସନ୍ନ ଦେହୁରୀ, ସଞ୍ଜୀବ କୁମାର ପଟେଲ, ଜିତେନ୍ଦ୍ର କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ପଟେଲଙ୍କ ସମେତ ଅନେକ ଗୁରୁଭାଇ ଭଉଣୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ଘରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ମା' ପୁଅଙ୍କ ଜୀବନ

**ସମ୍ବଲପୁର, ୭।୮(ବ୍ୟୁରୋ)**

ରବିବାର ଛୁଟି ଥିବାରୁ ନିଜ ଗାଁକୁ ବାହାରିଥିଲେ ମା'ପୁଅ। ହେଲେ ଭାଗ୍ୟର ବିଡ଼ମ୍ବନା, ଘରେ ପହଞ୍ଚି ପାରିଲେ ନାହିଁ । ଅଧାବାଟରେ ସଡ଼କ ଦୁର୍ଘଟଣାରେ ଏକା ସାଥିରେ ମା'ପୁଅଙ୍କ ଜୀବନ ଚାଲିଗଲା। ମୃତକ ହେଲେ ମା' ବେଦମତି ସୋହେଲା (୫୮) ଓ ପୁଅ ଗୁଲେଖ (୩୫)। ସମ୍ବଲପୁର ଜିଲା ସଦର ଥାନା ଜାତୀୟ ରାଜପଥ ନଂ. ୫୩ର ମାଳତୀ ନଦୀ କୁଦୋପାଲି ବ୍ରିଜ୍ ଉପରେ ଏହି ଦୁର୍ଘଟଣା ଘଟିଛି ।

ମିଳିଥିବା ସୂଚନା ଅନୁସାରେ, ଯୁଯୁମୁରା ଥାନା ଟାମ୍ପରଗଡ ବାସୁପାଲି ହରିଜନପଡାର ଗୁଲେଖ ଟାଇଲ ମିସ୍ତ୍ରି ଭାବେ କାମ କରନ୍ତି । ସେ ଅଇଁଠାପାଲି ଅଞ୍ଚଳରେ ଏକ ଭଡାଘର ନେଇ ପରିବାର ସହ ରହୁଥିଲେ। ରବିବାର ଏକ ବାଇକ୍ (ନଂ ଓଡି-୧୫-୦୦୫୪) ଯୋଗେ ଗୁଲେଖ ମା' ବେଦମତିଙ୍କୁ ସାଙ୍ଗରେ ନେଇ ଘରକୁ ଯାଉଥିଲେ । ଜାତୀୟ ରାଜପଥର କୁଦୋପାଲି ବ୍ରିଜ୍ ନିକଟରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ଅଜଣା ଗାଡି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ମା'ପୁଅଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାକୁ କେନ୍ଦ୍ରକରି ଚାପା ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ଠପ୍ ହୋଇଯାଇଥିଲା । ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡିକୁ ଧରିବା ପାଇଁ ଉଦ୍ୟମ ଚଳାଇଛି ।

## ଶାନ୍ତି, ସମନ୍ୱୟ କମିଟି ବୈଠକ

**ସମ୍ବଲପୁର,୭।୮(ବ୍ୟୁରୋ)**

ସମ୍ବଲପୁର ସହରରେ ପବିତ୍ର ମହରମ ପର୍ବ ପାଳନ ନିମନ୍ତେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲା ପ୍ରଶାସନ ତରଫରୁ ଏକ ଶାନ୍ତି ଏବଂ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ରାଜସ୍ୱ ଉମାକାନ୍ତ ରାଜ ପୌରୋହିତ୍ୟ କରିଥିଲେ। ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର ୮ ଗୋଟି ତାଜିଆ ସଂଗଠନର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହିତ କିଭଳି ଶାନ୍ତିପୂର୍ଣ୍ଣ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ମହରମ ପର୍ବ ପାଳନ କରାଯାଇପାରିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରସେଶନରେ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର ସାଙ୍ଗରେ ନ ନେବା ଏବଂ ବିପଦପୂର୍ଣ୍ଣ ଆତସବାଜି ବ୍ୟବହାର ନ କରିବା ପାଇଁ ବାରଣ କରାଯାଇଛି। ଏହାଛଡା ପର୍ବ ପାଳନ ସମୟରେ ସମସ୍ତ କର୍ମକର୍ତ୍ତା ଜିଲା ପ୍ରଶାସନ ତଥା ପୋଲିସ ପ୍ରଶାସନକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

# ଝାରସୁଗୁଡାରୁ ଚୋରି ଟ୍ରେଲର ବଡ଼ରମା ଘାଟିରୁ ଉଦ୍ଧାର

**ଝାରସୁଗୁଡା ଅଫିସ୍,୭।୮**

ଝାରସୁଗୁଡାରୁ ଚୋରି ହୋଇଥିବା ୧୮ଚକିଆ ଟ୍ରେଲରକୁ ପୋଲିସ ସମ୍ବଲପୁର ଜିଲା ବଡରମା ଘାଟିରୁ ରବିବାର ଉଦ୍ଧାର କରିଛି। ଝାରସୁଗୁଡା ଜିଲା ବଡମାଲ ଥାନା ଅନ୍ତର୍ଗତ ସାପଡା ଛକ ପେଟ୍ରୋଲ ପମ୍ପ ନିକଟରେ ଏକ ୧୮ଚକିଆ ଟ୍ରେଲର ଛିଡା ହୋଇଥିବା ବେଳେ କେହି ଦୁର୍ବୃତ୍ତ ଗତ ଶନିବାର ବିଳମ୍ବିତ ରାତିରେ ଏହାକୁ ଚୋରି କରି ନେଇଥିଲା। ଏନେଇ ଟ୍ରେଲର ଚାଳକ ମାଲିକଙ୍କୁ ଜଣାଇଥିଲେ। ଖବର ପାଇ ବ୍ରଜରାଜନଗର ଟ୍ରଲର ମାଲିକ କିଶୋର ପ୍ରସାଦ ବଡମାଲ ଥାନାରେ ଜଣାଇଥିଲେ। ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ତୁରନ୍ତ ପଡୋଶୀ ଜିଲାର ବିଭିନ୍ନ ଥାନାକୁ ଜଣାଇବା ସହ୨ପୋଲିସ୍ ଟିମ୍ ଗଠନ କରି ଏହାର ତନାଘନା କରିଥିଲେ। ଏନେଇ ଜିପିଏସ୍ ଯାଞ୍ଚ ପରେ ଜଣାପଡିଥିଲା ପ୍ରଧାନପାଲି ନିକଟରେ ଟ୍ରଲର ରହିଛି। ତାପରେ ଦୁର୍ବୃତ୍ତ ଟ୍ରଲରରୁ ଜିପିଏସ୍ ଖୋଲି ଦେବାରୁ ଆଉ ଏହାର ଲୋକେଶନ ଜଣାପଡି ନ ଥିଲା। କେତେକ ସିସିଟିଭି ଫୁଟେଜ ଯାଞ୍ଚ ପରେ ଜଣାପଡିଥିଲା କାୟେଁସର ଦେଇ ଟ୍ରଲର ପାସ୍ କରିଛି। ଏହି ଆଧାରରେ ପୋଲିସ୍ ପିଛା କରିଥିବା ବେଳେ ପଡୋଶୀ ଜିଲାରେ ପୋଲିସ୍ ଆଲଟ୍ ରହିଥିଲା। ଫଳରେ ଦୁର୍ବୃତ୍ତ ଟ୍ରଲରକୁ ନେଇ ନ ପାରି ବଡରମା ଘାଟିରେ ଛାଡି ଯାଇଥିଲେ। ଏସମ୍ପର୍କରେ ସ୍ଥାନୀୟ ପୋଲିସ୍ ଜଣାଇବା ପରେ ବଡମାଲ ଥାନା ପୋଲିସ ବଡରମା ଘାଟିରୁ ଚୋରି ଟ୍ରଲକୁ ଉଦ୍ଧାର କରିଥିଲା। ଏନେଇ ଟ୍ରଲର ମାଲିକ ପ୍ରସାଦଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ବଡମାଲ ଥାନା(କେଶ ନଂ ୧୬୭/୨୨)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




ବଡରମା ଘାଟିରୁ ଉଦ୍ଧାର ହୋଇଥିବା ଚୋରି ଟ୍ରଲର ।

## ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**କୁଚିଣ୍ଡା,୭।୮(ଡି.ଏନ.ଏ.)**

କୁଚିଣ୍ଡା ସବ୍ଲର ବ୍ୟାଡମିଣ୍ଟନ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଅଫିସର କ୍ଲବ ପ୍ରାଙ୍ଗଣରେ ଡବଲ୍ସ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୮ ଗୋଟି ଦଳ ଭାଗ ନେଇଥିବା ବେଳେ ୬, ୭, ୮ ବର୍ଷ ଓ ୯,୧୦ ବର୍ଷର ଛାତ୍ରୀଛାତ୍ରଙ୍କୁ ନେଇ ଦୁଇଟି ଗ୍ରୁପ କରାଯାଇ ଦୁଇଟି ପର୍ଯ୍ୟାୟରେ ପ୍ରତିଯୋଗିତା ହୋଇଥିଲା । ଖେଳକୁ ଲକ୍ଷପତି ନନ୍ଦ, ଟିକେଶ୍ୱର୍ ସାହୁ ଓ ବାବୁଲୁ ସାହୁ ପରିଚାଳନା କରିଥିଲେ । ପ୍ରତିଯୋଗିତାର ବିଜୟୀ ଖେଳାଳିମାନେ ଆଗାମୀ୧୨ ଓ ୧୩ ତାରିଖରେ ସମ୍ବଲପୁର ଇଣ୍ଡୋର୍ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ଲବ ସଭାପତି ରାଜେଶ ଶର୍ମା, ସମ୍ପାଦକ ଶିମନ ଦ୍ୱିବେଦୀ, ହେପୀ ମହାପାତ୍ର, ଗୁଡୁ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ ।

# ବାଇପାସ୍ ରାସ୍ତାରେ ଗାଡ଼ି ଗଡ଼ିଲା

**ଜମନକିରା,୭।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବାଇପାସ ରାସ୍ତାରେ ଶନିବାର ରାତିରେ ପରୀକ୍ଷାମୂଳକ ଭାବେ ଗାଡ଼ି ଚଳାଚଳ କରିଛି। ତେବେ ଆନୁଷ୍ଠାନିକ ଭାବେ ଆଗାମୀ ୭ ଦିନ ମଧ୍ୟରେ ଏହି ରାସ୍ତାରେ ସମସ୍ତ ଭାରୀଯାନ ଛଡାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ,୨୦୧୭ ମସିହାରୁ ଏହି ବାଇପାସ ରାସ୍ତା କାମ ଆରମ୍ଭ ହୋଇଥିଲା। ଲୋକେ ରାସ୍ତା କାମ ସରୁ ନ ଥିବା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ଥର ଲୋକେ ଆନ୍ଦୋଳନ କରିଥିଲେ। ସଂପୃକ୍ତ ଠିକାଦାର ସଂସ୍ଥାଗୁଡ଼ିକର ମନମାନୀ ଯୋଗୁ ରାସ୍ତା ହେବାରେ ୫ ବର୍ଷ ବିତିଗଲା। ଦୀର୍ଘଦିନର ପ୍ରତୀକ୍ଷା ପରେ ଶେଷରେ ବାଇପାସ ରାସ୍ତାରେ ଗାଡ଼ି ଛଡାଯାଉଛି। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।



ପରୀକ୍ଷାମୂଳକ ଭାବେ ଗାଡି ଚଳାଚଳ ।

# ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ରକ୍ଷା ମୂଳଲକ୍ଷ୍ୟ

**ସମ୍ବଲପୁର,୭।୮(ବ୍ୟୁରୋ)**

ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ଶିକ୍ଷା କ୍ଷେତ୍ରରେ ମେଧାବୀ ଓ ଆଶାୟୀମାନଙ୍କୁ ସହାୟତା କରିବା, ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବା ରାଧେ ଶ୍ରୀନିବାସ ସେବା ଟ୍ରଷ୍ଟର ମୂଳଲକ୍ଷ୍ୟ। ଏହି ଟ୍ରଷ୍ଟ ଜରିଆରେ ଏଭଳି ସେବା କାର୍ଯ୍ୟ ନିୟମିତ କରାଯାଉଛି। ଏକ ନର୍ସିଂହୋମରେ ଯୁବତୀଯୁବକମାନଙ୍କୁ ନିଯୁକ୍ତି ଦିଆଯାଇ ରୋଜଗାରକ୍ଷମ ହେବା ଭଳିଆ ତାଲିମ ପ୍ରଦାନ କରାଯାଉଛି। ଗରିବ ଶ୍ରେଣୀର ଲୋକଙ୍କୁ ୫୦ ପ୍ରତିଶତ ରିହାତିରେ ଉତ୍ତମ ମାନର ଚିକିତ୍ସା ସେବା ଦିଆଯାଉଛି। ଶ୍ରୀନିବାସ ଅଗ୍ରୱାଲ ଜଣେ ପରୋପକାରୀ, ଉଦାରବାଦୀ ମଣିଷ ଥିଲେ। ଜାତି, ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କ ସେବା କରୁଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ଭୂମିକା ଆଗାମୀ ପିଢି ପାଇଁ ମାର୍ଗଦର୍ଶକ। ତେଣୁ ଟ୍ରଷ୍ଟ ଗଠନ କରି ସମାଜ ସେବାରେ ନିଜକୁ ନିୟୋଜିତ ରଖିବାକୁ ହେବ। ପରଦୁଃଖ ପ୍ରତି ସମବେଦନା ରହିଥିଲେ ହିଁ ସମାଜ ସେବା କରିହୁଏ। ଶ୍ରୀନିବାସ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଶ୍ରୀନିବାସଙ୍କ ସ୍ମୃତିରେ ଆୟୋଜିତ ବକ୍ତୃତାମାଳାରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି । ରାଷ୍ଟ୍ରୀୟ ଚେତନା, ସୁରକ୍ଷା ଓ ବିକାଶ ବିଷୟବସ୍ତୁ ଉପରେ ଏହା ଆୟୋଜିତ ହୋଇଥିଲା। ଡା. ପୁରୁଷୋତ୍ତମ ଅଗ୍ରୱାଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟବକ୍ତା ସ୍ତମ୍ଭକାର ତରୁଣ ବିଜୟ, ରାଞ୍ଚିସ୍ଥିତ ବନବାସୀ କଲ୍ୟାଣ ଆଶ୍ରମର ରାଷ୍ଟ୍ରୀୟ ଉପସଭାପତି ସତ୍ୟେନ୍ଦ୍ର ସିଂ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ନିଜର ମତ ପ୍ରକାଶ କରିଥିଲେ। ଶିବ କୁମାର ଅଗ୍ରୱାଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା ।

# ରାଜଘାଟରେ କିରୋସିନ ଅଭାବ

### ଜିଲାପାଳଙ୍କୁ ଭେଟିଲେ ସମ୍ବଲ ଅନୁଷ୍ଠାନର ସଦସ୍ୟ

**ସମ୍ବଲପୁର,୭।୮(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସକୁ ସମ୍ବଲ ଅନୁଷ୍ଠାନର ସଦସ୍ୟମାନେ ଭେଟି ରାଜଘାଟରେ ମୃତଦେହ ସତ୍କାର ପାଇଁ ହେଉଥିବା କିରୋସିନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଅଭିଯୋଗ କ୍ରମେ କମଲିବଜାରସ୍ଥିତ ରାଜଘାଟରେ ସମ୍ବଲପୁର ସହର, ବୁର୍ଲା ଓ ହୀରାକୁଦର ଲୋକମାନେ ମୃତବ୍ୟକ୍ତିଙ୍କ ସତ୍କାର କରିଥାନ୍ତି । ଏପରି କି ବୁର୍ଲା ମେଡିକାଲରେ ଚିକିତ୍ସା ପାଇଁ ଆସି ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ସେମାନଙ୍କ ଆତ୍ମୀୟ ସ୍ୱଜନ ଏଠାରେ କରିଥାନ୍ତି । ପୂର୍ବରୁ ଜିଲା ପ୍ରଶାସନ ତରଫରୁ ଶବଦାହ ଲାଗି ଆବଶ୍ୟକ ପଡୁଥିବା କିରୋସିନ ଡିଲରଙ୍କ ଜରିଆରେ ଯୋଗାଇ ଦିଆଯାଉଥିଲା । ହେଲେ ଦୀର୍ଘ ଦିନ ହେଲା କିରୋସିନର ଘୋର ଅଭାବ ଦେଖାଦେଇଛି । ଆଗରୁ ସ୍ଥାନୀୟ ଲୋକଙ୍କଠାରୁ କିରୋସିନ ମିଳିଯାଉଥିଲା ବେଳେ ବର୍ତ୍ତମାନ ଆଉ ସମ୍ଭବ ହେଉନାହିଁ । ଯଦ୍ୱାରା ମୃତ ବ୍ୟକ୍ତିଙ୍କ ସତ୍କାର କରିବାକୁ ଆସୁଥିବା ଲୋକମାନେ ବହୁ ହଇରାଣ ହେଉଥିଲେ । ସମ୍ବଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାସକୁ ପ୍ରାୟ ୬ରୁ ୮ ଟି ଅଚିହ୍ନା ଏବଂ ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କରିଥାଏ । ମାତ୍ର କିରୋସିନ ଅଭାବରୁ ଶବ ସତ୍କାର ପାଇଁ ବହୁ ହଇରାଣ ହେବାକୁ ପଡୁଛି । ପୂର୍ବରୁ ସମ୍ବଲ ଅନୁଷ୍ଠାନ ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା । ଲୋକମାନେ କିପରି ହଇରାଣ ନ ହେବେ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଶନିବାର ଜିଲାପାଳଙ୍କୁ ସାକ୍ଷାତ ସମୟରେ ସମ୍ବଲ ଅନୁଷ୍ଠାନର ସମ୍ପାଦକ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ସନ୍ତକ ପଣ୍ଡା, ଦିଲୀପ ବୋଷ୍ ଏବଂ ଶମ୍ଭୁ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲାପାଳ ଦାସ ଏନେଇ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ କଥା ହୋଇଥିବା ବେଳେ ଖୁବ୍‌ଶୀଘ୍ର କିରୋସିନ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।



ଅନୁଷ୍ଠାନର ସଦସ୍ୟମାନେ ଜିଲାପାଳଙ୍କୁ ଭେଟୁଛନ୍ତି ।

## ବେକରେ ସାଲ୍ ବାନ୍ଧି ଆତ୍ମହତ୍ୟା

ଲହୁଣୀପଡା,୭।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ହାତିକୁଚା ଗ୍ରାମର ରାଜୀବ ଗଡାୟତ (୨୧) ଶନିବାର ରାତି ପ୍ରାୟ ୧୦ଟାରେ ବେକରେ ସାଲ୍ ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଖବର ପାଇ ପୋଲିସ ରବିବାର ସକାଳେ ହାତିକୁଚାରେ ପହଞ୍ଚି ମୃତଦେହ ଜବତ କରି ଲହୁଣୀପଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।

**ସଂକ୍ଷେପରେ**

### ପୋଖରୀରେ ବୁଡ଼ି ଯୁବକ ମୃତ

ବଡ଼ଗାଁ, ୭।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ସାହାଜବାହାଲ ଗ୍ରାମ ପୋଖରୀରେ ବୁଡିଯିବାରୁ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଦୃତିଆ କୁମରା(୪୨) । ପୋଲିସ ମୃତଦେହ ଜବତ କରି ବଡଗାଁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ରବିବାର ଅପରାହ୍ନ ୧ଟାରେ ଦୃତିଆ ଗାଁ ନିକଟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥଲେ । ତାଙ୍କ ପ୍ୟାଣ୍ଟ ଓ ସାର୍ଟ ପୋଖରୀ ହୁଡ଼ାରେ ଥିବା ଦେଖି ପାଣିରେ ବୁଡି ଯାଇଥିବା ସନ୍ଦେହ କରି ପୋଖରୀରେ ଖୋଜାଖୋଜି କରିବାରୁ ମୃତଦେହ ମିଳିଥିଲା ।

### ହର ଘର ତ୍ରିରଙ୍ଗା ପାଇଁ ପ୍ରସ୍ତୁତି ବୈଠକ

ଲେଫ୍ରିପଡା, ୭।୮(ଡି.ଏନ.ଏ ): ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମଙ୍ଗସପୁର ମଣ୍ଡଳରେ ଭାଜପା ପକ୍ଷରୁ ଯୋଗୀମାଲ ପଞ୍ଚାୟତର ବିଲେଇଗଡ଼ ତେନ୍ତୁଳିଡିପାଠାରେ ଆଜାଦୀ କା ଅମୃତ ମହୋତ୍ସବ ହର ଘର ତ୍ରିରଙ୍ଗା ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଉଦିତ କୁମାର ଖରସେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଙ୍ଗସପୁର ମଣ୍ଡଳର ଯୋଗୀମାଲ, ମଙ୍ଗସପୁର, ରେମଣ୍ଡା, ନିଆଲିପାଲି, ଉଜ୍ଜ୍ୱଳପୁର ଗମ୍ଭାରୀଡ଼ିହି ଆଦି ପଞ୍ଚାୟତର ପ୍ରତି ଘରେ ତ୍ରିରଙ୍ଗା ଲଗାଇବା ପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା । ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁରଜିତ ନାଏକ, ମଣ୍ଡଳ ସାଧାରଣ ସମ୍ପାଦକ ରଜତ କୁମାର କର, ଜୟରାମ କିଶାନ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ହରିଶଙ୍କର ପଟେଲ, ମଣ୍ଡଳ କାର୍ଯ୍ୟକାରୀ ସଭାପତି ନଳିନୀ ପଟେଲ, ମଣ୍ଡଳ ସଦସ୍ୟ ସନାତନ ନାଏକ, ଝୁଲେନ୍ଦ୍ର କୁସୁମ, ବୀରେନ୍ଦ୍ର ସାହୁ, ଡଗର ଧୃଆ, ସଞ୍ଜୀବ ନାଏକ, ଜିତେନ୍ଦ୍ର ନାଏକ, ସୁମନ୍ତ କିଶାନ, କିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁତ୍ରା,୭।୮(ଡି.ଏନ.ଏ):ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଭାରତ ସ୍କାଉଟ ଗାଇଡ ଓ ଜୁନିୟର ରେଡକ୍ରସ ଶାଖା ତରଫରୁ ପୂର୍ବତନ ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ବିଦ୍ୟାଧର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଜିଲା ସ୍କାଉଟ କମିଶନର ବିଭୀଷଣ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଜେଆରସିଓ ଅନିଲ ପାଣିଗ୍ରାହୀ, ସ୍କାଉଟ ଡିଓସି ବ୍ରିଧିଚନ୍ଦ୍ର ବିଲୁଙ୍ଗ, ସ୍କାଉଟ ଡିଟିସି ଜନସନ ଖାଖା, ଏଡିଓସି ସବିତା ଦାସ, ଡିଟିସି ଗାଇଡ ରେଣୁକା ମହାରଣା, ଓଷ୍ଟା କୁତ୍ରା ବ୍ଲକ ସଭାପତି ଲୋକନାଥ ପ୍ରଧାନ, ସମ୍ପାଦକ ମହେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ପ୍ରଧାନଙ୍କୁ ଜଣେ ସଫଳ କ୍ରୀଡା ନିରୀକ୍ଷକ ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଭାରତ ସ୍କାଉଟ ଗାଇଡ, ଜୁନିୟର ରେଡକ୍ରସ ତରଫରୁ ପ୍ରଧାନଙ୍କୁ ମାନପତ୍ର, ସ୍ମୃତିଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୀପିକା କେର୍କେଟା, ଧୃତିସୁନ୍ଦର ସାହୁ, ସୁନିତା ପଟେଲ, ନୂତନ ହରୋ ସହଯୋଗ କରିଥିଲେ ।

### ମଦଭାଟି କର୍ମଚାରୀଙ୍କୁ ଆକ୍ରମଣ, ଲୁଟ ଅଭିଯୋଗ

ଲେଫ୍ରିପଡା,୭।୮(ଡି.ଏନ.ଏ ): ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଯୋର-ଦଲକୀଝରଣ ରାସ୍ତାର ସର୍ଗିପାଲିରେ ଥିବା ମଦଭାଟି କର୍ମଚାରୀଙ୍କୁ ଶନିବାର ଆକ୍ରମଣ ଏବଂ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଦୁଇଜଣ ମଦଭାଟି କର୍ମଚାରୀ ଜଣକ ଆହତ ହୋଇଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ମଦଭାଟି କର୍ମଚାରୀମାନେ ସର୍ଗିପାଲିଠାରୁ ଗୁଣ୍ଡିଆଡ଼ିହି ଶାଖା ଦୋକାନକୁ ଏକ ବୋଲେରୋରେ ଯାଉଥିବା ବେଳେ ତିନି ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଅଟକାଇଥିଲେ । କର୍ମଚାରୀମାନେ ଗାଡିରୁ ଓହ୍ଲାଇବା ମାତ୍ରକେ ଦୁର୍ବୃତ୍ତମାନେ ଲୁହା ରଡ୍‌ରେ ଆକ୍ରମଣ କରି ଗାଡି କାଗଜପତ୍ର ଏବଂ ତିନି ହଜାର ଟଙ୍କା ଲୁଟି ନେଇଥିଲେ । ଦୁର୍ବୃତ୍ତଙ୍କୁ ପ୍ରତିରୋଧ କରିବା ବେଳେ ମଦ ଭାଟି କର୍ମଚାରୀ ଉମେଶ କୁମାର ଏବଂ ଗୌତମ କୁମାର ଆହତ ହୋଇଥିଲେ । ଏ ନେଇ ଲେଫ୍ରିପଡା ଥାନାରେ ଅଭିଯୋଗ ହୋଇଛି ।

# ପାଣି ନାହିଁ: ଜମି ଫାଟି ଆଁ କଲାଣି



ଇତମା ଗାଁର ଚାଷ ଜମି ଫାଟି ଆଁ କରିଛି ।

ବଡ଼ଗାଁ, ୭।୮(ଡି.ଏନ.ଏ.)

■ ବଡ଼ଗାଁ ବ୍ଲକରେ ମରୁଡ଼ିର ପଦଧ୍ୱନି
■ ହଜାର ହଜାର ଏକର ଜମି ପଡ଼ିଆ

ଜମି ଫାଟି ଆଁ କରିଛି । ଯାହା ବୁଣା ହୋଇଥିଲା ସେସବୁ ନଷ୍ଟ ହୋଇଗଲା । ରୁଆ ପାଇଁ ତଳି ପକାଇଥିବା ଚାଷୀ ବର୍ଷା ଅପେକ୍ଷାରେ ରହିଲା । ବିଳମ୍ବ ଯୋଗୁ ଧାନ ରୁଆ ମଧ ହୋଇପାରିଲାନି । ଚାଷୀ ଉପାୟ ଶୂନ୍ୟ ହୋଇ ଆକାଶକୁ ଚାତକ ଭଳି ଚାହିଁଛି । ଜୁଲାଇ ମାସ ସରି ଅଗଷ୍ଟ ପ୍ରଥମ ସପ୍ତାହ ଗଲାଣି । କିନ୍ତୁ ମେଘ ଲୁଚକାଳି ଖେଳୁଛି । ବର୍ଷାର ନାଁ ଗନ୍ଧ ନାହିଁ । ବର୍ଷା ଅଭାବରୁ ଚାଷ କ୍ଷତି ହେଲା । ଆଉ ବିନା ବର୍ଷରେ ଆମେ ଚାଷୀ କୁଳ ଭାସିଗଲୁ ବୋଲି କୋହଭରା କଣ୍ଠରେ ଚାଷୀ କହୁଛି । ଏ ସମସ୍ୟା ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର । ଏହି ବ୍ଲକ ଅଧୀନ ଇତମା ପଞ୍ଚାୟତର ନକଟୀ, ତରାସଂଘା, ଇତମା ଗ୍ରାମରେ ଅଧିକାଂଶ ଜମିରେ ପାଣି ଅଭାବରୁ ଚାଷ ହୋଇପାରିନାହିଁ । ରଥ ବେହେରା, ବିନୋଦ ଜୟପୁରିଆ, କ୍ଲାରା ଚାମ୍ପିଆ, ଜନ ଚାମ୍ପିଆ, ହିରାବତୀ ପୃଷେଟ, ରୂପନ ଜୟପୁରିଆ,ଙ୍କ ସମେତ ଶତାଧିକ ଚାଷୀ ପାଣି ଅଭାବରୁ ଧାନ ତଳି ରୋଇପାରିନାହାନ୍ତି । ମନୋଜ ପୃଷେଟ, ଘନଶ୍ୟାମ ପୃଷେଟ, ଭିକାରୀ ପୃଷେଟ, ସୁବାଷ ଚନ୍ଦ୍ର ବେହେରା, ପ୍ରେମ ସାଗର ବେହେରାଙ୍କ ସମେତ ୪୦ ଜଣ ଚାଷୀଙ୍କ ବୁଣାଧାନ ଚାଷ ନଷ୍ଟ ହୋଇଯାଇଛି ।

ଚାଷୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ନକଟୀ ଓ ତରାସଂଘା ଗ୍ରାମର ମୋଟ ୪୫୦ ଏକର ଚାଷ ଜମିରୁ ମାତ୍ର ୩୦ ଏକର ଜମିରେ ବୁଣାଧାନ ହୋଇଛି । ଅନ୍ୟ ସମସ୍ତ ଜମି ପଡିଆ ରହିଛି । ସେହିପରି ଇତମା ଗ୍ରାମର ପ୍ରାୟ ୧୪୦୦ ଏକର ଚାଷ ଜମିରୁ ୫ଶହ ଏକରରେ ରୁଆ କରାଯାଇଥାଏ । ଚଳିତ ବର୍ଷ ମାତ୍ର ୩ ଏକର ଜମିରେ ରୁଆଧାନ କରାଯାଇଛି । ଏକ ହଜାର ଏକର ଜମିରେ ବୁଣା କରାଯାଇଛି । କିନ୍ତୁ ବର୍ଷା ନ ହେବାରୁ ଜମି ଫାଟି ଆଁ କରିଛି । ବୁଣା ହୋଇଥିବା ଜମିରେ ପାଣି ଅଭାବରୁ ବିହୁଡା ହୋଇପାରିନାହିଁ । ଚାଷ ସମୟ ଅତିବାହିତ ହୋଇଯାଇଥିବାରୁ ମରୁଡି ଜଳଜଳ ଦେଖାଯାଉଛି ।

## କର୍କଟ ରୋଗ ନିରୂପଣ ଶିବିର, ଔଷଧ ବଣ୍ଟନ




ଶିବିରରେ ରୋଗ ପରୀକ୍ଷା କରାଯାଉଛି ।

ସୁନ୍ଦରଗଡ,୭।୮(ଡି.ଏନ.ଏ.)

ସୁନ୍ଦରଗଡ଼ ରୋଟାରୀ କ୍ଲବ ଆନୁକୂଲ୍ୟରେ ରବିବାର ଏକ କର୍କଟ ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରୋଟାରୀ ଭବନଠାରେ ଆୟୋଜିତ ଏହି ଶିବିରକୁ ରୋଟାରୀ କ୍ଲବର ଅଧ୍ୟକ୍ଷ ଡା. ଦିଲୀପ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ । ବରିଷ୍ଠ କ୍ୟାନ୍‌ସର ବିଶେଷଜ୍ଞ ଡା. ନିତୀଶ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇ ୩୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷଣ କରିଥିଲେ । ଏହି ରୋଗକୁ ଶିଘ୍ର ଚିହ୍ନଟ କରାଗଲେ ଅନେକ ଜୀବନ ରକ୍ଷା କରାପାଇ ପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ସୁନ୍ଦରଗଡ ରୋଟାରୀ କ୍ଲବ ଏବଂ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା । ରୋଟାରୀ କ୍ଲବର ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଓପି ଜିନ୍ଦଲ ଫୁଟବଲ: କୋଇଡା ଚାମ୍ପିୟନ



ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳିବୃନ୍ଦ ।

ଟେନସା,୭।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଟେନସା ସ୍ଥିତ ଜିନ୍ଦଲ ଖଣିର ମାଲିକ ସ୍ୱର୍ଗତ ଓପି ଜିନ୍ଦଲଙ୍କ ୯୨ ତମ ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ଚାଲିଥିବା ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଜିନ୍ଦଲ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି । ଟେନସା ଟିଆର୍‌ବି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବଣାଇ ଉପଖଣ୍ଡ ଅଞ୍ଚଳର ୧୬ ଟିମ୍ ଭାଗ ନେଇଥିଲେ । କୋଇଡା ତହସିଲଦାର ଡି.ଏସ୍. ସୁଭଦର୍ଶୀ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଫାଇନାଲ ମ୍ୟାଚ୍ ଡେଙ୍ଗୁଳା ଗ୍ରାମପଞ୍ଚାୟତ ଓ କୋଇଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପେନାଲ୍ଟିରେ କୋଇଡା ବିଜୟୀ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ ସମ୍ମାନୀୟ ଅତିଥି ଏବଂ ଡେଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ଟେନସା ଜିନ୍ଦଲ ଖଣିର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଉପସଭାପତି କେ. କେ. ନନ୍ଦ, ଯୁବ ସମାଜସେବୀ ଦୁର୍ଯ୍ୟୋଧନ ନାଏକ, ସୁଦର୍ଶନ ପାତ୍ର, ଚନ୍ଦ୍ରମଣି ନାୟକ, ରବିନାରାୟଣ ମିଶ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏହା ସହ ବେଷ୍ଟ ଟିମ୍, ପ୍ଲେୟାର ଓ ଗୋଲ କିପର ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଖଣି ମ୍ୟାନେଜର ଅଭିମନ୍ୟୁ ସାମଲ, ପ୍ରଶାସନ ବିଭାଗର ସୁଦାମ ମହାକୁଡ଼, ଏସ୍.ଏସ୍ ବିଶ୍ୱାଳ, ତପନ ପତି, ରାଜେଶ ମିଶ୍ର, ପ୍ରଶାନ୍ତ ପରିଜା, ଦେବୀ ପ୍ରସନ୍ନ ଜେନା, ପି. କେ ଧଳ, ଗଗନ ବିହାରୀ ସ୍ୱାଇଁ, ଅଜିତ କୁମାର ବିଶୋଇ, କେଶବାନନ୍ଦ ଘଡେଇ, ରଞ୍ଜିତ ମହାକୁଡ଼, ଅବିନାଶ ଲେଙ୍କା, ରଶ୍ମି ରଞ୍ଜନ ନାୟକ, ମହେନ୍ଦ୍ର ସିଂହ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ରେଫରି ଭାବେ ଭୀଷ୍ମଦେବ ମାହାନ୍ତ, ସୋମେନ୍ଦ୍ର ମୁଖୀ, ଏସ୍.ଏନ୍. ଜେନା, ନୀଳମଣି ପ୍ରଧାନ, ମନୋଜ ସାହୁ ଯୋଗ ଦେଇଥିଲେ ।

## ଯୁବତୀଙ୍କୁ ପ୍ରେମ ପ୍ରତାରଣା: ଯୁବକ ଗିରଫ

ରାଉରକେଲା ଅଫିସ,୭।୮

ରାଉରକେଲା ରେଲୱେ କଲୋନୀ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗରେ ପ୍ଲାଣ୍ଟସାଇଟ୍ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୋପାଲ ସିଂ(୨୮) । ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି । ଏ ନେଇ ପୋଲିସ ଏକ ମାମଲା (ନଂ.୨୨୭।୨୨) ରୁଜୁ କରିଛି ।

ମାଲଗୋଦାମ ଅଞ୍ଚଳର ଗୋପାଲ ଗତ କିଛି ମାସ ତଳେ ରେଲୱେ କଲୋନୀ ଅଞ୍ଚଳର ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଗୋପାଲ ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖିବାରୁ ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ ଧରିଥିଲା । ଫଳରେ ଗୋପାଲ ଫେରାର ହୋଇ ଯାଇଥିଲେ । ଏ ନେଇ ଯୁବତୀଙ୍କ ପରିବାର ଲୋକେ ଗତ ଜୁନ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ।

## ସଙ୍ଗୀତ ସନ୍ଧ୍ୟା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି ।

ରାଉରକେଲା ଅଫିସ,୭।୮

ରାଉରକେଲାର ନଟରାଜ ସଙ୍ଗୀତ ପରିଷଦ ପକ୍ଷରୁ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରଠାରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଜେନେରାଲ ମ୍ୟାନେଜର ଇନଚାର୍ଜ ବିଜୟ କୁମାର ରାଉତ ମୁଖ୍ୟ ଅତିଥି, ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଧଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏକତ୍ର ରାଉରକେଲାର ସଭାପତି ପ୍ରଫେସର ଡ. ସମର ମୁଦାଲି, ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେର, ବିମଳ ବିଶି, ଶିବ ଶଙ୍କର ଖିଲାରୀ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ସଙ୍ଗୀତ ସନ୍ଧ୍ୟାରେ ବିଶିଷ୍ଟ ତବଲାବାଦକ ଗୁରୁ ପଦ୍ମନାଭ ନାୟକଙ୍କୁ ନଟରାଜ ବାଦ୍ୟ ବିଭୂଷଣ ସମ୍ମାନ ଓ ସଙ୍ଗୀତ ଶିଳ୍ପୀ ଡା. ଶୁଶାନ୍ତ ପାଣିଙ୍କୁ ନଟରାଜ ସଙ୍ଗୀତ ସୁଧାକର ସମ୍ମାନ-୨୦୨୨ରେ ଅଲଙ୍କୃତ କରାଯାଇଥିଲା । ପରେ ପରିଷଦର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରବୀର କୁମାର ଜେନା, ବସନ୍ତ କୁମାର ନାୟକ, ଇନ୍ଦ୍ରବାଲି ମିଷ୍ଟ୍ରି, ରଶ୍ମିତା ଜେନା, ଅଞ୍ଜଳି ଜେନା, ଅଶୋକ କୁମାର ନନ୍ଦ, ରାନୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ମୋନାଲିସା ସାହୁ ଓ ଜୟନ୍ତୀ ବେହେରା ମଞ୍ଚ ପରିଚାଳନା ଏବଂ ବିକ୍ରମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ



ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି ।

ସୁନ୍ଦରଗଡ,୭।୮(ଡି.ଏନ.ଏ.):ଜାତୀୟ ଆୟୁଷ ମିଶନ, ଆୟୁଷ ନିର୍ଦ୍ଦେଶାଳୟ ଏବଂ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ ଅଫିସ ଆନୁକୂଲ୍ୟରେ ସଦର ବ୍ଲକ ଲହଣ୍ଡା ବୁଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବମ ଶ୍ରେଣୀ ଛାତ୍ରୀ ଅଞ୍ଜଲ ପିଙ୍ଗଙ୍କ ଦ୍ୱାରା ଫିତା କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଅନନ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ହୋମିଓପ୍ୟାଥି ଚିକିତ୍ସାଧିକାରୀ ସାନ୍ତ୍ୱନା ପରିଡ଼ା, ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତାଲିମପ୍ରାପ୍ତ ଡା. ସୁମନ କୁଲ୍ଲୁ, ଅମିତ ତୀର୍କି, ଜର୍ଜରିତ ସୁରୀନ, ଲଳିତ ନାଏକ, ଜୟନ୍ତ ଶତପଥୀ, କେଶବ କର୍ତ୍ତା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ । ସୁଜିତ ପଟେଲ ଛାତ୍ରୀଛାତ୍ରଙ୍କୁ ଯୋଗ ପ୍ରାଣାୟାମ ସମ୍ପର୍କରେ ବୁଝାଇଥିଲେ ।

## ବର୍ଷା ପାଇଁ ଚାଲିଛି ଇନ୍ଦ୍ରପୂଜା

ବଡ଼ଗାଁ, ୭।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ଗାଁର ଲୋକମାନେ ରବିବାର ବର୍ଷା ପାଇଁ ହୋମଯଜ୍ଞ ଓ ଇନ୍ଦ୍ର ଦେବତାଙ୍କୁ ପୂଜା କରିଛନ୍ତି । କିଛି ଦିନ ତଳେ ଜାଙ୍ଗଲୀ ଗାଁରେ ଲୋକେ ଇନ୍ଦ୍ର ଦେବତାଙ୍କୁ ପୂଜା କରିଥଲେ । ବର୍ଷା ଅଭାବରୁ ଚାଷ କାମ ହୋଇ ପାରୁ ନ ଥିବାରୁ ଚାଷୀକୁଳ ନିରାଶ ହୋଇପଡିଛନ୍ତି । ଫଳରେ ସେମାନେ ବିଭିନ୍ନ ଉପାୟ ଅବଲମ୍ବନ କରୁଥିବା ଦେଖାଯାଇଛି । ଜମି ଫାଟି ଆଁ କରିଥିବା ଇତମା ଗ୍ରାମର ୭୦ ପ୍ରତିଶତ ଜମିରେ ବର୍ଷା ଅଭାବରୁ ଚାଷ ହୋଇପାରିନାହିଁ । ସତ୍ୟବାନ ବିଶି ପୂଜା କାର୍ଯ୍ୟ ତୁଲାଇଥିଲା ବେଳେ ଗୌନ୍ତିଆ ନରେନ୍ଦ୍ର ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସେହିପରି ପଟୁଆବେଡା ଗ୍ରାମବାସୀ ଇନ୍ଦ୍ରପୂଜା କରିଥିବା ବେଳେ ଜାଙ୍ଗଲି ଗ୍ରାମବାସୀ ବର୍ଷା ପାଇଁ ବେଙ୍ଗ ବେଙ୍ଗୁଲି ବାହାଘର କରିଛନ୍ତି ।




ଇତମା ଗାଁରେ ଇନ୍ଦ୍ରଦେବଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

## ଚାଷକୁ ପାଣି ଅଭାବ, ମରୁଡ଼ି ଆଶଙ୍କା

ଲହୁଣୀପଡ଼ା,୭।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅଞ୍ଚଳରେ ମରୁଡ଼ି ଆଶଙ୍କା ପ୍ରକାଶ ପାଇଛି । ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନଚାଷ ବ୍ୟାହତ ହୋଇଛି । ପାଣି ଅଭାବରୁ ଜମି ଫାଟି ଯାଇ ଆଁ କରିଥିବା ବେଳେ ଚାଷୀକୁଳ ହତାଶ ହୋଇ ବର୍ଷାକୁ ଅପେକ୍ଷା କରିଛନ୍ତି । ଅନ୍ୟପକ୍ଷେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାରା ଶ୍ରାବଣ ମାସରେ ପ୍ରଚଣ୍ଡ ଖରା ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଆଗକୁ ବର୍ଷା ନ ହେଲେ ପିଲ ମାରିଥିବା ତଳି ଗୁଡିକ ରୁଆ ଯାଇପାରିବ ନାହିଁ ବୋଲି ଚାଷୀମାନେ କହିଛନ୍ତି ।

ଲହୁଣୀପଡ଼ା ବ୍ଲକ ଅଞ୍ଚଳରେ ପ୍ରାୟ ୭୦ରୁ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଚଳିତବର୍ଷେ ବର୍ଷା ଅଭାବରୁ ଚାଷକାମ ବାଧାପ୍ରାପ୍ତ ହୋଇଥିବା ବେଳେ ଏ ଅଞ୍ଚଳ ଦେଇ ଯାଇଥିବା କେତେକ କେନାଲ ମଧ ଶୁଖିଲା ପଡିଛି । କେତେକ ସ୍ଥାନରେ ଡ୍ୟାମ୍ ଓ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲେ ମଧ ସେଥିରେ ପାଣି ନାହିଁ । ଲହୁଣୀପଡା ଅଞ୍ଚଳରେ ଗତ ଜାନୁଆରୀ ମାସରେ ମାତ୍ର ୪ ଦିନରେ ୬୫ ମିଲିମିଟର ବର୍ଷା ହୋଇଥିବା ବେଳେ ଫେବୃଆରୀରେ ୪ ଦିନରେ ୨୮ ମିଲିମିଟର, ମାର୍ଚ୍ଚରେ ଗୋଟିଏ ଦିନରେ ୧୨ ମିଲିମିଟର ଓ ଏପ୍ରିଲ ମାସରେ ଗୋଟିଏ ଦିନରେ ୮.୮ ମିଲିମିଟର ବର୍ଷା ହୋଇଛି । ମେ ମାସରେ ୯ ଦିନରେ ୮୨ ମିଲିମିଟର, ଜୁନରେ ୧୭୦ ମିଲିମିଟର ଏବଂ ଜୁଲାଇରେ ୧୮ ଦିନରେ ୨୨୯ ମିଲିମିଟର ବର୍ଷା ହେଇଥିବା ରେକର୍ଡ କରାଯାଇଛି । ଯାହାକି ଧାନ ଚାଷ ପାଇଁ ଯଥେଷ୍ଟ ନୁହେଁ ।

ସୂଚନାଥାଉକି, ଉକ୍ତ ଅଞ୍ଚଳରେ ୨୦୨୦ରେ ସମୁଦାୟ ୧୬୦୦. ୭୫ ମିଲିମିଟର ଓ ୨୦୨୧ରେ ୧୬୬୩.ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ୫୯୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଅନ୍ୟ ୨ବର୍ଷ ତୁଳନାରେ ଚଳିତ ବର୍ଷ ଜୁଲାଇ ଶେଷ ପର୍ଯ୍ୟନ୍ତ ତିନି ଭାଗରୁ ଏକ ଭାଗ ବର୍ଷା ହୋଇଥିବାରୁ ମରୁଡି ସୁନିଶ୍ଚିତ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି । ଅନ୍ୟପକ୍ଷେ ଧାନଚାଷ ପାଇଁ ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ଲ୍ୟାମ୍ପ ଓ ଘରୋଇ ସଂସ୍ଥାରୁ ଋଣ ନେଇ ଚାଷ କରିଥିବାରୁ ତାର ପରିଶୋଧ କରିବା ଚିନ୍ତା ସେମାନଙ୍କୁ ଘାରିଛି ।



ଲହୁଣୀପଡା ଅଞ୍ଚଳରେ ଧାନ ତଳି ବିଲ ଶୁଖିଲା ପଡିଛି ।

## ଫାର୍ମାସିଷ୍ଟ ସେବା ସଂଘର ୮ଦଫା ଦାବି

ବରଗଡ଼ ଅଫିସ: ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ବୈଠକ ରବିବାର ବରଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୮ଦଫା ଦାବି କରାଯାଇଥିଲା। ଫାର୍ମାସିଷ୍ଟଙ୍କ ମୂଳ ଦରମା ବୃଦ୍ଧି, ପଦୋନ୍ନତି, ଫାର୍ମାସିଷ୍ଟ ବଦଳରେ ପଦବୀକୁ ଫାର୍ମାସୀ ଅଫିସର କରାଯିବା, ଏମ୍ଏଚ୍ୟୁ, ଆର୍‌ବିଏସ୍‌କେ ସ୍କିମ୍‌ରେ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପିଏଚସିରେ ଅତିରିକ୍ତ ଫାର୍ମାସିଷ୍ଟ ପଦବୀ ସୃଷ୍ଟି ଆଦି ରହିଛି । ସଭାପତି ସଞ୍ଜୀବ କୁମାର ସେଠ, ଚିନ୍ମୟ କୁମାର ସିହ୍ନା, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଲଖନା ଅଞ୍ଚଳରେ ଦିନରେ ଚୋରି ଅଭିଯୋଗ

ନୂଆପଡା ଅଫିସ,୭ ।୮: ନୂଆପଡା ଜିଲା ଲଖନା ଥାନା ସାଲେପଡା ଗାଁର ଏକ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଦିନ ଦ୍ୱିପରେ ଚୋରି କରି ଫେରାର ମାରିଛନ୍ତି ଚୋର । ପ୍ରାପ୍ତ ସୂଚନା ମୁତାବକ ଶନିବାର ଲଖନା ଥାନା ସାଲପଡା ଗାଁରେ ବିଭୁ ସାହୁଙ୍କ ଘରୁ ଆଲମିରା ଭାଙ୍ଗି ସୁନା ଗହଣା ୪ ଭରି ଓ ୪୦ ହଜାର ଟଙ୍କା ଛୋରି ହୋଇଥିବା ଲଖନା ଥାନାରେ ଅଭିଯୋଗ ହୋଇଛି । ଶନିବାର ସକାଳେ ୧୦ ଟାରେ ଲଖନା ଅଞ୍ଚଳରେ ବର୍ଷା ହେଉଥିବା ସମୟରେ ଦୁଇ ଅଜଣା ବ୍ୟକ୍ତି ବିଭୁ ସାହୁଙ୍କ ଘର ପାଖକୁ ଆସି ଆଜ୍ଞା ଘରେ ଅଚନ୍ତି କି ବୋଲି ବିଭୂଙ୍କ ସ୍ତ୍ରୀ ମୀନା ସାହୁ ପଚାରିଥିଲେ। ମହିଳା ଜଣକ ଆଜ୍ଞା ଘରେ ନାହାନ୍ତି ବୋଲି କହିବାରୁ ଚୋର ଦୁଇ ଜଣ ମହିଳାଙ୍କ ମୁହଁରେ ସ୍ପ୍ରେ କରିଥିଲେ । ଏହା ପରେ ମହିଳା ଜଣକ ଅଚେତ ଅବସ୍ଥାରେ ତଳେ ପଡି ଯାଇଥିଲେ। ଏହି ସମୟରେ ଚୋର ଦୁଇ ଜଣ ଘରକୁ ପଶି ଆଲମିରା ଭଙ୍ଗି ୪୦ ହଜାର ଟଙ୍କା ଓ ୪ ଭରି ସୁନା ଗହଣା ନେଇ ଘର ପଛପଟୁ ଫେରାର ହୋଇଥିଲେ । ଏ ନେଇ କିଛି ସମୟ ପରେ ମହିଳାଙ୍କ ଚେତା ଫେରିବାରୁ ପ୍ରଥମେ ପଡୋଶୀ ଲୋକଙ୍କୁ ଡାକିଥିଲେ। ଏହାପରେ ଆଲମାରିକୁ ଭଙ୍ଗିଥିବା ଦେଖି ମହିଳା ଜଣକ ଆଲମାରିକୁ ଯାଞ୍ଚ କରିଥିଲେ।ହେଲେ ଆଲମିରାରୁ ସୁନା ଓ ଟଙ୍କା ନେଇଥିବା ଜଣାପଡିଥିଲା। ଲଖନା ଥାନାରେ ଲିଖିତ ଅଭିଯୋଗ କଲା ପରେ ଲଖନା ପୋଲିସ ବିଭୁ ସାହୁଙ୍କ ଘରକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଚୋରି ଅଭିଯୋଗରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଲଖନା ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି।

### ୧୩୧ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ,୭।୮: ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ବିଜେଡ଼ିର ୨୫ବର୍ଷ ପୂର୍ତ୍ତି ଏବଂ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ, ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ୧୩୧ଜଣ ରକ୍ତଦାନ କରିଥିଲେ। ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ପିତ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା, ଓଡ଼ିଶା ମୋ ପରିବାର ସଂଯୋଜକ ଗୌରହରି ମିଶ୍ର, ବିଜୁ ଯୁବ ଜନତା ଦଳର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଜୀବନ ବିନ୍ଦୁ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ବରଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ମ୍ୟୁନିସିପାଲିଟିର କାଉନସିଲରବୃନ୍ଦ ଉପସ୍ଥିତ ଥିଲେ।

# ୩ ଦିନ ହେଲା ସ୍କୁଲ ଆସୁନାହାନ୍ତି ଛାତ୍ରୀଛାତ୍ର

**କେନ୍ଦୁପାଲି ୫ଟି ଉନ୍ନିତ ହାଇସ୍କୁଲ**

- ଶିକ୍ଷକ ନିଯୁକ୍ତିକୁ ନେଇ ଗ୍ରାମବାସୀ-ବିଇଓ ବିବାଦ ଘଟଣା
- ଜିଲାପାଳ,ଉପଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଅମରପାଲି, ୭।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ୫ଟି ହାଇସ୍କୁଲରେ ଶିକ୍ଷକ ନିଯୁକ୍ତିକୁ ନେଇ ଗତ ୨ତାରିଖରେ ଚାଲିଥିବା ଆନ୍ଦୋଳନ ବେଳେ ବିଇଓ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘଟଣା ପରେ ବିଇଓ ଶାନ୍ତନୁ କୁମ୍ଭକାର ବୀରମହାରାଜପୁର ଥାନାରେ ସ୍କୁଲ ଶିକ୍ଷା କମିଟି ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ମୋ ସ୍କୁଲ ଅଭିଯାନ କମିଟି ସଭାପତିଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗରେ ତାଙ୍କୁ ଗ୍ରାମବାସୀ ଦୁର୍ବ୍ୟବହାର କରିଥିବା ଉଲ୍ଲେଖ କରିଥିଲେ। ଗ୍ରାମବାସୀ ମଧ୍ୟ ପରବର୍ତ୍ତୀ ସମୟରେ ବିଇଓ କୁମ୍ଭକାରଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଆନ୍ଦୋଳନ ସମୟରେ ଉପସ୍ଥିତ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ହାତ ଧରି ଧକ୍କା ମାରିଥିଲେ ବିଇଓ। ଉକ୍ତ ଘଟଣା ଏବେ ଭିନ୍ନ ମୋଡ ନେଇଛି। ଶୁକ୍ରବାରଠାରୁ ସ୍କୁଲକୁ ଜଣେ ବି ଛାତ୍ରୀଛାତ୍ର ପଢିବାକୁ ଅସୁ ନାହାନ୍ତି। ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ପ୍ରାୟ ୩୮୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ପୂର୍ବରୁ ମାତ୍ର ୭ଜଣ ଶିକ୍ଷକ ଥିଲେ। ଗତ ମଙ୍ଗଳବାର ଆନ୍ଦୋଳନ ପରେ ପୁଣି ୩ଜଣ ଶିକ୍ଷକଙ୍କୁ ଉକ୍ତ ସ୍କୁଲକୁ ଦିଆ ଯାଇଛି। ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟୀର ନାଁରେ ବୀରମହାରାଜପୁର ଥାନାରେ ବିଇଓ କୁମ୍ଭକାର ମିଥ୍ୟା ଅଭିଯୋଗ କରିଥିବା ସହିତ ଆନ୍ଦୋଳନରତ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଅଭିଭାବକମାନେ ଶୁକ୍ରବାରରୁ ଏହାର ପ୍ରତିବାଦ କରି ନିଜ ପିଲାଙ୍କୁ ସ୍କୁଲକୁ ପଠାଉ ନାହାନ୍ତି। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ଓ ଅଭିଭାବକଙ୍କୁ ଭେଟି ସ୍କୁଲକୁ ଆସିବାକୁ କହୁଛନ୍ତି। ମାତ୍ର ଉକ୍ତ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ଛାଡିବେ ନାହିଁ ବୋଲି ଅଭିଭାବକମାନେ କହୁଥିବା ପ୍ରଧାନଶିକ୍ଷକ ସିତାଂଶୁ ଖମାରୀ କହିଛନ୍ତି। ଉକ୍ତ ଘଟଣାକୁ ନେଇ ଗ୍ରାମବାସୀ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କୁ ଭେଟି ବିଇଓଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପରେ ଜିଲାପାଳ ଓ ଜଲା ଶିକ୍ଷା ଅଧିକାରୀଙ୍କୁ ମଧ୍ଯ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପଟେ ବିଇଓ ଏବଂ ଗ୍ରାମବାସୀଙ୍କ ବିବାଦରେ ପିଲାଙ୍କ ପାଠପଢାରେ ବ୍ୟାଘାତ ଦେଖାଦେଇଛି। ମାତ୍ର ଶିକ୍ଷାବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରସାସନ ଉକ୍ତ ଘଟଣାକୁ ଗମ୍ଭୀରତାର ସହିତ ନେଇ ଯଥାଶୀଘ୍ର ପିଲାଙ୍କୁ ସ୍କୁଲ ଆଣିବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଜାତୀୟସ୍ତରରେ ୧୧ ବାନ୍ଧଶିଳ୍ପୀ ସମ୍ବର୍ଦ୍ଧିତ



ବରଗଡ଼ ଅଫିସ,୭।୮

ହସ୍ତତନ୍ତ, ବାନ୍ଧକଳାରେ ବରଗଡ଼ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି । ଜିଲାର ବୁଣାକାରମାନେ ସେମାନଙ୍କ ବାନ୍ଧକଳା ଯୋଗୁ ଦେଶ ବିଦେଶରେ ସୁଖ୍ୟାତି ଅର୍ଜନ କରିବା ସହିତ ଜିଲା ପାଇଁ ଗୌରବ ଆଣିଛନ୍ତି। ହସ୍ତତନ୍ତ, ବାନ୍ଧକଳାରେ ପାରଦର୍ଶିତା ଯୋଗୁ ଜିଲାର ବୁଣାକାରଙ୍କୁ ଅନେକ ସମ୍ମାନ ମଧ୍ୟ ମିଳିଛି। ରବିବାର ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଜିଲାର ୧୧ଜଣ ବାନ୍ଧଶିଳ୍ପୀ ସମ୍ମାନିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ମର୍ଯାଦାଜନକ ସନ୍ଥ କବୀର ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଅନ୍ୟ ୬ ଜଣଙ୍କୁ ନ୍ୟାଶନାଲ ଆୱାର୍ଡ଼ ମିଳିଛି।

ସନ୍ଥ କବୀର ସମ୍ମାନ ପାଇଥିବା ବାନ୍ଧଶିଳ୍ପୀମାନେ ହେଲେ ବରପାଲିର ମକରଧ୍ୱଜ ମେହେର, ବରଗଡ଼ କଟାପାଲିର ଈଶ୍ୱର ମେହେର, ଝିଲିମିଣ୍ଡା କପାବାରିର ଦେବକୀ ମେହେର, ଚିଚିଣ୍ଡାର ହରିଶଙ୍କର ମେହେର, ସରସରାର ଋଷଭ ମେହେର। ନୀଳାଦ୍ରି ବିଜେତା ବାନ୍ଧକଳା ପାଇଁ ମକରଧ୍ୱଜ, ଆଦିଶକ୍ତି ଟାଏ ଆଣ୍ଡ୍ ଡାଇ ପାଇଁ ଈଶ୍ୱରଙ୍କୁ ସନ୍ଥ କବୀର ସମ୍ମାନ ମିଳିଥିବାବେଳେ ଦେବକୀ, ହରିଶଙ୍କର ଏବଂ ଋଷଭଙ୍କୁ ମଧ୍ୟ ସେମାନଙ୍କ ଅନନ୍ୟ ବାନ୍ଧକଳା ପାଇଁ ଏହି ସମ୍ମାନ ମିଳିଛି । ନଗଦ ୩ଲକ୍ଷ ଟଙ୍କା ସହିତ ସ୍ୱର୍ଣ୍ଣ ପଦକ, ଉତ୍ତରୀୟ ଏବଂ ଟ୍ରଫି ସହିତ ସେମାନଙ୍କୁ ସମ୍ମାନିତ କରାଯାଇଛି। ସେହିପରି ବରଗଡ଼ ଜିଲା କପାବାରିର ପ୍ରମିଳା ମେହେର, ହଳଦୀପାଲିର ନୀଳାଦ୍ରି ମେହେର, ବରପାଲିର ଦାଶରଥି ମେହେର, ବିଜେପୁର ଲାଉମୁଣ୍ଡାର ଅଞ୍ଜଳି ମେହେର, ନିତାଇ ମେହେର, ଏବଂ ବରପାଲିର ନରହରି ମେହେରଙ୍କୁ ନ୍ୟାଶନାଲ ଆୱାର୍ଡ଼ ମିଳିଛି । ନଗଦ ଦେଢ଼ଲକ୍ଷ ଟଙ୍କା ଓ ଟ୍ରଫି ସହିତ ସେମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

# କ୍ରାନ୍ତି ଦିବସରୁ ପଦଯାତ୍ରା କରିବ କଂଗ୍ରେସ

ସୋନପୁର,୭।୮(ନି.ପ୍ର.)

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆସନ୍ତା ୯ ତାରିଖ କ୍ରାନ୍ତି ଦିବସରୁ ସୁବର୍ଣ୍ଣପୁର ଜିଲା କଂଗ୍ରେସ ଜନସଚେତନତା ପଦଯାତ୍ରା କରିବ। ପଦଯାତ୍ରା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କଂଗ୍ରେସ ଦଳ ଜିଲାର ୬ଟି ବ୍ଲକରେ ମୋଟ ୭୫ କିଲୋମିଟର ବ୍ୟାପି ପଦଯାତ୍ରା କରିବ ବୋଲି ପିସିସି ପର୍ଯ୍ୟବେକ୍ଷକ ଦୁର୍ଗା ପାଢୀ ରବିବାର ସୋନପୁରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦେଶ ସ୍ୱାଧିନ ହେବାର ୭୫ବର୍ଷ ପୂର୍ତ୍ତି ଅବସରରେ ଦଳ ଏହି କାର୍ଯ୍ୟକ୍ରମ ହାତକୁ ନେଇଛି। ଦେଶକୁ ସ୍ୱାଧୀନ କରିବା ପାଇଁ ଜାତୀୟ କଂଗ୍ରେସ ପାର୍ଟି ତିଆରି ହୋଇଥିଲା। ବହୁ ସଂଗ୍ରାମୀ ଆନ୍ଦୋଳନରେ ସାମିଲ ହୋଇ ଦେଶ ପାଇଁ ଶହୀଦ ହୋଇଛନ୍ତି। ତେବେ କେନ୍ଦ୍ରର ଭାଜପା ନେତୃତ୍ୱାଧିନ ଏନଡିଏ ସରକାର ସ୍ୱାଧୀନତାର ଅମୃତ ମହୋତ୍ସବ ଓ ହର ଘର ତ୍ରିରଙ୍ଗା ନାମରେ ଶସ୍ତା ରାଜନୀତି କରୁଛି। କଂଗ୍ରେସ ଦଳ ପଦଯାତ୍ରା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବ। ତେଣୁ ଆସନ୍ତା ୯ ତାରିଖରେ ବୀରମହାରାଜପୁର ବ୍ଲକରେ କଂଗ୍ରେସ ପଦଯାତ୍ରାର ଶୁଭାରମ୍ଭ କରିବ। ୧୦ ତାରିଖରେ ଉଲୁଣ୍ଡା, ୧୧ରେ ବିନିକା, ୧୨ରେ ତରଭା, ୧୩ରେ ଡୁଙ୍ଗୁରିପାଲି ଓ ୧୪ ତାରିଖରେ ସୋନପୁର ବ୍ଲକରେ ଜନସଚେତନତା ପଦଯାତ୍ରା ଅନୁଷ୍ଠିତ ହେବ। ୧୫ତାରିଖରେ ଜିଲା ସଦର ମହକୁମା ସୋନପୁରରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ରାଜଗୋପାଳ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତୀ ବାଗ, ଯୁବ କଂଗ୍ରେସ ଜିଲା ସଭାପତି ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତନ୍ୟପାନର ଗୁରୁତ୍ୱ ଉପରେ ସଚେତନତା ଲୋଡା




ବିକାଶ ନର୍ସିଂ କଲେଜରେ ଅନୁଷ୍ଠିତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କାର୍ଯ୍ୟକ୍ରମ।

ବରଗଡ଼ ଅଫିସ,୭।୮

ବରଗଡ଼ର ବିକାଶ ନର୍ସିଂ କଲେଜ ଓ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଶତପଥି ସ୍ତନ୍ୟପାନର ଗୁରୁତ୍ୱ ତଥା ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ଏହାସହିତ ପ୍ରସବକାଳୀନ ମା’ ଏବଂ ୬ ମାସରୁ କମ୍ ବୟସର ଶିଶୁଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଜିଲାର ସମସ୍ତ ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଚେତନତା କାର୍ଯ୍ୟକ୍ରମ କରିବାକୁ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ, ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଡି. ବି. ପାଟିଲଙ୍କ ସମେତ ସମସ୍ତ ଡାକ୍ତର, ସିନିୟର ମ୍ୟାନେଜର, ଏଚ୍‌ଆର୍ ମୁଖ୍ୟ, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ମ୍ୟାନେଜର, ବିଭାଗୀୟ ମୁଖ୍ୟ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ.ଡି ଷ୍ଟେଲା, ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ବିକାଶ ୟୁଜି କ୍ୟାମ୍ପସର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ବିକାଶ ନର୍ସିଂ କଲେଜ ଛାତ୍ରୀଙ୍କ ଦ୍ୱାର ସଚେତନତା ରାଲି ସହିତ ପୋଷ୍ଟର ପ୍ରତିଯୋଗିତା, ପେନ୍‌ସିଲ ସ୍କେଚିଂ, ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ନର୍ସିଂ କଲେଜର ଛାତ୍ରୀମାନେ ସ୍ତନ୍ୟପାନ ସପ୍ତାହ-୨୦୨୨ ଏଜୁକେଟ୍ ଶୀର୍ଷକ ନାଟକ, ପାଲା ପରିବେଷଣ କରିଥିଲେ।


**ZILLA SWASTHYA SAMITI, ANGUL**
**O/o- CDM & PHO cum District Mission Director, Angul**
**TENDER CALL NOTICE FOR HIRING OF VEHICLES**

**No. 1350** **Date: 04.08.2022**

No.E-378:- Sealed tenders are invited from the Registered Agencies or Individuals for hiring of commercial light diesel/petrol vehicles with & without A/C towards engagement for **BPMU & RBSK-MHT** under **National Health Mission, Angul** and **Mobile Vision Centre** under **SUNETRA** on monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website ie. **www.angul.nic.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

**Sd./- CDM & PHO Cum District Mission Director, Angul**
OIPR-10174/11/0005/2223



**TENDER NOTICE FOR HIRING OF VEHICLES FOR OMECL**

No. CAD-1412: **Odisha Mineral Exploration Corporation Limited (OMECL), a State PSU** invites sealed tenders from different agencies / sole proprietors for providing Mahindra Bolero (A/C) on monthly hiring basis for movement in Mineral exploration block areas in different parts of Odisha like Kesinga, Bonai, Khandadhar, Barbil, Koraput vide OMECL NIT No.02/OMECL/2022-23 dtd. 06.08.2022. The details of the tender schedule, eligibility criteria, terms & Conditions and application process etc. are available in OMECL website, tender section **www.omecl.in**. The document can be downloaded by the interested bidders on or after 07.08.2022. There will be no manual sale of the tender paper.

**Sd./- General Manager, OMECL**
**OIPR-30024/11/0004/22223**



**OFFICE OF THE DIRECTOR**
**ACHARYA HARIHAR POST GRADUATE INSTITUTE OF CANCER, CUTTACK**

**No. 3477/AHPGIC, Cuttack** **Dated the 05.08.2022**
**E-31/2020-22**

No. E-377: As per recommendation of the Staff Selection Committee and after careful consideration, the advertisement No. AHRCC/E-09/2022 with regards to appointment to the post of Lab. Technician (Central Laboratory) stands cancelled with immediate effect.

**OIPR-10171/11/0009/2223** **Sd./- Director**



**DIRECTORATE OF MINES, ODISHA, BHUBANESWAR**
**REQUEST FOR PROPOSAL (RFP)**

**No. 6811/DM** **Date: 06.08.2022**

No. G-28: The Director of Mines, Odisha invites response from eligible, reputed, qualified System Integrator (SI) for ‘Installation, Commissioning & Maintenance of API Management Solution’ for i3MS Application. The complete response to this RFP should be received in a sealed envelope on or before 29.08.2022 by 12 Noon. For details refer to our website **www.odishaminerals.gov.in**.

**Sd./- Director of Mines, Odisha**
**OIPR-30004/11/0022/2223**



**ADVERTISEMENT**

No. AA-06: Applications are invited from eligible candidates for appointment to the post of Director (Finance) in OHPC Ltd., a PSU functioning under Department of Energy, Govt. of Odisha. Last date of receipt of application is 30.09.2022. For further details please visit **https://energy.odisha.gov.in**.

**ବିଜ୍ଞାପନ**

ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା OHPC Ltd.ରେ DIRECTOR (FINANCE) ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ ଆହ୍ୱାନର ଶେଷ ତାରିଖ ତା୩୦।୦୯।୨୦୨୨ରିଖ ଅଟେ। ସବିଶେଷ ବିବରଣୀ **https://energy.odisha.gov.in**ରୁ ପ୍ରାପ୍ତ କରାଯାଇପାରେ।

**OIPR-04001/11/0002/2223**


# ପଦ୍ମପୁର ଉପଖଣ୍ଡରେ ସାର କଳାବଜାର




ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ପଦ୍ମପୁର, ୭।୮(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଚାଷ କାର୍ଯ୍ୟ ଚାଲିଥିବା ବେଳେ ୟୁରିଆ, ପଟାସ, ଡିଏପି, ଗ୍ରୋମର ସାରର ବହୁ ଆବଶ୍ୟକତା ରହିଛି। ଏହି ସମୟରେ ସେବା ସମବାୟ ସମିତି ଓ ଏଜେଣ୍ଟମାନଙ୍କ ନିକଟରେ ସାରର ଅଭାବ ଦେଖାଦେଇଛି। ଅନ୍ୟପକ୍ଷେ ଏହି ସାରକୁ ଖୋଲା ବଜାରରେ ଚଢା ଦରରେ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଏହାର ପ୍ରତିବାଦ କରି ସ୍ଥାନୀୟ ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପଦ୍ମପୁର ଅଞ୍ଚଳରେ ୟୁରିଆ ସାରର ସରକାରୀ ଦର ୨୬୭.୫୦ ଟଙ୍କା ଥିବାବେଳେ ଏହାକୁ ଖୋଲା ବଜାରରେ ୫ ଶହ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ଡିଏପି ସାର ଦର ୧୩ ଶହ ୫୦ ଟଙ୍କା ଥିବାବେଳେ ୧୮ ଶହ ଟଙ୍କା, ପଟାସ ୧୭ ଶହ ଟଙ୍କା ଥିବାବେଳେ ୧୮ ଶହ ୫୦ ଟଙ୍କା ଏବଂ ଗ୍ରୋମର ସାର ଦର ୧୪ ଶହ ୭୦ ଟଙ୍କାର ସରକାରୀ ଦର ଠାରୁ ବହୁ ଅଧିକ ଦରରେ ଚାଷୀ କିଣିବାକୁ ବାଧ ହେଉଛନ୍ତି। ପଡ଼ୋଶୀ ଛତିଶଗଡରୁ ବ୍ୟାପକ ମାତ୍ରାରେ ଭେଜାଲ ସାର ପଦ୍ମପୁର ଅଞ୍ଚଳରେ ବିକ୍ରି ଚାଲିଥିବା ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ କିମ୍ବା କୃଷି ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାର ଅଭିଯୋଗ ହେଉଛି। ସାରର କୃତ୍ରିମ ଅଭାବ ଓ ଛତିଶଗଡରୁ ଆସୁଥିବା ଭେଜାଲ ସାର ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଏହାର ପ୍ରତିବାଦରେ ଭାଜପା କୃଷକ ମୋର୍ଚ୍ଚା ପଦ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ ବେଳେ ଭାଜପା କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମଦନ ମୋହନ ପଟେଲଙ୍କ ନେତୃତ୍ୱରେ ରାଜୁ ଘିବେଲା, ଆଇନଜୀବୀ ହରିଶଙ୍କର ସିଂହ, ଡା. ଶ୍ରୀକାନ୍ତ ପାଣିଗ୍ରାହୀ, କାଉନସିଲର କୁନାଲ ପାଣିଗ୍ରାହୀ, ସୁମିତ ଘିବେଲା, ନଗର ସଭାପତି ସୁନୀଲ ଅଗ୍ରୱାଲ, ଲିଙ୍ଗରାଜ ନିଆଲ, ପ୍ରୀତେଶ ବହିଦାର, ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE CDM & PHO cum DISTRICT MISSION DIRECTOR**
**DISTRICT PROGRAMME MANAGEMENT & SUPPORT UNIT, NHM**
**HEALTH & FAMILY WELFARE DEPARTMENT, GOVT. OF ODISHA**
**MALKANGIRI, ODISHA, 764045**

**E-MAIL: cdmomkg@gmail.com** **Phone: 06861-231543**
**Letter No.: 7163** **Dated: 04.08.2022**

**IN HOUSE RECRUITMENT UNDER NHM, MALKANGIRI**

No. E-381:- Applications are invited for the following positions from In-House contractual employees of NHM working in the same post under OSH&FW Society in other districts desiring to be posted in Malkangiri District. The Post are **AYUSH MO (MHT) RBSK, AYUSH MO (MHU), AYUSH MO (Collocated Unit-PHC/CHC), Block Accounts Manager, Pharmacist cum Logistic Assistant, Psychiatric Nurse under-NMHP, Ophthalmic Assistant & Junior Engineer**. Interested in-house candidates are requested to apply in the prescribed format with NOC and certificate for last uninterrupted service in the same post under the society from the concerned CDM&PHO-cum-DMD. The application format and other details are available in the website www.malkangiri.nic.in. The application should reach to the Chief District Medical & Public Health Officer, Malkangiri (Near-Old DHH, DNK, Malkangiri-764048) by Regd Post/ Speed Post/ Courier Service to the undersigned latest by 20.08.2022, 05.00 PM. The authority reserves the right of accepting/ rejecting any application and modifies/cancel the advertisement without assigning any reason thereof.

OIPR-10086/11/0003/2223 **Sd./- CDM&PHO, MALKANGIRI**



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
No. CAD-1409
OMC ODISHA NEW OPPORTUNITIES

**E-Procurement Notice**
**NIT No. OMC/E-PROC/CMC/78/2022 Dated: 06.08.2022**

| | | |
|---|---|---|
| 1 | Name of Work | Rendering of Security Services (through e-tendering) |
| 2 | Availability of tender documents on the e- tendering portal of Government of Odisha | Date: 08-Aug-2022; Time: 06.00 P.M. |
| 3 | Last date for sending queries to OMC | Date: 19-Aug-2022; Time: 05.00 P.M.; queries may be sent by email to **cmc@odishamining.in** |
| 4 | Pre-Bid meeting | Date: 23-Aug-2022; Time:3.30 P.M. Venue: Videoconferencing |
| 5 | Issue of responses to pre-bid queries, addendum/ corrigendum, if required | Date: 25-Aug-2022 |
| 6 | Bid Due Date | Date: 07-Sep-2022; Time: 05:00 P.M. |
| 7 | Opening of Techno-Commercial Bid | Date: 07-Sep-2022; Time: 05:30 P.M. |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Document Cost (non-refundable) including GST | Amount: INR 1,18,000 (Rupees One Lakh and eighteen thousand only) including GST @18% Payable online on the e-tender portal of Government of Odisha **(www.tendersodisha.gov.in)** |
| 10 | Earnest Money Deposit (EMD) | Amount: INR 52,50,000 (Rupees Fifty Two Lakhs Fifty thousand only) Payable online on the e-tender portal of Government of Odisha **(www.tendersodisha.gov.in)** or by the way of Bank Guarantee as per Annexure-12 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC **(www.omcltd.in)**. OMC reserves the right to reject any or all bids without assigning any reason thereof.

**OIPR-30005/11/0097/2223** **Advisor (C&P)**



**DIRECTORATE OF GEOLOGY (O), BHUBANESWAR**
**DEPARTMENT OF STEEL & MINES**
**GOVERNMENT OF ODISHA**
**TENDER NOTICE**

**File No. GIII(K) 1/2022/4718/DG** **Dated: 05.08.2022**

No. G-27: Bids in sealed cover are invited under two-bid system from reputed and experienced manpower service providers having valid GSTN for providing the services of four (4) Drivers & one (1) mechanic for a period of one year on contract basis to carry out driving the Govt. vehicles and repairing of fuel pumps, engines, hydraulics for drilling purposes at different zonal offices/fields under Directorate of Geology, Odisha, Bhubaneswar with maximum monthly consolidated remuneration of Rs.11,100/- (Driver) and Rs.12,500/- (Mechanic) for each excluding EPF, ESI and other taxes and charges as fixed vide Finance Department Circular No. 28090 dated 22.09.2017, Circular No. 11835 dated 31.03.2018 and No. 30722/F dated 06.11.2021.

The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of availability of Tender Document in Govt. website | 10.08.2022 |
| 2 | Last date of submission of Bid | 29.08.2022 (05.30 P.M.) |
| 3 | Date of opening of Technical Bids | 30.08.2022 (11.30 A.M.) |
| 4 | Date of Opening of Financial Bids | 30.08.2022 (12.30 P.M.) |

Bidders are required to submit the technical and financial bids separately. The bids in sealed cover-I containing **“Technical Bid”** and sealed Cover-II containing **“Financial Bid”** should be placed in a third sealed cover super-scribed **“Bid document for Outsourcing of Four Drivers and One Mechanic”** must reach the undersigned on or before 29.08.2022 (05.30 P.M.) by Speed Post/Registered Post/Courier.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from website: **https://odishaminerals.gov.in**.

**Sd./- Director of Geology, Odisha**
**OIPR-30003/11/0010/2223**

## ଆକାଶ ଏୟାରର ପ୍ରଥମ ଉଡ଼ାଣ

**ନୂଆଦିଲ୍ଲୀ:** ଆକାଶ ଏୟାରର ପ୍ରଥମ ବାଣିଜ୍ୟିକ ବିମାନ ରବିବାର ପୂର୍ବାହ୍ନ ୧୦.୦୫ ଘଟିକାରୁ ମୁମ୍ବାଇରୁ ଅହମଦାବାଦକୁ ଯାତ୍ରା କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଉକ୍ତ ବିମାନ ଉଡ଼ାଣର ଶୁଭାରମ୍ଭ କରିଥିଲେ। ସେହିଭଳି ଚଳିତ ମାସ ୧୩ ତାରିଖରେ ଆକାଶ ଏୟାରର ଆଉ ଏକ ବିମାନ ବେଙ୍ଗାଲୁରୁ-କୋଚି ଉଡ଼ାଣ କରିବାକୁ ଥିବାବେଳେ ୧୯ ତାରିଖରେ ବେଙ୍ଗାଲୁରୁ-ମୁମ୍ବାଇ ଏବଂ ସେପ୍ଟେମ୍ବର ୧୫ରେ ଚେନ୍ନାଇ-ମୁମ୍ବାଇ ବିମାନ ଉଡ଼ାଣ ଆରମ୍ଭ କରିବ ବୋଲି ଆକାଶ ଏୟାରର ସିଇଓ ବିନୟ ଦୁବେ ମତବ୍ୟକ୍ତ କରିଛନ୍ତି।

**ସଂକ୍ଷେପରେ**

## ଋଣ ସୁଧ ହାର ବଢ଼ାଇଲେ ବ୍ୟାଙ୍କ

**ନୂଆଦିଲ୍ଲୀ,୭।୮:** ଦେଶର ଆର୍ଥିକ ଅବସ୍ଥାର ସୁଧାର ସାଙ୍ଗକୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେପୋ ହାରରେ ୦.୫୦% ବୃଦ୍ଧି କରିଛନ୍ତି। ଫଳରେ ଏହାର ସିଧା ପ୍ରଭାବ ବ୍ୟାଙ୍କ ଉପରେ ପଡୁଥିବା ବେଳେ ପରୋକ୍ଷ ଭାବେ ମଧ ଋଣ ଗ୍ରହୀତାଙ୍କ ଉପରେ ପଡିବ ବୋଲି ଆକଳନ କରାଯାଇଛି। ଏଭଳି ସ୍ଥିତିରେ ୩ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଗୋଟିଏ ଘରୋଇ ବ୍ୟାଙ୍କ ଋଣ ସୁଧ ହାର ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି। ସେହିଭଳି କାନାରା ବ୍ୟାଙ୍କ ରେପୋ ରେଟ୍ ସହ ସଂଯୋଜିତ ଋଣ ସୁଧ ହାର ୦.୫୦% ବଢ଼ାଇଛି। ଫଳରେ ଏହାର ସୁଧ ହାର ୭.୮୦% ବଦଳରେ ୮.୩୦%କୁ ବୃଦ୍ଧି ପାଇଛି। ସେହିପରି ବ୍ୟାଙ୍କ ଅଫ ବରୋଦାର ଋଣ ସୁଧ ୭.୯୫%କୁ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଋଣ ସୁଧ ହାର ୭.୯୦% କୁ ବଢ଼ାଇ ଦେଇଛନ୍ତି। ଅପରପକ୍ଷରେ ଘରୋଇ ଆଇସିଆଇସିଆଇ ବ୍ୟାଙ୍କ ୫ ଅଗଷ୍ଟରୁ ସୁଧ ହାର ୯.୧୦%କୁ ବଢ଼ାଇ ଦେଇଥିଲା। ପୂର୍ବରୁ ଏହି ସୁଧ ହାର ୮.୬୦% ରହିଥିଲା।

## କ୍ଷତି ସହୁଛନ୍ତି ବୀମା କମ୍ପାନୀ

**ନୂଆଦିଲ୍ଲୀ,୭।୮:** ଗତ ୫ ବର୍ଷ ମଧ୍ୟରେ ଦେଶର ପ୍ରମୁଖ ସରକାରୀ ସାଧାରଣ ବୀମା କମ୍ପାନୀ ପ୍ରାୟ ୨୬,୩୬୪ କୋଟି ଟଙ୍କାର କ୍ଷତି ସହିଛନ୍ତି। ଏପରିକି ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ବୀମା କମ୍ପାନୀଗୁଡ଼ିକ ଉକ୍ତ ପରିମାଣର ଅର୍ଥ ରାଶି କ୍ଷତି ସହିଥିବା ସିଏଜି ରିପୋର୍ଟରୁ ଜଣାପଡିଛି। ମୁଖ୍ୟତଃ ସ୍ୱାସ୍ଥ୍ୟବୀମାରେ ହେଉଥିବା ବିପୁଳ କ୍ଷତି ପାଇଁ ବୀମା କମ୍ପାନୀଗୁଡ଼ିକ ଅନ୍ୟ ବ୍ୟବସାୟରେ କରୁଥିବା ଲାଭ ହ୍ରାସ ପାଇଛି। ଏହି ବୀମା ବାବଦରେ କମ୍ପାନୀ କମ୍ ପ୍ରିମିୟମ ଆଦାୟ କରିଥାଏ କିନ୍ତୁ ରିଟେଲ ପଲିସି ତୁଳନାରେ ଏ ବାବଦରେ ବୀମା କ୍ଷତିପୂରଣ ବାବଦ ଦାବି ରାଶି ବହୁ ଅଧିକ ରହୁଛି। ସିଏଜି ରିର୍ପୋଟରେ ଦର୍ଶାଯାଇଛି ଯେ ୪ଟି ସରକାରୀ ସାଧାରଣ ବୀମା କମ୍ପାନୀ ଯଥା ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ୟୁନାଇଟେଡ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଏବଂ ନ୍ୟାଶନାଲ ଇନସ୍ୟୁରାନ୍ସ ମଧ ସରକାରଙ୍କ କେତେକ ନିୟମ ପାଳନ କରିନାହାନ୍ତି।

# କ୍ଷତି ସହୁଛନ୍ତି ତୈଳ କମ୍ପାନୀ

### ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (କ୍ୟୁ-୧) ରେ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ କ୍ଷତି

ନୂଆଦିଲ୍ଲୀ,୭।୮

ଗତ କିଛି ମାସ ହେବ ସାରା ଦେଶରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଘଟିନାହିଁ। ଫଳରେ ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର କ୍ଷତି ପରିମାଣ ୧୮,୪୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ନିକଟରେ ତୈଳ କମ୍ପାନୀଗୁଡିକ ଜାରି କରିଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳରେ ଏହି ସୂଚନା ଷ୍ଟକ୍ ବଜାରକୁ ଅବଗତ କରାଇଛି। ସେହିଭଳି ତୈଳ କମ୍ପାନୀର ବିପଣନ ମାର୍ଜିନ ହ୍ରାସ ଯୋଗୁ ଏଭଳି କ୍ଷତି ଘଟିଥିବା କମ୍ପାନୀମାନେ ମତ ପ୍ରକାଶ କରିଛନ୍ତି। କେବଳ ପେଟ୍ରୋଲ କି ଡିଜେଲ ନୁହେଁ ଘରୋଇ ଏଲ୍‌ପିଜି ବିପଣନ ଗତ ତ୍ରୈମାସିକରେ ରିଫାଇନ ମାର୍ଜିନ ମଧ ଉଠାଇ ନ ପାରିବା ତୈଳ



କମ୍ପାନୀଗୁଡିକଙ୍କ ଲାଗି ଚିନ୍ତାଜନକ ହୋଇଛି। ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ), ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ) ଓ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ)ଙ୍କୁ ସେମାନଙ୍କ ଖର୍ଚ୍ଚ ଅନୁସାରେ ପ୍ରତିଦିନ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ଅଧିକାର ମିଳିଛି। ତେବେ ବର୍ଦ୍ଧିତ ଖୁଚୁରା ମୁଦ୍ରାସ୍ଫିତି ଚାପରେ ଗତ ୪ ମାସ ହେଲା ଦେଶରେ ପେଟ୍ରୋଲିୟମର ଦର ବୃଦ୍ଧି କି ହ୍ରାସ ହୋଇ ନାହିଁ। ଏଣୁ ଗତ ଜୁଲାଇ ୨୦ରେ ଆଇଓସିଏଲ ଏପ୍ରିଲ-ଜୁନ ତ୍ରୈମାସିକରେ ୧୯୯୫.୩ କୋଟି ଟଙ୍କା କ୍ଷତି ହୋଇଥିବାର ଘୋଷଣା କରିଥିଲେ। ଗତ ଶନିବାର ଏଚପିସିଏଲ ମଧ ତ୍ରୈମାସିକ ଫଳାଫଳ ଜାରି କରିଛି। ଏଥିରେ କମ୍ପାନୀ ୧୦,୧୯୬.୯୪ କୋଟି ଟଙ୍କାର କ୍ଷତି ହୋଇଥିବା ସୂଚିତ କରିଛି। ସେହିପରି ବିପିସିଏଲ ମଧ ୬,୨୯୦.୮ କୋଟି ଟଙ୍କାର କ୍ଷତିର ସୂଚନା ଦେଇଛି। ଏହି ତିନି ସାର୍ବଜନିକ ପେଟ୍ରୋଲିୟମ କମ୍ପାନୀ ଗୋଟିଏ ତ୍ରୈମାସିକରେ ମୋଟ ୧୮,୪୮୦.୨୭ କୋଟି ଟଙ୍କା କ୍ଷତି କରିଛନ୍ତି। ଏପର୍ଯ୍ୟନ୍ତ କୌଣସି ତ୍ରୈମାସିକ କ୍ଷତି ତୁଳନାରେ ଏହା ସର୍ବାଧିକ ବୋଲି କୁହାଯାଉଛି। ପ୍ରଥମ ତ୍ରୈମାସିକରେ ତୈଳ କମ୍ପାନୀମାନେ ବ୍ୟାରେଲ ପିଛା ୧୦୯ ଡଲାରରେ ତୈଳ ଆମଦାନୀ କରିଥିଲେ।




୧୩ତମ କଟନ୍ ଫାବ୍ ପ୍ରଦର୍ଶନୀର ୫ମ ସପ୍ତାହରେ ଆୟୋଜିତ ଲଟେରି ଉଠାଣ କାର୍ଯ୍ୟକ୍ରମରେ ୩ ଜଣ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ବିଜେତା ଅଦିତି ପାତ୍ର ମେଳାର ସମ୍ପାଦକ ଜାଭେଦ ଆଲାମଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୫-ଜି ସ୍ପେକ୍ଟ୍ରମ ଅର୍ଥ ପୈଠ ପାଇଁ ଟେଲିକମ କମ୍ପାନୀଙ୍କୁ ନୋଟିସ

ନୂଆଦିଲ୍ଲୀ,୭।୮

୫-ଜି ସ୍ପେକ୍ଟ୍ରମ ନିଲାମ ଶେଷ ହେବା ପରେ ଆସନ୍ତା ଅଗଷ୍ଟ ୧୦ ସୁଦ୍ଧା ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଆସନ୍ତା ଅଗଷ୍ଟ ୧୬ ସୁଦ୍ଧା ଏ ବାବଦୀୟ ଅର୍ଥ ପ୍ରଦାନ କରିବାକୁ ନିଲାମ ହାସଲ କରିଥିବା ୪ ଟେଲିକମ କମ୍ପାନୀଙ୍କୁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ ଦିଆଯାଇଛି। ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ୫-ଜି ସ୍ପେକ୍ଟ୍ରମ ନିଲାମ ଶେଷ ହୋଇଥିଲା। ଉକ୍ତ ନିଲାମରୁ ସରକାର ମୋଟ ୧ଲକ୍ଷ ୫୦ ହଜାର ୧୭୩ କୋଟି ଟଙ୍କା ପାଇବାର ଅଛି। ୫-ଜି ନିଲାମରେ ଜିଓ,ଏୟାରଟେଲ, ଭୋଡାଫୋନ-ଆଇଡିଆ ସମେତ ଆଦାନୀ ଗ୍ରୁପ ଅଧୀନ ନବଗଠିତ ଅଦାନୀ ଡାଟା ନେଟୱାର୍କ୍ସ ମଧ ଏଥିରେ ଅଂଶଗ୍ରହଣ କରିଥିଲା।

## ଏୟାର ଇଣ୍ଡିଆରେ ସାମିଲ ହେବେ ଆଉ ୧୦ ବିମାନ

ନୂଆଦିଲ୍ଲୀ,୭।୮



କୋଭିଡ କଟକଣା ଓ ଅନ୍ୟାନ୍ୟ କାରଣ ପାଇଁ ଏୟାର ଇଣ୍ଡିଆ ସଞ୍ଚାଳନରୁ ବାହାରେ ଥିବା ୧୦ ବୃହତ୍ ବିମାନଙ୍କୁ ପୁଣି ଥରେ ସେବାରେ ନିୟୋଜିତ କରାଯିବ ବୋଲି ରବିବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ୨୦୨୩ ପୂର୍ବରୁ କିମ୍ବା ପ୍ରାରମ୍ଭରୁ କମ୍ପାନୀ ଉକ୍ତ ବୃହତ୍ ବିମାନକୁ ପୁଣି ଥରେ ସେବାରେ ସାମିଲ କରିବେ ବୋଲି ଜଣାପଡିଛି। ସେହିଭଳି ଭାରତରେ କମ୍ପାନୀର ବୃହତ୍ ନେଟୱର୍କ ରହିଛି, ସାରା ଦେଶରେ ୩୦ରୁ ଅଧିକ ବିମାନ ଉଡ଼ାଣ କରୁଥିବାବେଳେ ସଞ୍ଚାଳନରୁ ବାହାରେ ଥିବା କମ୍ପାନୀର ୧୦ ବୃହତ୍ ବିମାନକୁ ପୁଣିଥରେ ଯାତ୍ରୀ ସେବାରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏୟାର ଇଣ୍ଡିଆର ଏହି ବୃହତ୍‌କାୟ ବିମାନଗୁଡିକର ଇନ୍ଧନ ଟ୍ୟାଙ୍କ ବହୁତ ବଡ଼ ହୋଇଥିବାରୁ ସେଗୁଡିକୁ ଭାରତ-ଆମେରିକା ଓ ଭାରତ-କାନାଡା ମଧ୍ୟରେ ଦୀର୍ଘ ଦୂରତାର ଅନ୍ତର୍ଦ୍ଦେଶୀୟ ମାର୍ଗରେ ଉଡାଣ କରାଇବା ସହଜ ହେବ। ବର୍ତ୍ତମାନ ଏୟାର ଇଣ୍ଡିଆର ୪୩ଟି ବୃହତ୍‌କାୟ ବିମାନ ରହିଛି। ସେଥିରୁ ୩୩ଟି ସଞ୍ଚାଳିତ ହେଉଥିବା ବେଳେ ୧୦ଟି ସଞ୍ଚାଳନରୁ ବାହାରେ ରହିଛି। ତେବେ ବର୍ତ୍ତମାନ ଏୟାର ଇଣ୍ଡିଆ ୨୮ଟି ବିମାନ ସଞ୍ଚାଳିତ କରୁଛି। ଏୟାର ଇଣ୍ଡିଆର କହିବା ଅନୁଯାୟୀ ୨୦୨୩ ଆରମ୍ଭ ସୁଦ୍ଧା ଏହାର ସମସ୍ତ ବିମାନ ସଞ୍ଚାଳନରେ ସାମିଲ କରାଯିବ। ସେହିପରି ଅଗଷ୍ଟ ୩୧ ପରେ ଦିଲ୍ଲୀ ଓ କାନାଡାର ଭାଙ୍କୋଭର ମଧ୍ୟରେ ବିମାନ ସେବା ଆରମ୍ଭ କରାଯିବ। ଏବେ ଦିଲ୍ଲୀ-ଭାଙ୍କୋଭର ମାର୍ଗରେ ସପ୍ତାହକୁ ୩ଟି ବିମାନ ସଞ୍ଚାଳିତ ହେଉଛି। ତେବେ ଭାରତ ଓ କାନାଡା ମଧ୍ୟରେ ଯାତାୟାତ ବୃଦ୍ଧିକୁ ନଜରରେ ରଖି ଦିଲ୍ଲୀ-ଭାଙ୍କୋଭର ମାର୍ଗରେ ବିମାନ ସଂଖ୍ୟା ବୃଦ୍ଧି କରିବାକୁ କମ୍ପାନୀ ବିଚାର କରୁଛି। ଦିଲ୍ଲୀ-ଭାଙ୍କୋଭର ବିମାନ ସଂଖ୍ୟା ବୃଦ୍ଧି ଅନ୍ତର୍ଜାତୀୟ ନେଟୱର୍କ ପରିସର ସମ୍ପ୍ରସାରଣରେ ପ୍ରଥମ ପଦକ୍ଷେପ ହେବ ବୋଲି ରବିବାର ଏୟାର ଇଣ୍ଡିଆର ନବନିଯୁକ୍ତ ସିଏମଡି କ୍ୟାମ୍ପବେଲ ୱିଲସନ କହିଛନ୍ତି।

## ସୋଆ ପକ୍ଷରୁ ସୂର୍ଯ୍ୟ ଦେଓଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୭।୮

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୦ ନିମନ୍ତେ ଦେଓଙ୍କ ଦ୍ୱାରା ଲିଖିତ 'କାଲି ପାଇଁ କାଲିର ସିନେମା' ଶୀର୍ଷକ ପୁସ୍ତକକୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋଆର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ମନୋଜ ରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଓଙ୍କୁ ତାଙ୍କର ଏହି ସଫଳତା ନିମନ୍ତେ ଶୁଭକାମନା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ଜୟଦେବ ପତି, ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ, ସୁମା ରିୟଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ସିଇଓ ସୁନୀଲ ଦାସ, ପ୍ରମେୟ ଓ ନ୍ୟୁଜ ୭ର ଗ୍ରୁପ୍ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ନିର୍ଦ୍ଦେଶକ (ସେଲ୍ସ ଆଣ୍ଡ ମାର୍କେଟିଂ) ହିମାଂଶୁ ହୋତା ଓ ନ୍ୟୁଜ ୭ର କାର୍ଯ୍ୟକାରୀ ସମ୍ପାଦକ ଦେବନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁରସତ**

## ମିସ୍ ଇଣ୍ଡିଆ ୟୁଏସ୍ଏ 'ଆର୍ଯ୍ୟ ୱାଲ୍‌ଭେକର'




**ୱାଶିଂଟନ:** ଭାରତୀୟ-ଆମେରିକୀୟ ବଂଶୋଦ୍ଭବ ଆର୍ଯ୍ୟ ୱାଲ୍‌ଭେକର ଚଳିତ ବର୍ଷ ମିସ୍ ଇଣ୍ଡିଆ ୟୁଏସ୍ଏର ମୁକୁଟ ହାତେଇଛନ୍ତି। ୪୦ତମ ମିସ୍ ଇଣ୍ଡିଆ ୟୁଏସ୍ଏ ପ୍ରତିଯୋଗିତା ଆମେରିକାର ନ୍ୟୁ ଜର୍ସିରେ ଅନୁଷ୍ଠିତ ହୋଇଥିଲା। ୧୮ ବର୍ଷୀୟା ଆର୍ଯ୍ୟ ଜଣେ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି। ପିଲାଟି ଦିନରୁ ତାଙ୍କର ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ ନେଇ ତାଙ୍କ ଆଗ୍ରହ ଥିବା ସେ କହିଛନ୍ତି।

ଆର୍ଯ୍ୟ ଭର୍ଜିନିଆର ବ୍ରିଅର୍ ଉଡ୍ସ ହାଇସ୍କୁଲରେ ପାଠ ପଢ଼ନ୍ତି। ଖାଲି ଅଭିନୟ ନୁହେଁ ରୋଷେଇ, ଡାନ୍ସ କରିବା ମଧ ତାଙ୍କୁ ଖୁବ୍ ପସନ୍ଦ ବୋଲି ସେ କହିଛନ୍ତି। ନିଜର ଏକ ଡ୍ୟାନ୍ସିଂ ଷ୍ଟୁଡିଓ ତିଆରି କରିଛନ୍ତି, ଯେଉଁଠାରେ ନାଚ ପ୍ରତି ଆଗ୍ରହୀ ପିଲାମାନଙ୍କୁ ସେ ନାଚ ଶିଖାଉଛନ୍ତି। ମେଣ୍ଟାଲ୍ ହେଲ୍‌ଥ ଏବଂ ବଡି ପଜିଟିଭିଟି ହେଲ୍‌ଥ ମୁଭ୍‌ମେଣ୍ଟରେ ସେ ଅଂଶ ଗ୍ରହଣ କରିବା ସହ ଅନେକ ଆୱାରନେଶ୍ କ୍ୟାମ୍ପେନ୍‌ରେ ମଧ ଆର୍ଯ୍ୟ ଜଡ଼ିତ ଥିବା କୁହାଯାଉଛି। ଅନୁଷ୍ଠିତ ମିସେସ୍ ଇଣ୍ଡିଆ ୟୁଏସ୍ଏ ପ୍ରତିଯୋଗିତାରେ ଆକ୍ସି ଜୈନ ୱିନ୍ କରିଥିବାବେଳେ ମିସ୍ ଟିନ୍ ଇଣ୍ଡିଆ ୟୁଏସ୍ଏରେ ତାନଭି ଗ୍ରୋଭର ବିଜୟଲାଭ କରିଛନ୍ତି। ଅନୁଷ୍ଠିତ ବ୍ୟୁଟି କମ୍ପିଟିଶନ୍‌ରେ ମୋଟ ୭୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଦେଶରେ ରହୁଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା ଏ ପ୍ରକାର ପ୍ରତିଯୋଗିତା ସେମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥିବା ୱାର୍ଲ୍ଡୱାଇଡ୍ ପିଜାଣ୍ଟର ସଂସ୍ଥାପକ ଏବଂ ସଭାପତି ଧର୍ମାତ୍ମା କହିଛନ୍ତି।

## ଜିତିଲେ ସ୍ତ୍ରୀ, ଶପଥ ନେଲେ ସ୍ୱାମୀ



**ଭୋପାଳ:** ମଧ ପ୍ରଦେଶ ଦାମୋହ ଜିଲା ଗାଇସାବାଦ୍ ପଞ୍ଚାୟତ ନିର୍ବାଚନକୁ ନେଇ ଏକ ରୋଚକ ଖବର ସାମ୍ନାକୁ ଆସିଛି। ନିକଟରେ ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିଜୟ ପ୍ରାର୍ଥୀଙ୍କ ପାଇଁ ଶପଥ ଗ୍ରହଣ ସମାରୋହର ଆୟୋଜନ ମଧ କରାଯାଇଛି। କିନ୍ତୁ ବିଜୟ ମହିଳା ପ୍ରାର୍ଥୀଙ୍କ ବଦଳରେ ସେମାନଙ୍କ ସ୍ୱାମୀମାନେ ଶପଥ ନେଇଛନ୍ତି। ତେବେ ରାଜ୍ୟରେ ଏ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବିଜୟୀ ମହିଳାଙ୍କ ସ୍ୱାମୀମାନେ ଶପଥ ନେବା ଘଟଣା ପଦାକୁ ଆସିବା ପରେ ଜିଲା ଅଧିକାରୀ ପଞ୍ଚାୟତ ଅଫିସରଙ୍କୁ ରିପୋର୍ଟ ମାଗିଛନ୍ତି। ଅନୁସୂଚିତ ବର୍ଗର ଜଣେ ମହିଳା ପ୍ରାର୍ଥିନୀ ସରପଞ୍ଚ ନିର୍ବାଚନରେ ଜିତିଥିବାବେଳେ ଆଉ କେତେଜଣ ମହିଳା ଅନ୍ୟପଦ ଗୁଡ଼ିକ ପାଇଁ ଜିତିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ବିଜୟୀ ମହିଳାଙ୍କ ବଦଳରେ ସେମାନଙ୍କ ସ୍ୱାମୀ ଶପଥ ନେବା ଅଭିଯୋଗ ହେବା ପରେ ସେମାନଙ୍କୁ ଅନୁମତି ଦେଇଥିବା ପଞ୍ଚାୟତ କର୍ମଚାରୀ ଫେରାର୍ ଥିବା ଜଣାପଡ଼ିଛି। ନିୟମ ବିରୋଧରେ କାର୍ଯ୍ୟ ହୋଇଥିବାବେଳେ ଯେ କେହି ବି ଏ ଘଟଣାରେ ଦୋଷୀ ସାବ୍ୟସ୍ତ ହେବେ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାମୋହ ପଞ୍ଚାୟତ ସିଇଓ ଅଜୟ ଶ୍ରୀବାସ୍ତବ କହିଛନ୍ତି।

CLASSIFIED DISPLAY
MORE SPACE • SAME PRICE

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ
Belaundi, Amarpura, Kaimur, Bihar - 821109
Call or SMS
7735130553

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଇଞ୍ଜିନିୟର ପ୍ରସନ୍ନ କୁମାର ପଟ୍ଟନାୟକ
N-1/286, IRC Village, Nayapalli, Bhubaneswar-751015
ଆବିର୍ଭାବ-୨୧।୦୧।୧୯୪୩
ତିରୋଧାନ- ୨୯।୦୭।୨୦୨୨
ଶ୍ରାବଣ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥି
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାପ୍ତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର: ଦେବାଶିଷ ପଟ୍ଟନାୟକ, କନ୍ୟା: ଦେବସ୍ମିତା ପଟ୍ଟନାୟକ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୦୬

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଉର୍ମିଳା ପାତ୍ର, ବୟସ-୮୪
କେନ୍ଦୁଡିହା, ବଡ଼ସାହି, ମୟୂରଭଞ୍ଜ
ତିରୋଧାନ: ୨୯।୦୭।୨୦୨୨
ଆପଣଙ୍କ ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ପ୍ରାପ୍ତ କରିବା ପାଇଁ ପ୍ରଭୁ ଅଭିରାମ ପରମହଂସଙ୍କ ନିକଟରେ ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୧୨୧୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ନରେନ୍ଦ୍ର ପ୍ରଧାନ
ଗୌଡ଼ମାଳ, ଝାରବନ୍ଧ, ବରଗଡ଼
ଆବିର୍ଭାବ-୧୧।୦୨।୧୯୪୭
ତିରୋଧାନ- ୦୮।୦୮।୨୦୧୫
ଶୂନ୍ୟସ୍ଥାନ ଚିରଅପୂରଣୀୟ। ତୁମର ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ସର୍ବଦା ପ୍ରେରଣାର ଉତ୍ସ ହେଉ। ମା' ରାମଚଣ୍ଡୀଙ୍କଠାରେ ବିନିତ ପ୍ରାର୍ଥନା।
-ଶୋକସନ୍ତପ୍ତ: ଲୋକେଶ୍ୱର, ଯୁଗଳ, ସୁବାସିନୀ, ଦୀପକ, ବବିତା, ଲିଲି, ପ୍ରକାଶ, ବବି, ଜ୍ୟୋତିର୍ମୟ, ପ୍ରୀତି, ଲକ୍ଷ୍ମଣ, ଅନିତା, ବିକାଶ, ଆକାଶ, ବବୁନ, ନିବିଶ ଏବଂ ପରିବାରବର୍ଗ।
ଧ-୧୨୧୫

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)
ବରୁଣେଇ ସାହି, ଖୋର୍ଦ୍ଧା
ମା' ଚାହୁଁ ଚାହୁଁ ଆଜିକୁ ସାତବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
ଶୋକସନ୍ତପ୍ତ: ତୋର ପିଲାମାନେ।
ଧ-୧୧୧୪

## ଦ୍ୱୀପରେ ଫସିଛନ୍ତି ୮୦ ହଜାର ପର୍ଯ୍ୟଟକ



**ବେଜିଂ:** ଚାଇନା ହାୱାଇରେ ଥିବା ହାଇନାନ୍ ଦ୍ୱୀପରେ ୮୦ ହଜାର ପର୍ଯ୍ୟଟକ ଫସି ରହିଛନ୍ତି। କରୋନା ସଂକ୍ରମଣରେ ବୃଦ୍ଧି କାରଣରୁ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନ ହଠାତ୍ ଲକ୍‌ଡାଉନ୍ ଲାଗୁ କରିବା ଯୋଗୁ ପର୍ଯ୍ୟଟକମାନେ ଫସିଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳରେ ସାଧାରଣ ଲୋକଙ୍କ ଯାତାୟାତ ଉପରେ କଟକଣା ଲାଗୁ କରାଯାଇଛି। ପର୍ଯ୍ୟଟକମାନଙ୍କୁ ୭ ଦିନ ରହିବା ପାଇଁ ସ୍ଥାନୀୟ ପ୍ରଶାସନ କହିଥିବାବେଳେ ସ୍ଥାନ ଛାଡ଼ିବା ପୂର୍ବରୁ କରୋନା ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସହରରେ ୮୦ ହଜାର ପର୍ଯ୍ୟଟକ ଫସି ରହିଥିବା ହାୱାଇ ଡେପୁଟି ମେୟର୍ କହିଛନ୍ତି।

ସମର ଭାକେଶନ ପାଇଁ ହାୱାଇ ବିଚ୍ ଏବଂ ତତ୍‌ସଂଲଗ୍ନ ଅରଣ୍ୟର ମନୋହର ଦୃଶ୍ୟର ଚାହିଦା ଖୁବ୍ ବେଶି। ଏଠାରେ ଥିବା ହାଇଏଣ୍ଡ ହୋଟେଲରେ ପର୍ଯ୍ୟଟକଙ୍କ ସମାଗମ ଲାଗି ରହିଥାଏ। ସଂକ୍ରମଣରେ ବୃଦ୍ଧି କାରଣରୁ ସାନ୍ୟାରୁ ସମସ୍ତ ଫ୍ଲାଇଟ୍ ଏବଂ ଟ୍ରେନ୍‌ଗୁଡ଼ିକୁ ବାତିଲ୍ କରିଦିଆଯାଇଛି। ତେବେ ପର୍ଯ୍ୟଟକଙ୍କ ସୁବିଧାକୁ ନଜରରେ ରଖି ହୋଟେଲ ତରଫରୁ ରହଣିରେ ରିହାତି ଲାଗୁ କରାଯାଇଛି।

# ରହସ୍ୟମୟ ଆଣ୍ଟାର୍କଟିକା



ଇଂ. ମାୟାଧର ସ୍ୱାଇଁ

ନୈସର୍ଗିକ ଶୋଭାର ଭଣ୍ଡାର ହେଉଛି ଆଣ୍ଟାର୍କଟିକା। ପୃଥିବୀର ଦକ୍ଷିଣ ଭାଗକୁ ନେଇ ଏହି ବରଫାବୃତ୍ତ ଅଞ୍ଚଳ ଗଠିତ ଏବଂ ଏହା ହେଉଛି ସ୍ଥାୟୀ ଜନବସତିହୀନ ମହାଦେଶ। ଏଥିରେ ଭୌଗୋଳିକ ଦକ୍ଷିଣ ମେରୁ ଅଛି। ଏହାର ୯୮ ପ୍ରତିଶତ ଅଂଶ ବରଫରେ ଆଚ୍ଛାଦିତ। ଏଠାରେ ବରଫର ହାରାହାରି ଗଭୀରତା ହେଉଛି ଦୁଇ କି.ମି.। ପୃଥିବୀର ମୋଟ ମଧୁର ଜଳର ୭୦ ପ୍ରତିଶତ ଏହି ବରଫରେ ଅଛି। ଏହାର ସମସ୍ତ ବରଫ ତରଳିଗଲେ ପୃଥିବୀର ସମୁଦ୍ର ପତନ ୬୦ ମିଟର ବଢ଼ିଯିବ। ଏହା ହେଉଛି ସମସ୍ତ ମହାଦେଶ ମଧ୍ୟରେ ଅଧିକ ଥଣ୍ଡା ଓ ଶୁଷ୍କ ଏବଂ ଏଠାରେ ପ୍ରବଳ ବେଗରେ ପବନ ମଧ୍ୟ ପ୍ରବାହିତ ହୁଏ। ପୃଥିବୀର ନିମ୍ନତମ ତାପମାତ୍ର ବିଯୁକ୍ତ ୮୯.୨ ଡିଗ୍ରୀ ସେଲ୍‌ସିୟସର ରେକର୍ଡ ଏଠାରେ ଅଛି।

୬୬.୫ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶକୁ ଆଣ୍ଟାର୍କଟିକା ବୃତ୍ତ କୁହାଯାଏ। ସେଠାରେ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଆଣ୍ଟାର୍କଟିକା ମହାଦେଶ ବ୍ୟାପ୍ତ। ଏହି ଅକ୍ଷାଂଶର ଦକ୍ଷିଣକୁ ଖରାଦିନେ ଅତିକମ୍‌ରେ ଗୋଟିଏ ଦିନ ସୂର୍ଯ୍ୟାସ୍ତ ହୁଏ ନାହିଁ (ଅର୍ଥାତ୍ ୨୪ ଘଣ୍ଟା ଦିନ) ଏବଂ ଶୀତଦିନେ ଅତିକମ୍‌ରେ ଗୋଟିଏ ଦିନ ସୂର୍ଯ୍ୟୋଦୟ ହୁଏ ନାହିଁ (ଅର୍ଥାତ୍ ୨୪ ଘଣ୍ଟା ରାତି)।

ଇଂରେଜୀ ନାବିକ କ୍ୟାପଟେନ୍ ଜେମ୍‌ସ କୁକ୍ ୧୭୭୨ ମସିହାରେ ପ୍ରଥମେ ଏହି ଅକ୍ଷାଂଶକୁ ଅତିକ୍ରମ କରି ଦକ୍ଷିଣକୁ ଯାଇଥିଲେ। ଅନେକ ଅଭିଯାନକାରୀ ଆଣ୍ଟାର୍କଟିକା ଅଭିଯାନରେ ଯାଇ ଏହାର ବିଭିନ୍ନ ସ୍ଥାନକୁ ଆବିଷ୍କାର କରିଥିଲେ। ନରୱେର ରୋଲଡ୍ ଆମଣ୍ଡସନ୍ ଦକ୍ଷିଣ ମେରୁରେ ପହଞ୍ଚିବାରେ ପ୍ରଥମ ବ୍ୟକ୍ତି ଥିଲେ। ସେ ୪ ଜଣ ସହଯୋଗୀଙ୍କ ସହିତ ୧୯୧୧ ମସିହା ଡିସେମ୍ବର ୧୪ ତାରିଖରେ ସେଠାରେ ପହଞ୍ଚିଥିଲେ। ଏହାର ଏକମାସ ପରେ ୧୯୧୨ ମସିହା ଜାନୁୟାରୀ ୧୭ ତାରିଖରେ ଇଂଲଣ୍ଡର କ୍ୟାପଟେନ୍ ରବର୍ଟ ସ୍କଟ୍ ନିଜର ୪ ଜଣ ସହଯୋଗୀଙ୍କ ସହିତ ଦକ୍ଷିଣ ମେରୁରେ ପହଞ୍ଚିଥିଲେ। କିନ୍ତୁ ଫେରିବା ସମୟରେ ସେମାନେ ସମସ୍ତେ ବରଫ ଝଡ଼ରେ ପ୍ରାଣ ହରାଇଥିଲେ।

ନିକଟରେ ୬୦ ଡିଗ୍ରୀ ଅକ୍ଷାଂଶରୁ ଦକ୍ଷିଣକୁ ଥିବା ଏବଂ ଆଣ୍ଟାର୍କଟିକାକୁ ଘେରି ବଢ଼ିଥିବା ଜଳ ଅଂଶକୁ ନେଇ ଗୋଟିଏ ନୂତନ ମହାସାଗରର ନାମକରଣ କରାଯାଇଛି। ଏହାର ନାମ ହେଉଛି ଦକ୍ଷିଣ ମହାସାଗର କିମ୍ବା ଆଣ୍ଟାର୍କଟିକା ମହାସାଗର। ପୂର୍ବରୁ ଏହାକୁ ଘେରି କରି ଥିବା ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର ଓ ଭାରତ ମହାସାଗରରୁ କିଛି ଅଂଶକୁ ନେଇ ଏହି ନୂତନ ମହାସାଗରର ସୃଷ୍ଟି କରାଯାଇଛି।

ଅନେକ ବର୍ଷ ପୂର୍ବେ ଆଜିର ଦକ୍ଷିଣ ଆମେରିକା, ଆଫ୍ରିକା, ମାଡାଗାସ୍କାର ଦ୍ୱୀପ, ଭାରତ, ଅଷ୍ଟ୍ରେଲିଆ ଓ ଆଣ୍ଟାର୍କଟିକା ମିଶି ଗୋଟିଏ ବିରାଟ ସ୍ଥଳ ଭାଗ ଥିଲା। ଏହାକୁ ଗୋଣ୍ଡୋୱାନଲାଣ୍ଡ କୁହାଯାଏ। କିନ୍ତୁ ଅନ୍ତଃମହାଦେଶୀୟ ଚଳନ ଫଳରେ ଏହି ଦେଶଗୁଡିକ ପରସ୍ପରଠାରୁ ଅଲଗା ହୋଇଯାଇଛି। ଏହି ସବୁ ଅଞ୍ଚଳରେ ସମାନ ପ୍ରକାର ଶିଳା ସ୍ତର ରହିଛି। ଜର୍ମାନୀ ଭୂତତ୍ତ୍ୱ ବିଜ୍ଞାନୀ ଆଲଫ୍ରେଡ୍ ୱେଗନର୍ ହେଉଛନ୍ତି ଏହି ଭୂଚଳନ ମତବାଦର ସ୍ରଷ୍ଟା।

ପୃଥିବୀର ୯୫ ପ୍ରତିଶତ ଅମ୍ଳଜାନ ଆଣ୍ଟାର୍କଟିକାର ଥଣ୍ଡା ଜଳରେ ରହିଛି। ଆଣ୍ଟାର୍କଟିକା ସାଗରର ସମଗ୍ର ପୃଥିବୀକୁ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ଓ ଗ୍ଲୁକୋଜ୍ ଯୋଗାଇ ପାରିବାର କ୍ଷମତା ଥିବାର ଜୀବବିଜ୍ଞାନୀମାନେ କହିଥାଆନ୍ତି। ଏହାର ଜୀବ ମଧ୍ୟରେ ସିଲ୍ ମାଛ, ତିମି ଓ ପେଙ୍ଗୁଇନ୍ ପକ୍ଷୀ ଅନ୍ୟତମ।



"ବର୍ଷରେ ୧୦-୧୫ ଥର ରାତିରେ ଆଣ୍ଟାର୍କଟିକା ପୃଷ୍ଠରୁ ୬୫କିମିରୁ ୯୦୦ କିମି ପର୍ଯ୍ୟନ୍ତ ନାରଙ୍ଗୀ, ହଳଦିଆ, ସବୁଜ ଓ ବାଇଗଣୀ ରଙ୍ଗ ଆଲୋକର ଏକ ତରଙ୍ଗ ଦେଖାଯାଏ। ଏହାକୁ 'କୁମେରୁ ପ୍ରଭା' ବା ଦକ୍ଷିଣାଲୋକ କୁହାଯାଏ। ବିଭିନ୍ନ ବର୍ଣ୍ଣର ସମାବେଶ ଏହାକୁ ସୁନ୍ଦର କରି ଦେଖାଏ। ବାସ୍ତବରେ ସୂର୍ଯ୍ୟରୁ ନିର୍ଗତ ଚାର୍ଜଯୁକ୍ତ କଣିକା (ପ୍ରୋଟନ୍) ପୃଥିବୀର ଚୁମ୍ବକ ବଳୟ ସହିତ ପ୍ରତିକ୍ରିୟା କରିବା ଫଳରେ ଏହି ଆଲୋକମାଳା ସୃଷ୍ଟି ହୋଇଥାଏ।"



ବର୍ଷରେ ୧୦-୧୫ ଥର ରାତିରେ ଆଣ୍ଟାର୍କଟିକା ପୃଷ୍ଠରୁ ୬୫କିମିରୁ ୯୦୦ କିମି ପର୍ଯ୍ୟନ୍ତ ନାରଙ୍ଗୀ, ହଳଦିଆ, ସବୁଜ ଓ ବାଇଗଣୀ ରଙ୍ଗ ଆଲୋକର ଏକ ତରଙ୍ଗ ଦେଖାଯାଏ। ଏହାକୁ 'କୁମେରୁ ପ୍ରଭା' ବା ଦକ୍ଷିଣାଲୋକ କୁହାଯାଏ। ବିଭିନ୍ନ ବର୍ଣ୍ଣର ସମାବେଶ ଏହାକୁ ସୁନ୍ଦର କରି ଦେଖାଏ। ବାସ୍ତବରେ ସୂର୍ଯ୍ୟରୁ ନିର୍ଗତ ଚାର୍ଜଯୁକ୍ତ କଣିକା (ପ୍ରୋଟନ୍) ପୃଥିବୀର ଚୁମ୍ବକ ବଳୟ ସହିତ ପ୍ରତିକ୍ରିୟା କରିବା ଫଳରେ ଏହି ଆଲୋକମାଳା ସୃଷ୍ଟି ହୋଇଥାଏ।

ଆଣ୍ଟାର୍କଟିକା ଉପରିସ୍ଥ ଓଜୋନ୍ ସ୍ତରରେ ଛିଦ୍ର ସୃଷ୍ଟି ଯୋଗୁ ଏହା ବୈଜ୍ଞାନିକମାନଙ୍କର ଦୃଷ୍ଟିଆକର୍ଷଣ କରିଛି। ପୃଥିବୀ ପୃଷ୍ଠରୁ ୧୫-୩୦ କିମି ଉଚ୍ଚରେ ଷ୍ଟ୍ରାଟୋସ୍ଫିୟର ମଧ୍ୟରେ ପତଳା ସ୍ତରର ଓଜୋନ୍ ସ୍ତର ଅଛି, ଯାହା ପୃଥିବୀର ଜୀବଜଗତକୁ ସୂର୍ଯ୍ୟଠାରୁ ଆସୁଥିବା ଅତିବାଇଗଣୀ ରଶ୍ମି-ଖ ଠାରୁ ରକ୍ଷା କରେ। ଶୀତଦିନେ ଆଣ୍ଟାର୍କଟିକା ଉପରେ ଥିବା ଓଜୋନ୍ ସ୍ତରର ସ୍ଥୂଳତା ଅତିମାତ୍ରାରେ ହ୍ରାସ ପାଇ ଛିଦ୍ର ସଦୃଶ ହୋଇଯାଏ। ଏହାକୁ ଅନୁଧ୍ୟାନ କରି ଓଜୋନ୍ ସ୍ତରର ରକ୍ଷା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚେଷ୍ଟା କରାଯାଉଛି ଏବଂ ଏହାକୁ କ୍ଷୟ କରୁଥିବା ରାସାୟନିକ ପଦାର୍ଥର ଉତ୍ପାଦନକୁ ବନ୍ଦ କରାଯାଇଛି।

ଆଣ୍ଟାର୍କଟିକାରେ ୪୨ଟି ଦେଶ ସ୍ଥାୟୀ ଗବେଷଣା କେନ୍ଦ୍ର ସ୍ଥାପନ କରି ବର୍ଷସାରା ଗବେଷଣା କରୁଛନ୍ତି। ଭାରତ ଏଠାରେ ୧୯୮୪ରେ 'ଦକ୍ଷିଣ ଗଙ୍ଗୋତ୍ରୀ', ୧୯୮୯ରେ 'ମୈତ୍ରୀ' ଏବଂ ୨୦୧୨ରେ ଭାରତୀ ଗବେଷଣା କେନ୍ଦ୍ର ସ୍ଥାପନ କରିଛି। ଏଠାରେ ମୁଖ୍ୟତଃ ଭୂତତ୍ତ୍ୱ ବିଜ୍ଞାନ, ମହାକାଶ ବିଜ୍ଞାନ ଓ ପାଣିପାଗ ବିଜ୍ଞାନ ଉପରେ ଗବେଷଣା କରାଯାଉଛି।

୧୯୫୯ ମସିହାରୁ ଆଣ୍ଟାର୍କଟିକା ଚୁକ୍ତି କାମ କରୁଛି। ଏହି ଅନୁଯାୟୀ ସେଠାରେ ସାମରିକ କାର୍ଯ୍ୟକଳାପ, ଖଣିଜ ଉତ୍ତୋଳନ, ପରମାଣୁ ବିସ୍ଫୋରଣ ଏବଂ ପରମାଣୁ ଅବଶେଷକୁ ପକାଇବା ନିଷେଧ କରାଯାଇଛି। ଏହି ଚୁକ୍ତିରେ ୫୪ଟି ଦେଶ ସ୍ୱାକ୍ଷର କରିଛନ୍ତି। ଭାରତ ୧୯୮୩ରେ ସ୍ୱାକ୍ଷର କରିଛି। ଏଠାରେ କେବଳ ଗବେଷଣା କରିବା ଓ ମାଛ ଧରିବା ହେଉଛି ମାନବିକ କାର୍ଯ୍ୟକଳାପ। ଖରାଦିନେ ଗବେଷଣା କେନ୍ଦ୍ରଗୁଡ଼ିକରେ ପ୍ରାୟ ୫୦୦୦ ଲୋକ ରହୁଥିବା ବେଳେ ଶୀତଦିନେ ଏହା ପ୍ରାୟ ୧୦୦୦କୁ କମିଯାଏ।

ଆଣ୍ଟାର୍କଟିକାର କେତେକ ଅଞ୍ଚଳ ଉପରେ ସାତଟି ଦେଶ ଯଥା- ଫ୍ରାନ୍ସ, ବ୍ରିଟେନ୍, ନ୍ୟୁଜିଲାଣ୍ଡ, ନରୱେ, ଅଷ୍ଟ୍ରେଲିଆ, ଚିଲି ଓ ଆର୍ଜେଣ୍ଟିନା ନିଜର ସାର୍ବଭୌମତ୍ୱ ଘୋଷଣା କରିଛନ୍ତି। ତା'ସହ ଏଥିପାଇଁ ସେମାନଙ୍କ ଭିତରେ ବିବାଦ ସୃଷ୍ଟି ହୋଇଛି। କିନ୍ତୁ ସାମଗ୍ରିକ ଭାବେ ଆଣ୍ଟାର୍କଟିକାରେ କୌଣସି ଦେଶର ସାର୍ବଭୌମତ୍ୱକୁ ସ୍ୱୀକୃତି ଦିଆଯାଇନାହିଁ।

ଆମ ଦେଶର ଲୋକ ସଭାରେ 'ଭାରତୀୟ ଆଣ୍ଟାର୍କଟିକା ଆଇନ ୨୦୨୨' ଏହି ବର୍ଷ ଜୁଲାଇ ୨୨ରେ ପାରିତ ହୋଇଛି। ଏଥିରେ ଆଣ୍ଟାର୍କଟିକା ଚୁକ୍ତି, ଆଣ୍ଟାର୍କଟିକା ସାମୁଦ୍ରିକ ସମ୍ପଦ ସୁରକ୍ଷା କନ୍‌ଭେନ୍‌ସନ ଏବଂ ପରିବେଶ ସୁରକ୍ଷା ପ୍ରୋଟକଲ୍‌କୁ କାର୍ଯ୍ୟକାରୀ କରିବା ପାଇଁ ନିୟମ ରହିଛି। ଆଣ୍ଟାର୍କଟିକା ଅଭିଯାନରେ ଯାଉଥିବା ଭାରତର ପ୍ରତ୍ୟେକ ବ୍ୟକ୍ତି, ଜାହାଜ କିମ୍ବା ବିମାନ ପାଇଁ ଏହା ପ୍ରଯୁଜ୍ୟ ହେବ। ବହୁ ବର୍ଷ ଧରି ଅକ୍ଷତ ଥିବା ଆଣ୍ଟାର୍କଟିକା ମଧ୍ୟ ଏବେ ପ୍ରଦୂଷଣର ଶିକାର ହେଲାଣି। ଗବେଷଣା କେନ୍ଦ୍ରଗୁଡିକରୁ ନିର୍ଗତ ରାସାୟନିକ ପଦାର୍ଥ ଏହାକୁ ପ୍ରଦୂଷିତ କରୁଛି। ପରୀକ୍ଷାରୁ ପେଙ୍ଗୁଇନ୍ ଓ ସିଲ୍ ତନ୍ତୁରେ ଡିଡିଟି ଥିବା ଜଣାପଡିଛି। ପୁନଶ୍ଚ ଜାଗତିକ ଉଷ୍ମତା ବୃଦ୍ଧି ଯୋଗୁ ଏହାର ବରଫ କ୍ରମେ ତରଳିବାକୁ ଲାଗିଲାଣି। ଏହାକୁ ରକ୍ଷା କରିବା ହେଉଛି ମାନବ ସମାଜର କର୍ତ୍ତବ୍ୟ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## କ୍ୟାନ୍‌ସର ଆଣ୍ଟିବଡି ଓ ଯୋଗ



ଆମ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ସନ୍ତୁଳିତ ରହିଲେ ଏପରି ରୋଗ ଦ୍ୱାରା ଆମେ ଆକ୍ରାନ୍ତ ହେବାର ଆଶଙ୍କା କେତେକାଂଶରେ କମ୍ ଥାଏ। ତେବେ ଏହାର ପରିମାଣ କିପରି ଆମ ଶରୀରରେ ଠିକ୍ ରହିବ ସେ ନେଇ ଆମେ ଯତ୍ନବାନ୍ ହେବା ଦରକାର। ନିକଟରେ ଏକ ଗବେଷଣାରୁ ଏ ନେଇ ନୂଆ ସୂଚନା ମିଳିଛି। ୟୁନିଭର୍ସିଟି ଅଫ୍ ସିଓଲର କ୍ୟାନ୍‌ସର ବିଜ୍ଞାନୀମାନେ ଏପରି ଗବେଷଣାରୁ ଜାଣିପାରିଛନ୍ତି ଯେ, ମନୁଷ୍ୟ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ସୃଷ୍ଟି ପାଇଁ ଯୋଗର ମଧ୍ୟ ଭୂମିକା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯୋଗର ଉପକାରୀ ତତ୍ତ୍ୱ ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ତାଙ୍କ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ଅଧିକ ପରିମାଣରେ ସୃଷ୍ଟି ହୋଇଥାଏ। ତେବେ ଯୋଗ କରିବା ସହ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ଏବଂ ନିଜର ଶରୀରର ରୋଟିନ୍ ଚେକ୍‌ଅପ୍ ପ୍ରତି ନଜର ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ମୋଟର ସ୍କିଲ୍ ଥେରାପି



ଆଜିକାଲି ଚିକିତ୍ସା ବିଜ୍ଞାନ କେତେ ଉନ୍ନତ ସ୍ତରରେ ପହଞ୍ଚିଛି ତାହା କହିବା ଅନାବଶ୍ୟକ। ଅନେକ ପ୍ରକାରର ଜଟିଳ ରୋଗର ସହଜ ଚିକିତ୍ସା କରାଯାଇପାରୁଛି। ଏପରି କି କ୍ୟାନ୍‌ସର ଭଳି ମାରାତ୍ମକ ରୋଗକୁ ପ୍ରାରମ୍ଭିକ ସ୍ତରରେ ନିରୂପଣ କରି ତାହାର ଉପଯୁକ୍ତ ଚିକିତ୍ସା କରିବା ଦ୍ୱାରା କେତେକେ ଏଥିରୁ ଆରୋଗ୍ୟ ଲାଭ କରିପାରୁଛନ୍ତି। ବର୍ତ୍ତମାନ ବ୍ରେନ୍ ଷ୍ଟ୍ରୋକ୍ ଅନ୍ୟତମ ଚିନ୍ତାର କାରଣ ସାଜିଛି। ବେଳେବେଳେ ଏହାର ଠିକ୍ ସମୟରେ ଚିକିତ୍ସା ନ କଲେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାର ଚିକିତ୍ସା ତାଲିକାରେ ଏକ ନୂଆ ଉପାୟରେ ନିକଟରେ ଅନ୍ତର୍ଭୁକ୍ତ କରାଯାଇଛି। ତାହା ହେଲା 'ମୋଟର ସ୍କିଲ୍ ଥେରାପି'। ଏହାକୁ ଅନୁସରଣ କରି ବ୍ରେନ୍ ଷ୍ଟ୍ରୋକ୍ ସମସ୍ୟାରୁ ଜଣେ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିପାରୁଛି। ଜର୍ଜ ଟାଉନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ଥେରାପିକୁ ପରୀକ୍ଷା କରି ସଫଳତା ହାସଲ କରିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କର ମସ୍ତିଷ୍କ ଧୀରେ ଧୀରେ କାର୍ଯ୍ୟ କରିବା ଆରମ୍ଭ କରିଥାଏ। ତେବେ କେତେକଙ୍କ କ୍ଷେତ୍ରରେ ଏଭଳି ଥେରାପି ଶୀଘ୍ର କାର୍ଯ୍ୟ କରିଥାଏ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ହେଲେ ବ୍ରେନ୍ ଷ୍ଟ୍ରୋକ୍ ହେବା ସଙ୍ଗେ ସଙ୍ଗେ ରୋଗୀକୁ ତୁରନ୍ତ ହସ୍‌ପିଟାଲରେ ଭର୍ତ୍ତି କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଜୀବନଶୈଳୀକୁ ପ୍ରଭାବିତ କରେ ଶୟନରେ ଅନିୟମିତତା

ଖାଇବା ଓ ଶୋଇବା-ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପ୍ରତି ନିହାତି ଜରୁରୀ। ନିକଟରେ ଲଣ୍ଡନ ୟୁନିଭର୍ସିଟି ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯେଉଁମାନେ ଶୋଇବାରେ ଅନିୟମିତତା କରନ୍ତି ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀ ଏହାଦ୍ୱାରା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ରାତିରେ ଆବଶ୍ୟକ ମୁତାବକ ନ ଶୋଇବା ଫଳରେ ତାହାର ପ୍ରଭାବ ମାନସିକତା ଉପରେ ପଡିଥାଏ। ଫଳରେ ତା'ପର ଦିନ ସକାଳୁ ଶଯ୍ୟା ତ୍ୟାଗ କରିବା ପରେ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ରୁଟିନ୍‌କୁ ଠିକ୍ ଭାବରେ ପ୍ରସ୍ତୁତ କରିବାରେ କେତେକାଂଶରେ ଅସଫଳ ହୋଇଥାଏ। ଶୟନରେ ଅନିୟମିତା ସହ ଜଡିତ କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ତର୍ଜମା କରି ଏକଥା ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ତେଣୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## କୋଲେଷ୍ଟ୍ରଲ ସନ୍ତୁଳିତ ରଖିବାର ସହଜ ଉପାୟ

ଆମ ଶରୀରରେ କୋଲେଷ୍ଟ୍ରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଏହା ହୃଦ୍‌ଜନିତ ସମସ୍ୟାର କାରଣ ସାଜିଥାଏ। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଆପଣ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ। ଏହାଦ୍ୱାରା କୋଲେଷ୍ଟ୍ରଲ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ଅନ୍ୟପକ୍ଷରେ ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଅଙ୍ଗୁରରେ ଥିବା ଲୁଟେନ୍, ଜିଜାନ୍‌ଥିନ୍ ତତ୍ତ୍ୱଗୁଡ଼ିକ ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ଅଙ୍ଗୁରର ଆଉ ଏକ ଖାସ୍ ଗୁଣ ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବଢ଼ିବା ସହ ମସ୍ତିଷ୍କ କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। ଏହା ମଧ୍ୟ ଅସ୍ଥିକୁ ମଜଭୁତ ରଖିଥାଏ। ଏଥିରେ ଭିଟାମିନ୍-ସି ପରିମାଣ ଅଧିକ ଥିବାରୁ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍, ଇଷ୍ଟଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।



## ସ୍ୱାସ୍ଥ୍ୟ ସୂଚନା

- ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ଦରକାର।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ। ତେଣୁ ଏପରି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।



- ବର୍ଷାଦିନେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ତଥା ଅଧିକ ତେଲମସଲାଯୁକ୍ତ ଖାଦ୍ୟ ପେଟଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଏଭଳି ଖାଦ୍ୟ ପ୍ରତି ସତର୍କ ରହିବା ଦରକାର।
- ଚର୍ବିଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ପିଲାଙ୍କ କୃମି ସମସ୍ୟା ଓ ନିରାକରଣ



ବିରାଟରାଜା ପଧାନ

ସୁସ୍ଥ ଓ ନୀରୋଗ ରହିବା ପାଇଁ କିଏ ବା ନ ଚାହେଁ? ବିଭିନ୍ନ ପ୍ରକାର ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରି ନୀରୋଗ ରହିବାର ବାଟ ଆମେ ସମସ୍ତେ ଖୋଜିଥାଉ। ଏକ ଆନନ୍ଦଦାୟକ ଜୀବନ ଶୈଳୀ ପାଇଁ ଆମେ ସର୍ବଦା ଚେଷ୍ଟିତ। ତେବେ କେତେକ ଏପରି ରୋଗ ଅଛି, ଯାହାକି ଅଜାଣତରେ ଆମର ଶତ୍ରୁ ପାଲଟିଯାଇଥାଏ। ସେଥିମଧ୍ୟରୁ କୃମି ରୋଗ ହେଉଛି ଅନ୍ୟତମ। ବିଶେଷକରି ପିଲାଙ୍କ କୃମି ରୋଗ ହେଉଛି ଅନ୍ୟତମ। ପ୍ରତିବର୍ଷ ସରକାରଙ୍କ ତରଫରୁ ଗୋଟିଏ ଦିନକୁ ଜାତୀୟ କୃମିନାଶକ ଦିବସ ଭାବରେ ପାଳନ କରାଯାଇଥାଏ। ବର୍ଷକୁ ସାଧାରଣତଃ ଦୁଇଥର ଅଗଷ୍ଟ ଓ ଫେବୃୟାରୀ ମାସର ନିର୍ଦ୍ଦିଷ୍ଟ ଦିନ ପାଳନ କରାଯାଏ। ଏହି ଦିନ ୧ ବର୍ଷରୁ ୧୯ ବର୍ଷର ପ୍ରତ୍ୟେକ ପିଲାଙ୍କୁ କୃମିନାଶକ ବଟିକା ଦିଆଯାଏ। ଏହା ଆମ ସରକାରଙ୍କ ତରଫରୁ ମାଗଣାରେ ଯୋଗାଇ ଦିଆଯାଏ।

**କୃମି ସଂକ୍ରମଣ ଦ୍ୱାରା ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:** ଅନେକ ସମୟରେ କୃମି ସଂକ୍ରମଣ ଯୋଗୁ ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ସେଗୁଡିକ ମଧ୍ୟରେ କିଛି କାରଣ ହେଲା ରକ୍ତହୀନତା, ଭୋକ ନ ଲାଗିବା, କୁପୋଷଣ, ଦୁର୍ବଳ ଓ ଉଦ୍‌ବେଗ ଅନୁଭବ କରିବା, ପେଟ କାଟିବା, ବାନ୍ତି ହେବା, ତରଳ ଝାଡ଼ା, ଓଜନ କମ୍ ହେବା।

**କୃମି ନିୟନ୍ତ୍ରଣ କରିବା କିପରି:** କୃମି ଥିଲେ ଅନେକ ସମୟରେ ପିଲାମାନେ ପିଚା ଭିତରେ କୁଣ୍ଡାଇ ଥାଆନ୍ତି। ଏଥିରୁ ଆମେ ଅନୁମାନ କରିପାରିବା ବା ଅନେକ ସମୟରେ ପିଲାଙ୍କ ଝାଡ଼ାରେ କୃମି ଆସନ୍ତି। ଆମ ଶରୀରରେ କୃମି ନିୟନ୍ତ୍ରିତ ହେଲେ ରକ୍ତହୀନତା ହେବ ନାହିଁ। ଅର୍ଥାତ୍ ଆମର ଲୋହିତ ରକ୍ତକଣିକାର ପରିମାଣ ବୃଦ୍ଧି ହେବ। ଆମର ପୋଷଣ ସ୍ତରରେ ଉନ୍ନତି ହେବ। ପିଲାଙ୍କୁ ପାଠପଢ଼ା ପ୍ରତି ଆଗ୍ରହ ଦେଖାଯିବ ଓ ବିଦ୍ୟାଳୟକୁ ନିୟମିତ ଯାଇପାରିବେ।



**କୃମିନାଶକ ବଟିକା କିପରି କାମ କରେ:** କୃମିନାଶକ ବଟିକା ଖାଇବା ଦ୍ୱାରା ପିଲାଙ୍କ ପୂର୍ଣ୍ଣାଙ୍ଗ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇପାରିବ। କୃମିନାଶକ ବଟିକା ଆଲବେଣ୍ଡାଜୋଲ୍ ଖାଇବା ଦ୍ୱାରା କୌଣସି ପ୍ରତିକୂଳ ପ୍ରଭାବ ପଡେ ନାହିଁ। ଏହା ସମ୍ପୂର୍ଣ୍ଣ ନିରାପଦ। ବେଳେ ବେଳେ ବଟିକା ତଣ୍ଟିରେ ଲାଖିଯାଏ। ଏଣୁ ଏହାକୁ ସର୍ବଦା ଚକୋଲେଟ ପରି ଖାଇବା ଉଚିତ ବା ଚୋବାଇ ଚୋବାଇ ଖାଇପାରିବେ।

**କେଉଁଠାରେ ଖାଇବେ ଓ କେଉଁଠାରେ ଦିଆଯାଏ:** ଏହା ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଇଥାଏ। ସେହିପରି ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ସ୍କୁଲରେ ଏହି ବଟିକା ଖାଇପାରିବେ। ଅଣପଞ୍ଜୀକୃତ ଓ ବିଦ୍ୟାଳୟକୁ ଯାଉ ନ ଥିବା ପିଲା ମଧ୍ୟ ଏହା ଖାଇପାରିବେ। ସେମାନେ ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ଏହା ଖାଇବେ। ଏହା ପ୍ରଶିକ୍ଷିତ ଶିକ୍ଷକ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଦିଆଯିବ।

**କୃମି ସଂକ୍ରମଣରୁ ଦୂରେଇ ରହିବାର ଉପାୟ:** ସର୍ବଦା ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା। ଖୋଲାରେ ମଳତ୍ୟାଗ କରିବା ନାହିଁ। ସବୁବେଳେ ଶୌଚାଳୟ ବ୍ୟବହାର କରିବା। ଖାଲିପାଦରେ ଚାଲିବା ନାହିଁ। ନିୟମିତ ଜୋତା, ଚପଲ ବ୍ୟବହାର କରିବା। ନିଜ ପରିବେଶ ଓ ଚତୁଃପାର୍ଶ୍ୱ ପରିଷ୍କାର ରଖିବା। ନିଜ ନଖ ପରିଷ୍କାର ରଖିବା ଓ ଛୋଟ ରଖିବା। ଖାଇବା ପୂର୍ବରୁ ଓ ଶୌଚ ପରେ ସାବୁନରେ ଭଲ ଭାବରେ ହାତ ଧୋଇବା। ଖାଦ୍ୟପଦାର୍ଥକୁ ସର୍ବଦା ଘୋଡ଼ାଇ ରଖିବା। ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ପାଣିରେ ଧୋଇବା।

-ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା
ମୋ: ୯୪୩୯୯୮୯୯୪୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୮/୨୦୨୨ Sambalpur, Monday, August 8/ 2022





ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଅମିତ ପଙ୍ଘାଲ ଓ ନିତୁ ଘଙ୍ଘାସ।



ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ହକି ଦଳ।

# ଟେବୁଲ ଟେନିସରେ ଭାରତକୁ ରୌପ୍ୟ



ଜାଭେଲିନ ଥ୍ରୋ ଅବସରରେ ଅନୁ ରାଣୀ।




ଟେବୁଲ ଟେନିସ ପୁରୁଷ ଡବଲ୍ସ ଫାଇନାଲ ଖେଳୁଛନ୍ତି ଭାରତର ଅଚନ୍ତ ଶରଥ କମଲ ଓ ଜି. ସାଥିୟାଁ।

**ବର୍ମିଂହାମ୍, ୭।୮:** ଭାରତର ଅଚନ୍ତ ଶରଥ କମଲ ଓ ଜି. ସାଥିୟାଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟେବୁଲ ଟେନିସ ପୁରୁଷ ଡବଲ୍ସ ମ୍ୟାଚ ହାରିଯାଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେମାନେ ଗତଥରର ଚାମ୍ପିୟନ ଇଂଲଣ୍ଡର ପଲ୍ ଡ୍ରିଙ୍କ୍‌ହଲ୍/ ଲିଆମ ପିଚ୍‌ଫୋର୍ଡ ଯୋଡ଼ିଙ୍କଠାରୁ ୧୧-୮, ୮-୧୧, ୩-୧୧, ୧୧-୭, ୪-୧୧ରେ ହାରିଯାଇଥିଲେ। ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲ ଏହି ଦୁଇ ଯୋଡ଼ିଙ୍କ ମଧ୍ୟରେ ହୋଇଥିଲା।

**ରେସ୍‌ୱାକ୍‌ରେ ସନ୍ଦୀପଙ୍କୁ ବ୍ରୋଞ୍ଜ୍**

ଭାରତର ସନ୍ଦୀପ କୁମାର ପୁରୁଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦, ୦୦୦ ମିଟର ରେସ୍‌ୱାକ୍ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଜିତିଛନ୍ତି। କୁମାର ୩୮:୪୯.୨୧ ମିନିଟ୍ ଟାଇମିଂରେ ସ୍ୱର୍ଣ୍ଣ ପଦକ ବିଜେତା କାନାଡ଼ାର ଇଭାନ ଡନ୍‌ଫି (୩୮:୩୬.୩୭) ଓ ଅଷ୍ଟ୍ରେଲିଆର ଡେକ୍ଲାନ୍ ଟିଙ୍ଗେ (୩୮:୪୨.୩୩)ଙ୍କ ପଛରେ ରହିଥିଲେ। ଅନ୍ୟ ଜଣେ ଭାରତୀୟ ଅମିତ ଖାତ୍ରୀ ସିଜନ ଶ୍ରେଷ୍ଠ ଟାଇମିଂ ୪୩:୦୪.୯୭ ସହ ନବମ ସ୍ଥାନ ଅଧିକାର କରିଥିଲେ।

**ଅନୁ ରାଣୀଙ୍କୁ ଜାଭେଲିନ୍‌ରେ ବ୍ରୋଞ୍ଜ୍**

ଅନୁ ରାଣୀ ଭାରତର ପ୍ରଥମ ଜାଭେଲିନ୍ ଥ୍ରୋୟର ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ପଦକ ଜିତିଛନ୍ତି। ରବିବାର ସେ ତାଙ୍କ ଚତୁର୍ଥ ପ୍ରଚେଷ୍ଟାରେ ୬୦ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର କେଲ୍‌ସି-ଲି ବାର୍ବର ଫାଇନାଲ ରାଉଣ୍ଡରେ ୬୪.୪୩ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ତାଙ୍କ ଦେଶର ମ୍ୟାକେଞ୍ଜି ଲିଟଲ (୬୪.୨୭ ମିଟର) ରୌପ୍ୟ ପଦକ ଜିତିଥିଲେ। ରାଣୀଙ୍କ ପୂର୍ବରୁ କାଶୀନାଥ ନାୟକ ଓ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋରେ ଯଥାକ୍ରମେ ଏକ ବ୍ରୋଞ୍ଜ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ନାୟକ ୨୦୧୨ ଦିଲ୍ଲୀ ଗେମ୍ସରେ ପଦକ ଜିତିଥିବା ବେଳେ ଚୋପ୍ରା ୨୦୧୮ ଗୋଲ୍ଡକୋଷ୍ଟରେ ସ୍ୱର୍ଣ୍ଣ ହାସଲ କରିଥିଲେ।

# ସିନ୍ଧୁ, ସେନ୍ ଫାଇନାଲରେ

**ବର୍ମିଂହାମ୍, ୭।୮(ପି.ଟି.):** ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଡ଼ମିଣ୍ଟନ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ସମ୍ଭାବନା ସୃଷ୍ଟି କରିଥିବା ବେଳେ ଲକ୍ଷ୍ୟ ସେନ୍ ପ୍ରଥମଥର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ଏହି ଦୁଇ ଖେଳାଳି ଅତିକମ୍‌ରେ ରୌପ୍ୟ ପଦକ ପକ୍କା କରିଛନ୍ତି। ରବିବାର ୪୯ ମିନିଟ୍‌ରେ ଶେଷ ହୋଇଥିବା ଏକ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ସିନ୍ଧୁ ସିଙ୍ଗାପୁରର ୟେଓ ଜିଆ ମିନ୍‌ଙ୍କୁ ୨୧-୧୯, ୨୧-୧୭ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ଏହି ଷ୍ଟାର ଖେଳାଳି ପୂର୍ବରୁ ୨୦୧୮ ଓ ୨୦୧୪ ସଂସ୍କରଣରେ ଗୋଟିଏ କରି ରୌପ୍ୟ ଓ ବ୍ରୋଞ୍ଜ ଲାଭ କରଇଥିଲେ। ପରେ ଖେଳାଯାଇଥିବା ଏକ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସେନ୍ ୨୧-୧୦, ୧୮-୨୧, ୨୧-୧୬ରେ ୮୭ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ସିଙ୍ଗାପୁରର ଜିଆ ହେଙ୍ଗ୍ ତେହ୍‌ଙ୍କୁ ହରାଇ ଦେଇଥିଲେ।

# ମହିଳା ହକି ଦଳକୁ ବ୍ରୋଞ୍ଜ୍

**ନୂଆଦିଲ୍ଲୀ,୭।୮(ପି.ଟି)**

୧୬ ବର୍ଷର ପଦକ ମରୁଡ଼ିର ଅନ୍ତ ଘଟାଇ ଭାରତୀୟ ମହିଳା ହକି ଦଳ ଜିତିଛି ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ୍ ପଦକ। ଗୋଲ୍‌କିପର ତଥା ଅଧିନାୟିକା ସବିତା ପୁନିଆଙ୍କ ଚମତ୍କାର ପ୍ରଦର୍ଶନ ସହିତ ଦଳ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୨-୧ରେ ବିଜୟୀ ହୋଇଛି। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ସଲିମା ଟେଟେ ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଶେଷହେବାକୁ ଆଉ ମାତ୍ର ୩୦ ସେକେଣ୍ଡ ବାକି ରହିଥିବା ବେଳେ ନ୍ୟୁଜିଲାଣ୍ଡକୁ ମିଳିଥିଲା ପେନାଲ୍ଟି କର୍ନର। ପେନାଲ୍ଟିକୁ ଗୋଲରେ ପରିଣତ କରିବା ସହିତ ମ୍ୟାଚ୍‌କୁ ବରାବର ସ୍ତରକୁ ଆଣିଥିଲା ନ୍ୟୁଜିଲାଣ୍ଡ। ମ୍ୟାଚ୍‌ର ଅନ୍ତିମ ଅଢ଼େଇ ମିନିଟ୍‌ରେ ବିପଜ୍ଜନକ ଖେଳ ପାଇଁ ଲାଲ୍‌ରେମସିଆମିଙ୍କୁ ୟେଲୋ କାର୍ଡ ମିଳିବା ଦ୍ୱାରା ୧୦ ଜଣିଆ ଦଳ ସହିତ ଖେଳିଥିଲା ଭାରତ। ପେନାଲ୍ଟି ଶୁଟ୍‌ଆଉଟ୍‌କୁ ମ୍ୟାଚ୍ ଯାଇଥିବା ବେଳେ ୩ଟି ଗୋଲ ରୋକିବା ସହିତ ଭାରତକୁ ପଦକ ପ୍ରଦାନ କରିଥିଲେ ସବିତା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପରାଜୟକୁ ଭୁଲି ଭାରତୀୟ ଦଳ ଦୃଢ଼ ଆରମ୍ଭ କରିଥିଲା। ଭାରତୀୟ ଫରୱାର୍ଡମାନେ ଘନ ଘନ ଆକ୍ରମଣ କରିଥିଲେ ହେଁ ନ୍ୟୁଜିଲାଣ୍ଡ ଡିଫେନ୍ସ ଭେଦ କରିବାରେ ସମର୍ଥ ହୋଇ ନ ଥିଲେ।

ଶୁଟ୍‌ଆଉଟରେ ନ୍ୟୁଜିଲାଣ୍ଡ ପକ୍ଷରୁ ମେଗାନ ହଲ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ପରବର୍ତ୍ତୀ ୩ଟି ଶଟ୍‌କୁ ଅଟକାଇଥିଲ ସବିତା। ସେ ରୋଜ୍ ଟାଇନାନ, କେଟି ଡୋଆର ଏବଂ ଅଲିଭିଆ ଶାନନ୍‌ଙ୍କ ଶଟ୍‌କୁ ଅଟକାଇଥିଲେ। ଭାରତ ପକ୍ଷରୁ ସୋନିକା ଓ ନବନୀତ କୌର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ୨-୧ରେ ବିଜୟୀ ହୋଇଥିଲା ଭାରତ। ମ୍ୟାଚ ବିଜୟ ପରେ ଅଧିନାୟିକା ସମସ୍ତ ଶ୍ରେୟ କୋଚ୍ ଜାନେକ୍ ଶପମ୍ୟାନ୍‌ଙ୍କୁ ପ୍ରଦାନ କରିଛନ୍ତି। ପେନାଲ୍ଟି ଶୁଟ୍‌ଆଉଟ ସମୟରେ ଗୋଲ୍‌କିପରଙ୍କ ଉପରେ ଅତିରିକ୍ତ ଚାପ ରହିଥାଏ। ମାତ୍ର ଶପମ୍ୟାନ୍‌ଙ୍କ ପରାମର୍ଶ ମୋତେ ଚାପମୁକ୍ତ ରଖିବାରେ ସାହାଯ୍ୟ କରିଥିଲା ବୋଲି କହିଛନ୍ତି ପୁନିଆ।

# ପଦକ ବିଜେତାଙ୍କ ପାଇଁ ଏୟାର ଇଣ୍ଡିଆର ସ୍ୱତନ୍ତ୍ର ପରୀକ୍ଷା

**ନୂଆଦିଲ୍ଲୀ, ୭।୮ (ପି.ଟି):** ରାଜ୍ୟଗୋଷ୍ଠୀ ପଦକ ବିଜୟୀ ନବନୀତ ସିଂଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା କରିବ ଏୟାର ଇଣ୍ଡିଆ। ପ୍ରଥମଥର ପାଇଁ ରୌପ୍ୟ ପଦକ ଜିତିଥିବା ପୁରୁଷ ଦଳର ସେ ସର୍ବକନିଷ୍ଠ ସଦସ୍ୟ ଅଟନ୍ତି। କମର୍ସିଆଲ ପାଇଲଟ ହେବାକୁ ଲକ୍ଷ୍ୟ ରଖିଥିବା ନବନୀତ ୭।୮।୨୨ ରବିବାର ହେବାକୁଥିବା ପରୀକ୍ଷାରେ ଯୋଗଦେବାରେ ଅସମର୍ଥ ଥିଲେ। ତେବେ ଶନିବାରର ରୌପ୍ୟ ପଦକ ପରେ ଏୟାର ଇଣ୍ଡିଆ ପକ୍ଷରୁ ସ୍ୱତନ୍ତ୍ର ଘୋଷଣା କରାଯାଇଛି। ଆସନ୍ତା ମାସରେ ନବନୀତଙ୍କ ପାଇଁ ଏକ ସ୍ୱତନ୍ତ୍ର ପରୀକ୍ଷା କରାଯିବ ବୋଲି କୁହାଯାଇଛି। ପଦକ ଜିତିବା ପରେ ନବନୀତ କହିଥିଲେ, ନିକଟରେ ମୋତେ ପାଇଲଟ ଲାଇସେନ୍ସ ମିଳିଥିଲା। ଆସନ୍ତା କାଲି (ରବିବାର)ମୋର ପରୀକ୍ଷା ରହିଥିବା ବେଳେ ପହଞ୍ଚିବା ସମ୍ଭବ ନୁହେଁ। ତେବେ ଦେଶ ପାଇଁ ପଦକ ଜିତିଥିବାରୁ ଖୁସି ଲାଗୁଛି। ରବିବାର ଏୟାର ଇଣ୍ଡିଆ ପକ୍ଷରୁ ଟୁଇଟ୍ ଜରିଆରେ ନବନୀତଙ୍କୁ ଶୁଭେଚ୍ଛା ସହିତ ସ୍ୱତନ୍ତ୍ର ପରୀକ୍ଷା ସମ୍ପର୍କରେ କୁହାଯାଇଥିଲା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୬୨ | ୫୨ | ୫୨ | ୧୬୬ |
| ଇଂଲଣ୍ଡ | ୫୪ | ୫୮ | ୫୦ | ୧୬୨ |
| କାନାଡ଼ା | ୨୩ | ୩୦ | ୩୩ | ୮୬ |
| ନ୍ୟୁଜିଲାଣ୍ଡ | ୧୮ | ୧୨ | ୧୭ | ୪୭ |
| **ଭାରତ** | **୧୭** | **୧୩** | **୧୯** | **୪୯** |
| ସ୍କଟଲାଣ୍ଡ | ୧୧ | ୧୦ | ୨୫ | ୪୬ |
| ନାଇଜେରିଆ | ୧୧ | ୮ | ୧୪ | ୩୩ |
| ଦକ୍ଷିଣ ଆଫ୍ରିକା | ୭ | ୯ | ୧୧ | ୨୭ |
| ୱେଲ୍ସ | ୭ | ୬ | ୧୩ | ୨୬ |
| ମାଲେସିଆ | ୬ | ୫ | ୪ | ୧୫ |
| ଜାମାଇକା | ୬ | ୪ | ୩ | ୧୩ |
| ନର୍ଦ୍ଦର୍ନ ଆୟାର୍ଲାଣ୍ଡ | ୫ | ୬ | ୪ | ୧୫ |

(ରବିବାର ରାତି ୧୦ଟା ସୁଦ୍ଧା)



ମହିଳା ୫୦ କେଜି ବକ୍ସିଂ ଫାଇନାଲ ଅବସରରେ ନର୍ଦ୍ଦର୍ନ ଆୟର୍ଲାଣ୍ଡର କାର୍ଲି ମ୍ୟାକ ନଉଲଙ୍କୁ ପଞ୍ଚ୍ ମାରୁଛନ୍ତି ଭାରତର ନିଖତ ଜରିନ (ଡାହାଣ)।

# ମହିଳା ୪X୧୦୦ ମିଟର ରିଲେରେ ଭାରତ ୫ମ

**ବର୍ମିଂହାମ୍, ୭।୮:** ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୪X୧୦୦ ମିଟର ରିଲେ ରେସ୍‌ରେ ଭାରତ ୪୩.୮୧ ସେକେଣ୍ଡ ଟାଇମିଂ ସହ ୫ମ ସ୍ଥାନ ଅଧିକାର କରିଛି। ନାଇଜେରିଆ ୪୨.୧୦ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିବା ବେଳେ। ତା' ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଇଂଲଣ୍ଡ (୪୨.୪୧ ସେକେଣ୍ଡ) ଓ ଜାମାଇକା (୪୩.୦୮ ସେକେଣ୍ଡ) ରହିଛନ୍ତି। ସୂଚନାଯୋଗ୍ୟ, ଏହି ୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ ଅନ୍ୟତମ ସଦସ୍ୟା ରହିଥିଲେ।




# ଆନନ୍ଦ ଫିଡେର ଉପସଭାପତି ନିର୍ବାଚିତ

**ଚେନ୍ନାଇ, ୭।୮(ପି.ଟି.)**

ଭାରତୀୟ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ରବିବାର ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆର୍କାଡି ଡିଭୋରକୋଭିଚ୍ ପୁନର୍ବାର ମହାସଂଘର ସଭାପତି ହୋଇଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ଆନନ୍ଦ ହେଉଛନ୍ତି ଡିଭୋରକୋଭିଚ୍‌ଙ୍କ ଦଳର ଅଂଶବିଶେଷ। ଡିଭୋରକୋଭିଚ୍‌ଙ୍କୁ ୧୫୭ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆନ୍ଦ୍ରି ବେରିସ୍‌ପୋଲେଟ୍ସଙ୍କୁ ମାତ୍ର ୧୬ଟି ଭୋଟ ମିଳିଥିଲା। ଗୋଟିଏ ଭୋଟ୍ ନାକଚ ହୋଇଯାଇଥିବା ବେଳେ ୫ଜଣ ଭୋଟଦାନରୁ ବିରତ



ରହିଥିଲେ। ଏଠାରେ ୪୪ତମ ଚେସ୍ ଅଲିମ୍ପିଆଡ୍ ସହିତ ଫିଡେ କଂଗ୍ରେସ ସମୟରେ ବିଶ୍ୱ ଚେସ୍ ପରିଷଦର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ଅନେକ ଟାଇଟଲ ଓ ସମ୍ମାନ ପାଇଛନ୍ତି। ବର୍ତ୍ତମାନ ସେ ଟୁର୍ନାମେଣ୍ଟ ଖେଳିବା କମାଇଦେବା ସହ କୋଚିଂ ଉପରେ ଧ୍ୟାନ ଦେଉଛନ୍ତି। ବାଲ୍ୟକାଳରୁ ସେ ତାଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ବିଶ୍ୱ ଜୁନିୟର ଟାଇଟଲ ଜିତିବା ପରେ ସେ ଭାରତର ପ୍ରଥମ ଗ୍ରାଣ୍ଡମାଷ୍ଟର ହୋଇଥିଲେ। ଏହାପରଠାରୁ ସେ ଚେସ୍‌ରେ ବିଶ୍ୱସ୍ତରରେ ଭାରତର ନେତୃତ୍ୱ ନେଇ ଆସୁଛନ୍ତି। ସେ ଆହୁରି ମଧ୍ୟ ୫ଟି ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଶେଷଥର ସେ ୨୦୧୭ରେ ବିଶ୍ୱ ରାପିଡ୍ ଟାଇଟଲ ଜିତିଥିଲେ। ବର୍ତ୍ତମାନ ଅଲିମ୍ପିଆଡ୍ ଖେଳୁଥିବା ଦଳରେ ଯଦିଓ ସେ ସାମିଲ ହୋଇନାହାନ୍ତି ତେବେ ଭାରତୀୟ ଦଳର ଖେଳ ଉପରେ ନଜର ରଖିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୮ ଅଗଷ୍ଟ, ୨୦୨୨

**ଦୁର୍ବୃତ୍ତଙ୍କ କେମିକାଲ ମାଡ଼ରେ ମହିଳା ଗୁରୁତର**

ଭବାନୀପାଟଣା,(ସ୍ୱପ୍ର): କେମିକାଲ ମାଡରେ ମହିଳା ଗୁରୁତର । ଏଭଳି ଘଟଣା ଘଟିଛି ଜୟପାଟଣା ଥାନା ପଣ୍ଡିଗାଁରେ । ଆହତ ମହିଳା ଯୋଶବନ୍ତି ନିଆଲଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଚୋରି କରିବାକୁ ପଣ୍ଡିଗାଁ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଗ୍ରାମର ଯୁବକ ପିଛା କରିଥିଲେ । ପିଛା କରିବ ସମୟରେ ଦୁଇଦୁର୍ବୃତ୍ତ ସେହି ଗାଁର ଯୋଶବନ୍ତି ନିଆଲଙ୍କ ଉପରକୁ କେମିକାଲ ମାଡ଼ କରି ଚାଲି ଯାଇଥିଲେ । କେମିକାଲ ମାଡ଼ ହେବାପରେ ଯୋଶବନ୍ତି ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ।



## ସଂକ୍ଷେପରେ

### ଶ୍ମଶାନ ସଫେଇ କଲେ ଯୁବକ ସଂଘ ସଦସ୍ୟ


ଶ୍ମଶାନରେ ଶବ ଦାହ ପାଇଁ ଯୁବକ ସଂଘ ସଦସ୍ୟ ଲୁହାଖୁଣ୍ଟ ପୋତୁଛନ୍ତି।

**ଟିଟିଲାଗଡ଼, ୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ହାଇସ୍କୁଲପଡା ନେତାଜୀ ଯୁବକ ସଂଘ ତରଫରୁ ନିକଟସ୍ଥ ଶ୍ମଶାନ୍‌ରେ ପଡିଥିବା ମଇଳାକୁ ସଫା କରିଛନ୍ତି । ଏହା ସହିତ ଶବଦାହ ନିମନ୍ତେ ସୁବିଧା ପାଇଁ ଚାରିଟା ଲୁହା ଖୁଣ୍ଟ ସେମାନେ ପୋତିଛନ୍ତି। ଏହି ମହତ କାର୍ଯ୍ୟ ପାଇଁ ହାଇସ୍କୁଲ ପଡ଼ା ଓ ବାନ୍ଧପଲା ଗ୍ରାମବାସୀ ନେତାଜୀ ଯୁବକ ସଂଘ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ସଂଘର ରବି ବାଗ, ଶୁକଦେବ ପ୍ରଧାନୀ, ଜଗଦୀଶ ପ୍ରଧାନୀ, ଚେରୁ ଘିଭେଲା, ଧନୁ ଘିଭେଲା, ସତ୍ୟ ଥାନାପତି, ଦୁର୍ଲଭ ବଗର୍ତ୍ତୀ ପ୍ରମୁଖ ଯୋଗଦେଇ ଶ୍ରମଦାନ କରିଥିଲେ।

### କପାଚାଷ ସମନ୍ୱିତ ପରିଚାଳନା ଶିବିର

**ଦେଓଗାଁ, ୭।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ କୃଷି ପରାମର୍ଶ କେନ୍ଦ୍ରରେ କପାଚାଷର ସମନ୍ୱିତ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାଣି, କପା ଯୋଜନା ଅଧିକାରୀ ଯଶୋବନ୍ତ ନାଏକ, ସଦର ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ଏଓ ଅମୂଲ୍ୟ କୁମାର ବେହେରା ଯୋଗଦେଇଥିଲେ। କପାଚାଷ ଓ ତାର ରକ୍ଷଣାବେକ୍ଷଣ ଉପରେ ବିଶେଷଜ୍ଞମାନେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ଏଫଇଏସର ମାଷ୍ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହି ଜୈବିକ ପଦ୍ଧତି ଚାଷ ଉପରେ ଆଲୋକପାତ କରିଥିଲେ। ୨୬ ପଞ୍ଚାୟତର କୃଷକ ସାଥି, ଅଗ୍ରଣୀ ଚାଷୀ ଓା ଗ୍ରାମ୍ୟ କୃଷିକର୍ମଚାରୀ ଯୋଗଦେଇଥିଲେ ।

### କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

**ଖଡ଼ିଆଳ,୭।୮(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ ଯୋଗଦେଇଥିଲେ। ସ୍ମୃତିରେଖା ନନ୍ଦ, ସଂଯୁକ୍ତ ପରବିନ, ଲକ୍ଷ୍ମଣ ଦଣ୍ଡସେନା, ପ୍ରସନ୍ନ ମେହେର, ଚିତ୍ତରଞ୍ଜନ ଦଣ୍ଡସେନା, ଗଣେଶ ରାମ ଭୋଇ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିବିରରେ ଆଠଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ଭିନ୍ନକ୍ଷମଙ୍କୁ ଏହି ଅଙ୍ଗ ପ୍ରତ୍ୟାରୋପଣ କରାଯିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ପରିଚାଳନାରେ ଲୋକେଶ ବେହେରା ସହଯୋଗ କରିଥିଲେ ।

### ବାଉଁଶୁଣୀ ନାଗରିକ କମିଟି ବୈଠକ

**ବାଉଁଶୁଣୀ, ୭।୮(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ନାଗରିକ କମିଟିର ବୈଠକ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରଙ୍କନିଧି ଗାଇଗୌରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ୧୨ଟି ପଞ୍ଚାୟତର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଉଁଶୁଣୀକୁ ବ୍ଲକ ମାନ୍ୟତା ଦାବି, ବାଉଁଶୁଣୀଠାରୁ ବୀରମହାରାଜପୁରକୁ ଗମନାଗମନ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏ ଅଞ୍ଚଳର ନାର୍ଯ୍ୟ ଦାବିକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନା କରିବା ଦିଗରେ ପଦକ୍ଷେପ ନେବାକୁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ହେବ ବୋଲି କମିଟି ସମ୍ପାଦକ ପ୍ରଦୋଷ ରଥ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ଆଇନଜୀବୀ ରାଜେନ୍ଦ୍ର ମେହେର, ଘୁମୁଡୁ ଦନ୍ତା, ରଞ୍ଜନ କୁମାର ଦାଶ, ହେମନ୍ତ ଦିଶିରି, ଅକୁର ଗାଇଗୌରିଆ, ଉମାଶଙ୍କର ପାଢ଼ୀ, ପ୍ରମୋଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧା ହେଲେ ଲୁଟ୍ ଘଟଣାର ଅଭିଯୁକ୍ତ

**ଖପ୍ରାଖୋଲ, ୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ନିକଟରେ ଗତ ଗୁରୁବାର ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲଟ୍ ଘଟଣାରେ ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ ପଟଣାଗଡ଼ ଥାନା କୁତମୁଣ୍ଡା ଗାଁର ପୁରନ୍ଦର କୁମ୍ଭାର(୨୨), ମୁଣ୍ଡାପଲା ଗାଁର କେଶବ ବାରିକ(୨୭), ଘୁନଘୁଟିପାଲି ଗାଁର ଗୋବିନ୍ଦ କାଲସାଏ(୨୬), ଭାଲୁପିଟା ଗାଁର ତରଣୀ ଜଗଦଲା (୨୮)। ଏମାନଙ୍କ ସହ ଲୁଟ୍ ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ତୁଷୁରା ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟ ନାବାଳକ ଧରା ପଡିଛନ୍ତି। ଅଭିଯୁକ୍ତମାନେ ଏକାଧିକ ଲୁଟ୍ ମାମଲାରେ ସମ୍ପୃକ୍ତି ରହିଛି। ତୁଷୁରା, ଦେଓଗାଁ, ବଲାଙ୍ଗୀର ସଦର ଥାନାରେ ସେମାନଙ୍କ ନାମରେ ଚାରିରୁ ଅଧିକ ମାମଲା ରହିଛି। ଗିରଫ ଲୁଟେରାମାନଙ୍କଠାରୁ ନଗଦ ୫୫୦୦ଟଙ୍କା, ୨ଟି ସାମସଙ୍ଗ ଟାବଲେଟ, ୯ଟି ମୋବାଇଲ, ଲୁଟ୍‌ରେ ବ୍ୟବହୃତ ବୁଲେଟ(ଓ-୦୨ ଏମ ୨୯୯୪ ), ଏକ କଳା ପଲସର ଏବଂ ସିଡ଼ି ଡିଲକ୍ସ ବାଇକ ଜବତ ହୋଇଛି। ଏଥିସହ ଲୁଟେରାମାନେ ବିଭିନ୍ନ ସ୍ଥାନରେ ବିକ୍ରି କରିଥିବା ୬ଟି ଡିଏସଏଲଆର ଦାମୀ କ୍ୟାମେରାକୁ ଲୁଟେରାମାନଙ୍କଠାରୁ ଜବତ କରାଯାଇଛି। ଗିରଫ ୪ଅଭିଯୁକ୍ତଙ୍କୁ ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତଙ୍କୁ ରାଉରକେଲା ଯୁଭେନାଇଲ କୋର୍ଟକୁ ପଠାଯାଇଛି। ରବିବାର ଖପ୍ରାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପାଟଣାଗଡ଼ ଏସ୍‌ଡ଼ିପିଓ ଜ୍ୟୋର୍ତିମୟ ଭୁକ୍ତା । ତାଙ୍କ ସୂଚନା ଅନୁଯାୟୀ ଲୁଟ୍ ଘଟଣା ନେଇ ଥାନାରେ ଅଭିଯୋଗ ପରେ ଖପ୍ରାଖୋଲ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ତନାଘନା ଆରମ୍ଭ କରିଥିଲା। ବିଭିନ୍ନ ସୂଚନା, ସିସିଟିଭି ଫୁଟେଜ, ବୈଷୟିକ ଜ୍ଞାନ କୌଶଳ ସହାୟତାରେ ଲୁଟେରାମାନଙ୍କୁ ଧରିବାରେ ସଫଳତା ମିଳିଥିଲା।

ସୂଚନା ଅନୁସାରେ ଗୁରୁବାର ମାଇକ୍ରୋ ଫାଇନାନ୍ସ କର୍ମଚାରୀ କ୍ଷିତିଶ ବେହେରା ଖପ୍ରାଖୋଲ-ପାଟଣାଗଡ଼ ରାସ୍ତାରେ ଏକ ବାଇକରେ ଯାଉଥିବା ବେଳେ ଓଏଭି ସ୍କୁଲ ନିକଟରେ ଏକ ବୁଲେଟରେ ଆସି ୩ ଜଣ ଲୁଟେରା ତାଙ୍କୁ ଅଟକାଇ ଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ କ୍ଷୀତିଶଙ୍କ ମୋବାଇଲ ଫୋନ, ଟାବଲେଟ ଓ ବିଭିନ୍ନ କାଗଜପତ୍ର ଛଡାଇ ନେଇ ଫେରାର ହୋଇଯାଇଥିଲେ। ଖବରଦାତା ସମ୍ମିଳନୀରେ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଉପସ୍ଥିତ ଥିଲେ।


ଲୁଟ୍ ଘଟଣାରେ ଗିରଫ ୪ଅଭିଯୁକ୍ତ ।

**ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ**

- ଜେଲଗଲେ ୪ ଅଭିଯୁକ୍ତ, ଧରା ପଡିଥିବା ନାବାଳକ ଗଲେ ବାଲସ୍ୱଧାର ଗୃହ
- ୬କ୍ୟାମେରା, ୯ ମୋବାଇଲ ସହ ୨ ଟାବଲେଟ ଜବତ
- ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ରହିଛି ମାମଲା

# ନୂଆ ଚାଷୀଙ୍କୁ ମିଳୁନି ଋଣ

**ଲାଠୋର, ୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ଅଣରଣୀ ନୂଆ ଚାଷୀଙ୍କୁ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଋଣ ପ୍ରଦାନ କରାଯାଉ ନାହିଁ। ଋଣ ପାଇବାରୁ ବଞ୍ଚିତ କେତେକ ଚାଷୀ ଏହିଭଳି ଅଭିଯୋଗ କରିଛନ୍ତି। ଲାଠୋର, ମାଲପଡ଼ା, ବେନ୍ଦେର, କରୁଆଝର ଏବଂ ଟଙ୍କପାଣି ପଞ୍ଚାୟତର ୩୦ ଗ୍ରାମର ୧୩ ଶହରୁ ଊର୍ଦ୍ଧ୍ୱ ଚାଷୀ ଲାଠୋର ପ୍ରାଥମିକ ସେବା ସମବାୟ ସମିତି ଉପରେ ନିର୍ଭର କରନ୍ତି। ଗତ ୧୯୯୨ ମସିହାରୁ ଏଠିକାର ୭୧୮ ଚାଷୀ ୩ କୋଟି ୨୯ ଲକ୍ଷ ଟଙ୍କା ଋଣ ଆକାରରେ ନେଇ ଚାଷବାସ କରି ଆସୁଛନ୍ତି। ସେଥିରୁ ୩୭୦ ଚାଷୀ ପ୍ରାୟ ୧ କୋଟି ୫୦ ଲକ୍ଷ ଟଙ୍କା ଋଣ ପରିଶୋଧ କରି ପୁନର୍ବାର ଋଣ ନେଉଥିବା ବେଳେ ବଳକା ୩୪୮ଚାଷୀ ଋଣ ପରିଶୋଧ କରୁ ନାହାନ୍ତି। ତାଉପରକୁ ମଧ୍ୟ ପୁରୁଣା ଋଣୀ ଚାଷୀ ମାନଙ୍କୁ ଋଣ ପ୍ରଦାନ କରାଯାଉଥିବା ବେଳେ ନୂଆ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉ ନାହିଁ। ବର୍ତ୍ତମାନ ଚାଷୀମାନେ ଖରିଫ ଚାଷ ଆରମ୍ଭ କରିଥିବାରୁ ତାଙ୍କୁ ବିଭିନ୍ନ ପ୍ରକାର ସାର, କୀଟନାଶକ ଔଷଧ ତଥା ରୁଆ ବିହୁଡ଼ା ପାଇଁ ଟଙ୍କାର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ଥିବା ଚାଷୀଙ୍କୁ ସମିତିରୁ ଋଣ ପ୍ରଦାନ କରାଯାଉ ନଥିବା ଯୋଗୁଁ ସେମାନେ ବାହାରୁ ଅଧିକା ସୁଧରେ ଟଙ୍କା ଆଣି ଚାଷ କରିବାକୁ ବାଧ ହେଉଛନ୍ତି। ଏନେଇ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲାଠୋର ଶାଖା ପରିଚାଳକ ନିପୁନ କୁମାର ବୁଡ଼େକଙ୍କୁ ପଚାରିବାରୁ ପ୍ରାଥମିକ ସେବା ସମବାୟ ସମିତି ଚାଷୀଙ୍କଠାରୁ ଋଣ ଅସୁଲ କରି ନପାରିବାରୁ ଏପରି ସ୍ଥିତି ଉପୁଜିଛି। ଆଗକୁ ନୂଆ ଚାଷୀ ମାନଙ୍କୁ ମଧ୍ୟ ଋଣ ପ୍ରଦାନ କରାଯିବ। ସମିତି ସମ୍ପାଦକ ଜଗଦୀଶ ରଣା କହିଛନ୍ତି ଋଣ ଅସୁଲ କରି କରି ବ୍ୟାଙ୍କକୁ ଦିଆଯାଉଛି ବୋଲି କହିଛନ୍ତି। ତେବେ ଯେଉଁ ନୂଆ ଚାଷୀ ଋଣ ପାଇଁ ଆବେଦନ କରୁଛନ୍ତି ସେମାନଙ୍କୁ ପ୍ରାଥମିକତା ଦେଇ ଋଣ ପ୍ରଦାନ କରିବାକୁ ଦାବି ହେଉଛି।

# ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ

**ଲୋଇସିଂହା, ୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳ ସ୍ତରୀୟ ଶିକ୍ଷା ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ସନାତନମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ୭ଟି ବିଦ୍ୟାଳୟର ଗୁରୁମାଗୁରୁଜୀ ଯୋଗଦେଇ ବିଷୟଭିତ୍ତିକ ଆଲୋଚନା କରିଥିଲେ।

# ସାରସମାଲ-ସିଲେଟକାନି ସେତୁର ଶିଳାନ୍ୟାସ

**ବଲାଙ୍ଗୀର ଅଫିସ, ୭।୮**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲଠାରେ ସାରସମାଲରୁ ସିଲେଟକାନୀକୁ ସଂଯୋଗ କରୁଥିବା ରାସ୍ତାର ଝରିଆଯୋର ସେତୁ ନିର୍ମାଣ ସକାଶେ ବିଧାୟକ ନରସିଂହ ମିଶ୍ର ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେଠାରେ ଏକ ସୁଉଚ୍ଚ ସେତୁ ନିର୍ମାଣ ହେବ। ସ୍ଥାନୀୟ ସରପଞ୍ଚ ଗୋପାଳକୃଷ୍ଣ ବାଗଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ଦିଆଯାଇଥିବା ଏହି ସେତୁ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବ। ଉପସ୍ଥିତ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା ଓ ସହକାରୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର ଏହି ସେତୁକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଭିତ୍ତିପ୍ରସ୍ତର ପରବର୍ତ୍ତି ସଭାରେ ସାରସମାଲ ପଞ୍ଚାୟତର ବିଭିନ୍ନ ଗାଁର ଲୋକେ ଉପସ୍ଥିତ ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକ ମିଶ୍ରଙ୍କୁ ଅବଗତ କରିଥିଲେ । ବିଶେଷ କରି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ସାରସମାଲରୁ ସିଲେଟକାନିକୁ ଯାଇଥିବା ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କୁ ଲୋକେ ଅନୁରୋଧ କରିଥିଲେ। ସାରସମାଲରେ ଏକ ଏଏନ୍‌ଏମ୍ ସେଣ୍ଟରର ବ୍ୟବସ୍ଥା କରିବା ପାଇଁ ଲୋକେ ଅନୁରୋଧ କରିଥିଲେ। ସାରସମାଲ ପଞ୍ଚାୟତ ଅନ୍ତର୍ଗତ ଚୋରମରା, କନକପୁର, ପୁଲସଖଣ୍ଡି, ଅଫାମରା ଇତ୍ୟାଦି ଗାଁକୁ ଉନ୍ନତ ରାସ୍ତା କରାଯାଉ ବୋଲି ଦାବି ହୋଇଥିଲା। ବିଧାୟକ ମିଶ୍ର ସେଠାରେ ଉପସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସମସ୍ତ ଗାଁକୁ ଯାଇଥିବା ରାସ୍ତା ପରିଦର୍ଶନ କରି ଏକ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଜଗବନ୍ଧୁ ମେହେର, ଭାଗିରଥି ମେହେର, ରାମଜୀ ଚୌଧୁରୀ, ଅସିତ କୁମାର ମିଶ୍ର, କାନ୍ତେଶ୍ୱର ପ୍ରଧାନ, ଛାୟାକାନ୍ତ ଭୋଇ, ଶିବ ମେହେର, ନିଳକଣ୍ଠ ବଗର୍ତ୍ତି, ଚହଲୁ ପୋଡ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ମେହେର, ଗଦାଧର ପଧାନ, ବାବୁଲୁ ପଧାନ, କମ୍ପ ପଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ର ମୁକୁନ୍ଦ କିଶାନ, ଧ୍ରୁବ ସେଠୀ ଉପସ୍ଥିତ ଥିଲେ ।


ବିଧାୟକ ନରସିଂହ ମିଶ୍ର ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ବୈଠକ

**ଦେଓଗାଁ, ୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଗ୍ରାମ୍ୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟି ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ବିବରଣୀ ପଠନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଦେଓଗାଁର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ରୋଡରେ ଏକ୍ସପ୍ରେସ ଟ୍ରେନ ରହଣୀ, ତହସିଲ ପାଖରେ ଏସ୍‌ଡିଜେଏମ କୋର୍ଟ ସ୍ଥାପନ, ସବଟ୍ରେଜେରି କାର୍ଯ୍ୟାଳୟ ସ୍ଥାପନ ତଥା ଦେଓଗାଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି ଉପରେ ଆଲୋଚନା କରାଯାଇଥିଲା। ଏହାସହ ଦେଓଗାଁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ଉପରେ ମଧ ଆଲୋଚନା ହୋଇଥିଲା। ପରେ ଆଗକୁ ବିଭିନ୍ନ ପଦକ୍ଷେପ ଗ୍ରହଣ ପାଇଁ ଗାଁର ସମସ୍ତଙ୍କୁ ନେଇ ବୈଠକ କରିବା ପାଇଁ ମତପ୍ରକାଶ ପାଇଥିଲା। ବୈଠକରେ ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ବସନ୍ତ କୁମାର ଅଗ୍ରୱାଲ, ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସଞ୍ଜୟ କୁମାର ହୋତା, କାର୍ତ୍ତିକ ମଲ୍ଲିକ, ସୌମ୍ୟରଞ୍ଜନ ସାହୁ, ପ୍ରାଶାନ୍ତ କୁମାର ପାଣ୍ଡେ, ରଜନିକାନ୍ତ ମହାନ୍ତି ପ୍ରମୁଖ ନିଜସ୍ୱ ମତ ରଖିଥିଲେ। କମିଟି ଉପସଭାପତି ବିଶ୍ୱଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶକ୍ତି ସଂରକ୍ଷଣ, ସୁପରିଚାଳନା ସଚେତନତା କାର୍ଯ୍ୟକ୍ରମ


ଶକ୍ତି ସଂରକ୍ଷଣ ଉପରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଦେଓଗାଁ, ୭।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଶନିବାର ଶକ୍ତି ସଂରକ୍ଷଣ ଓ ତାର ସୁପରିଚାଳନା ପାଇଁ ଶୋଭାଯାତ୍ରା ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ତତ୍ତ୍ୱାବଧାନ ତଥା ଶିକ୍ଷକ ଚୈତନ୍ୟ ସାହୁଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନତାଭିତ୍ତିକ ନାରାଦେଇ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିଥିଲେ। ପରେ ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିଚାଳନା ବିଷୟକୁ ନେଇ ବକ୍ତୃତା, ଗୀତ, ସାଧାରଣଜ୍ଞାନ, ଚିତ୍ରକଳା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରତାପଚନ୍ଦ୍ର ମିଶ୍ର, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପଞ୍ଚାନନ ସାହୁ, ରାଜ କୁମାର ବେରିଆ, ସୁନିତା ମଲ୍ଲିକ, ଦେବାଶିଷ ବିଶ୍ୱାଳ ତଥା ଅଣଶିକ୍ଷକ କର୍ମଚାରୀ ଜିବର୍ଦ୍ଧନ ପଧାନ, ମଣି ରଣା, ଜିତେନ୍ଦ୍ର ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନ ପର୍ଯ୍ୟାବରଣ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି

**ଲୋଇସିଂହା, ୭।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ନଅଗାଁ(ଖ) ଭାଜପା କାର୍ଯ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ବୈଠକରେ ବିଧାୟକ ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ କର୍ମୀଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କର୍ମୀମାନେ ସଂକଳ୍ପ ନେଇଥିଲେ। ଏଥିରେ ମଣ୍ଡଳ ସଭାପତି ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ ।


ହରଘର ତ୍ରିରଙ୍ଗା ପାଇଁ ଭାଜପା ପକ୍ଷରୁ କରାଯାଇଥିବା ପ୍ରସ୍ତୁତି।

# ୯ରୁ ବଲାଙ୍ଗୀର କ୍ରାନ୍ତି-ଜାଗୃତି ସମାରୋହ

**ବଲାଙ୍ଗୀର ଅଫିସ, ୭।୮**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ଜିଲାର ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ ଏବଂ ସମ୍ମାନ ପ୍ରଦର୍ଶନ ସକାଶେ ଅଗଷ୍ଟ ୯ରୁ ସେପ୍ଟେମ୍ବର ୨୯ ପର୍ଯ୍ୟନ୍ତ ୫୦ଦିନ ବ୍ୟାପୀ ବଲାଙ୍ଗୀର କ୍ରାନ୍ତି ଜାଗୃତି ସମାରୋହ ପାଳନ କରାଯିବ। ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ କ୍ରାନ୍ତି-ଜାଗୃତି ସମାରୋହ କମିଟି ସଭାପତି ଐତିହାସିକ ପ୍ରଫେସର ଡ. ଶିବପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ପ୍ରଫେସର ଡ. ନନ୍ଦ କହିଥିଲେ ଯେ, ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ ଏବଂ ସମ୍ମାନ ପ୍ରଦର୍ଶନ ସକାଶେ ଏହି ସମାରୋହର ପରିକଳ୍ପନା କରାଯାଇଛି। ବ୍ରିଟିଶରାଜ୍ ବିରୋଧରେ ଐତିହାସିକ କନ୍ଧମେଳିରେ କଳାହାଣ୍ଡି ଓ ପୂର୍ବତନ ପାଟଣା (ଅଧୁନାତନ ବଲାଙ୍ଗୀର ଜିଲା)ର କନ୍ଧମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଘୁମସର କନ୍ଧ ବିଦ୍ରୋହର ଅଗ୍ରଣୀ ସେନାନୀ ଚକରା ବିଶୋଇଙ୍କ ସହ ବଲାଙ୍ଗୀର ଜିଲା ଆଠଗାଁ ଜମିଦାର ଧରମ ସିଂ ମାଝି ମାନ୍ଧତାଙ୍କ ଯୋଗଦାନ ରହିଥିଲା। ଉପନିବେଶବାଦ୍ ଓ ସାମ୍ରାଜ୍ୟବାଦ୍, ଶୋଷଣ, କଷଣ ବରୋଧରେ ବଲାଙ୍ଗୀର-ପାଟଣାରେ ଅନେକ ସ୍ୱାଧୀନତା ସଂଗ୍ରାମୀ ସକ୍ରିୟ ଯୋଗଦାନ କରିଥିଲେ। ଏଣୁ ଆଠଗାଁ ଜମିଦାରଙ୍କ ଜନ୍ମପୀଠରୁ କ୍ରାନ୍ତି-ଜାଗୃତି ସମାରୋହ ଆରମ୍ଭ ହେବ। ଆସନ୍ତା ୯ ତାରିଖ ସକାଳ ୯ଟାରୁ ଆଠଗାଁରୁ ଏକ ବାଇକ୍ ରାଲି ବଲାଙ୍ଗୀର ଅଭିମୁଖେ ବାହାରିବ। ଏହି ୫୦ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଚାରାରୋପଣ, ସ୍କୁଲ ଓ କଲେଜରେ ବକ୍ତୃତା, କୁଇଜ୍‌ପ୍ରତିଯୋଗିତା, ତିନୋଟି ସେମିନାର ଏବଂ ଗୋଟିଏ ରକ୍ତଦାନ ଶିବିର ଆୟୋଜନ କରାଯିବ।

୧୯୩୮ ସେପ୍ଟେମ୍ବର ୨୯ରେ ଏକ ବିଶାଳ କୃଷକ ସମାବେଶ ଚୁଡାପାଲିରୁ ବଲାଙ୍ଗୀର ସହରକୁ ଆସିଥିଲା। ଏହି ଐତିହାସକ ଘଟଣାର ସ୍ମୃତିଚାରଣ ପୂର୍ବକ ୨୯ ସେପ୍ଟେମ୍ବରରେ ଜାଗୃତି ଦିବସ ଭାବେ ପାଳନ କରାଯିବ। ଏହି ଉଦ୍ୟାପନୀ ଦିବସରେ ଚୁଡାପାଲିରୁ ବଲାଙ୍ଗୀର ସହରକୁ ଏକ ବାଇକ୍ ରାଲି ଆସି ପରିକ୍ରମା କରିବ। ସେଦିନ ବଲାଙ୍ଗୀରର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସମ୍ପର୍କରେ ପ୍ରସ୍ତୁତ ପୁସ୍ତକକୁ ଉନ୍ମୋଚନ କରାଯିବ ବୋଲି ଡ. ନନ୍ଦ ସୂଚନା ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀରର ସମସ୍ତ ଜନସାଧାରଣ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଶୋଭାଯାତ୍ରା ଓ ମିଟିଂ କମିଟିର ଗୋପାଳଜୀ ପାଣିଗ୍ରାହୀ, ସୋମନାଥ ମିଶ୍ର, ମୁକେଶ ବିହଦାର, ଦିନେଶ ଶର୍ମା, ଅଙ୍କୁଶ ପାଣ୍ଡିଆ, ଶୁଭ୍ରାଂଶୁ ଶେଖର ପଣ୍ଡା, ବ୍ୟାସଦେବ ନନ୍ଦ, ସେମିନାର କମିଟିର ଚିତ୍ତରଞ୍ଜନ ଦାଶ, ଅଖିଳ ଚନ୍ଦ୍ର ହୋତା, ବୀରେନ୍ଦ୍ର ବନ୍‌ଛୋର, ସୁରୁଲାଲ ମଟାରୀ, ପ୍ରକାଶ ଦାଶ, ପୁସ୍ତକ ପ୍ରକାଶନ କମିଟିର ଡ ଶିବପ୍ରସାଦ ନନ୍ଦ, ବୀରେନ୍ଦ୍ର କୁମାର ଝାଙ୍କର, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ।



କ୍ରାନ୍ତି ଜାଗୃତି ସମାରୋହ କମିଟି ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- ଆଠଗାଁରୁ ବଲାଙ୍ଗୀର ହେବ ବାଇକ୍ ରାଲି
- ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦିଆଯିବ ଶ୍ରଦ୍ଧାଞ୍ଜଳି

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୮ ଅଗଷ୍ଟ, ୨୦୨୨



**ପୋଷ୍ୟ ବୃକ୍ଷ ଗ୍ରହଣ କଲା ଏସ୍‌ଏଚ୍‌ଜି**

**ବରଗଡ଼ ଅଫିସ:** ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ମାଁ ମହାଗୌରୀ, ମାଁ କଜଳିବିଜଳି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ସ୍ଥାନୀୟ ଆମ୍ବେଦକର ଯୁବାସଂଘର ମିଳିତ ଆନୁକୂଲ୍ୟରେ ଗ୍ରାମର ତେନ୍ତୁଲିମୁଣ୍ଡା ପୋଖରୀ ରାସ୍ତା ସଫେଇ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ କିସମର ଫଳ ବୃକ୍ଷଚାରା ରୋପଣ କରାଯାଇଛି। ଏହି ବୃକ୍ଷଚାରା ଗୁଡ଼ିକୁ ଉକ୍ତ ଏସ୍‌ଏଚ୍‌ଜିର ସଭ୍ୟାବୃନ୍ଦ ପୋଷ୍ୟବୃକ୍ଷ ଭାବେ ଗ୍ରହଣ କରିଛନ୍ତି। ଆମ୍ବେଦକର ଯୁବାସଂଘର ପୁରନ୍ଦର ଭୋସାଗରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୃକ୍ଷର ଯତ୍ନ ନେବାକୁ ସେମାନେ ସଂକଳ୍ପ ନେଇଛନ୍ତି ।

## ସଂକ୍ଷେପରେ

### ପୁରୁଷରେ ଶ୍ୟାମ,ମହିଳାରେ ମମତାଙ୍କୁ ସ୍ୱର୍ଣ୍ଣ ପଦକ

**ଭବାନୀପାଟଣାରେ ଜାତୀୟ ଜାଭେଲିନ୍ ଥ୍ରୋ ଦିବସ ପାଳିତ**

**ଭବାନୀପାଟଣା,୭।୮(ସ୍ୱପ୍ର):** କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଲାଲବାହଦୂର ଷ୍ଟାଡିୟମ ଠାରେ ରବିବାର ଜାତୀୟ ଜାଭେଲିନ୍ ଥ୍ରୋ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାର ୧୨୦ ଜଣ ମହିଳା ଓ ପୁରୁଷ ଖେଳାଳି ଅଂଶଗ୍ରହଣ କରିଥିଲେ। କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଅଲିମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ପୌରପାଳିକାର ପୌରାଧକ୍ଷା ସଂଯୁକ୍ତା ବେହେରା ଯୋଗଦେଇ ବିଜେତା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ମେଡାଲ, ସାର୍ଟିଫିକେଟ ଓ କେସ ଏୱାର୍ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭିକାରୀ ଚରଣ ମିଶ୍ର, ଅବଦୁଲ କାଦିର, ଦେବେନ୍ଦ୍ର କୁମାର ରାଉତ, ପଙ୍କଜ ପଟ୍ଟନାୟକ, ସୁବାଷ ପଣ୍ଡା, ଧିରେନ ପଟ୍ଟନାୟକ, ଚକ୍ରଧର ସେଠି, ବିପିନ ମିଶ୍ର, ଜିଲା କ୍ରୀଡା ଅଧିକାରୀ ସୁବାଶିଷ ନାଏକ, ସୁବାଷ ନାଗ, ନିର୍ମଳ ସିଂ, ଜିତେନ୍ଦ୍ର ପଟ୍ଟନାୟକ, ଅଶୋକ ପଟ୍ଟନାୟକ, କାଉନସିଲର ଶିବା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଷ ବିଭାଗରେ ଶ୍ୟାମ ଶବର ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଦ୍ୱିତୀୟ ସ୍ଥାନ ପଞ୍ଚୁ ମାଝୀ (ରୋପ୍ୟ ପଦକ) ଓ ତୃତୀୟ ସ୍ଥାନ ଚର୍ତୁଭୂଜ ନାଏକ (ବ୍ରୋଞ୍ଜ) ପଦକ ପାଇଥିଲେ। ସେହିପରି ମହିଳା ବିଭାଗରେ ମମତା ଶବର ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଦ୍ୱିତୀୟ ସ୍ଥାନ ରଚନା କୁମାର (ରୋପ୍ୟ ପଦକ) ଓ ତୃତୀୟ ସ୍ଥାନ ଯଶୋବନ୍ତି ମାଝୀ (ବ୍ରୋଞ୍ଜ) ପଦକ ପାଇଥିଲେ। ଯୁଗ୍ମ ସଂପାଦକ ସୁନିଲ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

### ଚାଷୀଙ୍କ ରେଲରୋକୋ ଚେତାବନୀ

**ଅମ୍ବାଭୋନା,୭।୮(ଡି.ଏନ.ଏ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଉତ୍ତମ ଶିବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ ଚାଷୀ ସମାବେଶ ହୋଇଥିଲା। ପଞ୍ଚାନନ ବଢ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଫସଲବୀମା କ୍ଷତିପୂରଣ ସହାୟତା, ସାର କଳାବଜାର, ଚାଷୀ ପଞ୍ଜୀକରଣ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୧୩ତାରିଖ ସୁଦ୍ଧା ବୀମା କ୍ଷତିପୂରଣ ସହାୟତା ନ ମିଳିଲେ ୧୪ତାରିଖରେ ବରଗଡ଼ ରେଳ ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ କରିବାକୁ ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି। ୧୫ତାରିଖରେ ରେଳ ଷ୍ଟେଶନରେ ପତାକା ଉତ୍ତୋଳନ ଏବଂ ୧୬ତାରିଖରେ ଜିଲାପାଳଙ୍କ ଅଫିସ ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଅଚଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ଥାନୀୟ ବାରପାହାଡ଼ କୃଷକ ସଙ୍ଗଠନ, ଲାଲ ବାହାଦୂର ଶାସ୍ତ୍ରୀ କୃଷକ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅବାଧରେ ଚାଲିଛି ବାଲି ଚୋରାଚାଲାଣ

**ଖଡ଼ିଆଳ, ୭।୮(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକରେ ଥିବା ସୁନ୍ଦରନଦୀର ଅନେକ ସ୍ଥାନରେ ସରକାରୀ ସ୍ୱୀକୃତିପ୍ରାପ୍ତ ବାଲିଘାଟ ରହିଛି। ହେଲେ ସେହି ବାଲିଘାଟଗୁଡିକ ୨୦୨୧–୨୨ ମସିହା ପାଇଁ ନିଲାମ ହୋଇ ନ ଥିବାରୁ ଅବାଧରେ ବାଲି ଚୋରା ଚାଲାଣ ହେଉଛି। ଅସାଧୁ ବ୍ୟବସାୟୀମାନେ ବାଲି ଚୋରା ଚାଲାଣ କରି ମାଲେମାଲ ହେଉଥିବାବେଳେ ସରକାରଙ୍କ ରାଜସ୍ୱହାନୀ ଘଟୁଛି। ଏହା ସହିତ ବାଲି ବ୍ୟବସାୟୀମାନେ ବାଲିକୁ ଅଧିକ ଦରରେ ବିକ୍ରୟ କରୁଥିବାରୁ ସାଧରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ତିଆରି କରିବାକୁ ଦେଉଥିବାବେଳେ ବାଲିର ଅଧିକ ଦର ଯୋଗୁ କିଣିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ପ୍ରତି ଟ୍ରାକ୍ଟର ବା ପ୍ରତି ଗାଡି ପିଛା ୨୫୦୦ ରୁ ୩୦୦୦ ଟଙ୍କା ଥିବାରୁ ଗରିବ ଲୋକମାନେ ବାଲି କିଣି ନିଜ ଆବାସ ନିର୍ମାଣ କରି ପାରୁନାହାନ୍ତି।



ଖଡ଼ିଆଳ ସହରରେ ସୁନ୍ଦର ନଦୀରୁ ବାଲି ଆଣି ରଖାଯାଇଛି।

ଫଳରେ ସେମାନଙ୍କ ଘର କାର୍ଯ୍ୟ ଆଗେଇ ପାରୁନାହିଁ। ଅନ୍ୟପକ୍ଷରେ ପ୍ରଶାସନ ତୁରନ୍ତ ଆବାସ ନିର୍ମାଣ କରିବାକୁ ଚାପ ପକାଉଛନ୍ତି। ବର୍ତ୍ତମାନ ଖଡ଼ିଆଳ ସହରରେ କେତେଜଣ ବାଲି ବ୍ୟବସାୟୀ ପ୍ରଶାସନିକ ଦେଖାଣିଆ ଭାବରେ ଗୋଟିଏ ହାଇୱା ଟ୍ରକ୍‌ରେ ବାଲି ରୟାଲିଟି ଦେଇ ଖଡ଼ିଆଳରେ ଆଣି ରଖୁଛନ୍ତି। ସେହି ଗୋଟିଏ ଟ୍ରିପ ହାଇୱା ବାଲିକୁ ୫/୬ ଟ୍ରାକ୍ଟରରେ ଭର୍ତ୍ତିକରି ବିକ୍ରି କରୁଛନ୍ତି। ବାଲି ବ୍ୟବସାୟୀମାନେ ରାତିରେ ସୁନ୍ଦରନଦୀର ବିଭିନ୍ନ ବାଲିଘାଟରୁ ବାଲି ଉଠାଇ ଖଡ଼ିଆଳରେ ଆଣି ରଖୁଛନ୍ତି। ପରେ ସେମାନେ ପଡ଼ୋଶୀ ବଲାଙ୍ଗୀର ଜିଲାର ଯେଉଁଘାଟ ନିଲାମ ହୋଇଛି, ସେହିଘାଟରୁ ବାଲି ଆଣିଛନ୍ତି କହି ରୟାଲିଟି କାଟୁଛନ୍ତି। ବାଲି ବ୍ୟବସାୟୀମାନେ ସ୍ଥାନୀୟ ପ୍ରଶାସନକୁ ହାତକରି ନିଲାମ ହୋଇ ନ ଥିବା ସୁନ୍ଦର ନଦୀର ବିଭିନ୍ନ ବାଲିଘାଟରୁ ବାଲି ଉଠାଣ କରି ବିକ୍ରି କରୁଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁନ୍ଦର ନଦୀର ବିଭିନ୍ନ ବାଲିଘାଟରୁ ଦିନ ଓ ରାତି ଶହ ଶହ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରାଯାଉଥିବାବେଳେ କେବଳ ଲୋକ ଦେଖାଣିଆ ଭାବରେ ପ୍ରଶାସନ ସପ୍ତାହକୁ ଗୋଟିଏ କି ଦୁଇଟି ଟ୍ରାକ୍ଟର ଧରି ଜରିମାନା ଆଦାୟ କରି ନିରବ ରହୁଛି। ପ୍ରଶାସନର ଏହି ନିରବତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ଖଡ଼ିଆଳ ସହରର ଅନେକ ସ୍ଥାନରେ ଓ ପ୍ରତ୍ୟେକ ନଦୀ ପାର୍ଶ୍ୱବର୍ତ୍ତି ଗ୍ରାମ ନିକଟରେ ବାଲିବ୍ୟବସାୟୀମାନେ ଟ୍ରିପ ଟ୍ରିପ ବାଲି ରଖି ଅଧିକ ଦରରେ ବିକ୍ରି କରୁଛନ୍ତି। ସେହି ବାଲି ଆସିଲା କେଉଁଠୁ ବୋଲି ଲୋକେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ବିଗତ ବର୍ଷମାନଙ୍କରେ ସୁନ୍ଦରନଦୀର ବାଲିଘାଟ ନିଲାମ ନେଇଥିବା ଠିକାଦାରମାନେ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ରାଜସ୍ୱ ବିଭାଗକୁ ପଇଠ କରି ନ ଥିବାବେଳେ ନଦୀଘାଟରୁ ଯେତିକି ବାଲି ଉଠାଇବା ନିୟମ ଅଛି ଠାରୁ ବହୁତ ଅଧିକ ବାଲି ଉଠାଇଛନ୍ତି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ବାଲି ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଖଡ଼ିଆଳ ଅତିରିକ୍ତ ତହସିଲଦାର ଭୂପେନ୍ଦ୍ର ସିଂଙ୍କୁ ପଚାରିବାରୁ ବାଲିଘାଟ ନିଲାମ ପାଇଁ କିଛି ଦିନ ମଧ୍ୟରେ ବିଜ୍ଞପ୍ତି ବାହାରିବ ପରେ ନିଲାମ ହେବ ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ଏହି ବାଲିଘାଟ ପ୍ରତି ଦୃଷ୍ଟି ଦେଇ କିପରି ବାଲି ଚୋରା ଚାଲାଣ ବନ୍ଦ ହେବ ପଦକ୍ଷେପ ନେଉଛି।

### ମଧୁବୈଶ୍ୟ ସମାଜ ବୈଠକ

**ବଲାଙ୍ଗୀର ଅଫିସ,୭।୮**

ବଲାଙ୍ଗୀର ପୌରାଞ୍ଚଳ ମଧୁବୈଶ୍ୟ (ଗୁଡିଆ) ସମାଜର ଏକ ବୈଠକ ନଗର ସଭାପତି ଅନୁପ କୁମାର ଚୋପଦାରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଛି । ଏଥିରେ ଚଳିତବର୍ଷ ପ୍ୟାଲେସ ଲାଇନ ସ୍ଥିତ ନିର୍ମାଣାଧୀନ ଗଣେଶ ମନ୍ଦିରରେ ଗଣେଶ ପୂଜା ପାଳନ କରିବା ପାଇଁ ସ୍ଥିରୀକୃତ ହୋଇଛି। ଗଣେଶ ପୂଜାଦିନଠାରୁ ପୌରାଞ୍ଚଳ ଗୁଡିଆ ସମାଜର ଜନଗଣନା କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିରେ ବଲାଙ୍ଗୀର ଜିଲା ମଧୁବୈଶ୍ୟ ସମାଜର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ଚୋପଦାର ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ସମ୍ପାଦକ ଜୟକୃଷ୍ଣ ସାହୁ, ରମେଶ ଚନ୍ଦ୍ର ସାହୁ, ସରୋଜ କୁମାର ଗୁପ୍ତା, ଦିବ୍ୟସିଂହ ସାହୁ, ଶତୃଜିତ ସାହୁ, ତ୍ରିନାଥ ସାହୁ, ବିଜୟ କୁମାର ସୁବୁଦ୍ଧି, ଆଶିଷ କୁମାର ସାହୁ, ବିଦେଶୀ ସାହୁ, ସନ୍ଦୀପ କୁମାର ସରାଫ, ଉମାକାନ୍ତ ସାହୁ, କୈଳାସ ଚନ୍ଦ୍ର ଚୋପଦାର, ଶୈଳେସ କୁମାର ସାହୁ, ସ୍ମାରକ ସରାଫ, ବିଶ୍ୱଜିତ ସାହୁ ଯୋଗଦେଇଥିଲେ। ଶେଷରେ ଜିଲା ସହ ସମ୍ପାଦକ ଦିବ୍ୟସିଂହ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ା ଜିଲାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ




ମନ୍ତ୍ରୀ ଅଶୋକ ପଣ୍ଡା ପଥପ୍ରାନ୍ତ ସୁବିଧା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**ନୂଆପଡା ଅଫିସ, ୭।୮**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀଙ୍କ ଗସ୍ତ**

ଓଡିଶା ସରକାରଙ୍କ ବିଜ୍ଞାନ ପ୍ରଯୁକ୍ତି ସାଧାରଣ ଉଦ୍ୟୋଗ ଓ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ପଣ୍ଡା ରବିବାର ଦିନିକିଆ ନୂଆପଡା ଗସ୍ତରେ ଆସି ଜିଲାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରି ଫେରି ଯାଇଛନ୍ତି। ମନ୍ତ୍ରୀ ପଣ୍ଡା ଭୁବନେଶ୍ୱରରୁ ଶନିବାର ଟ୍ରେନ ଯୋଗେ ଆସି ରବିବାର ନୂଆପଡ଼ାରେ ପହଞ୍ଚିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇବା ପରେ ସେ ସର୍କିଟ ହାଉସକୁ ଯାଇଥିଲେ। ନୂଆପଡ଼ାରେ ପୂର୍ବରୁ ଅବସ୍ଥାନ କରୁଥିବା ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ସେଠାରେ ପହଞ୍ଚିବା ପରେ ଉଭୟ ମନ୍ତ୍ରୀ ନୂଆପଡ଼ା ଜିଲା କୋମନା ବ୍ଲକ କୁରୁମପୁରି ପଞ୍ଚାୟତର ଘାଟିପଡା ଠାରେ ଜାତୀୟ ରାଜପଥ ୩୫୩ ଉପରେ ନିର୍ମିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରକୁ ଯାଇ ସେଠାରେ ନବ ନିର୍ମିତ ଶିଶୁ ପ୍ରମୋଦ ଉଦ୍ୟାନର ଉଦଘାଟନ କରିଥିଲେ। ସେଠାରୁ ଉଭୟ ମନ୍ତ୍ରୀ ନୂଆପଡା ସଦର ବ୍ଲକ ଟାୱାଟ ପଞ୍ଚାୟତ ସ୍ଥିତ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ବିଦ୍ୟାଳୟରେ ବିଭାଗ ଦ୍ୱାରା ପ୍ରଦତ୍ତ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଭାଶ୍ରୟ ଗୃହର ଉଦଘାଟନ କରି ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଏହି ସଭାରେ ମନ୍ତ୍ରୀ ପଣ୍ଡାଙ୍କ ବ୍ୟତୀତ ମନ୍ତ୍ରୀ ଢୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲା ପରିଷଦ ଉପାଧକ୍ଷା ଦୀପିକା କୌଶଲ୍ୟା, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେକେରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନର୍ମଲକର, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ମାଝି, ଅବନୀ ରଞ୍ଜନ ଯୋଶୀ, ରଶ୍ମିରଞ୍ଜନ ସାହୁ, ନୂଆପଡା ବିଡିଓ ସୁବେଦାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରେଖା ନନ୍ଦ,ଜୟରାମ ସତନାମୀ, ବରିଷ୍ଠ ନେତା ବିହାରୀ ଲାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ପଣ୍ଡା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ନେଇ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ବିଦ୍ୟାଳୟକୁ ରାଜ୍ୟର ୧୦୩ ତମ ସ୍ୱତନ୍ତ୍ର ବିଦ୍ୟାଳୟର ମାନ୍ୟତା ଦେଇଥିବାରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ୧୦୩ ତମ ମାନ୍ୟତା ପାଇଥିବାରୁ ବିଦ୍ୟାଳୟକୁ ଅନୁଦାନର ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବିଦ୍ୟାଳୟର ୩ଜଣ ଭିନ୍ନକ୍ଷମଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରିବା ସହ ୮ ଜଣଙ୍କୁ ନୂତନ ସ୍ୱତନ୍ତ୍ର ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ କରିଥିଲେ। ସେଠାରୁ ମନ୍ତ୍ରୀ ପତୋରା ସ୍ଥିତ ଯୋଗେଶର ବାବାଙ୍କୁ ଦର୍ଶନ କରି ବଲାଙ୍ଗିର ଅଭିମୁଖେ ଯାଇଥିଲେ।

### ବଲାଙ୍ଗୀର ନାଗରିକ କମିଟି ବୈଠକ

**ବଲାଙ୍ଗୀର ଅଫିସ, ୭।୮**

ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନାଗରିକ କମିଟିର ଏକ ସାଧାରଣ ପରିଷଦ ବୈଠକ ସଭାପତି ବେଲାରସିଂ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ବୀରତ୍ୱ କାହାଣୀର ଇତିହାସକୁ ଉନ୍ମୋଚନ କରିବା ପାଇଁ ଆଗାମୀ ଅଗଷ୍ଟ ୯ରୁ ୫୦ଦିନ ବ୍ୟାପୀ ଆରମ୍ଭ ହେଉଥିବା ବଲାଙ୍ଗୀର କ୍ରାନ୍ତି ଜାଗୃତି ସମାରୋହ ପାଳନରେ ନାଗରିକ କମିଟି ସକ୍ରିୟ ଅଂଶଗ୍ରହଣ କରିବ ବୋଲି ନିଷ୍ପତ୍ତି ନେଇଛି। ସେହିପରି ବାରମ୍ବାର ବିଜୁଳି ବିଭ୍ରାଟ ଓ ଟାଟା ପାୱାରର ମନମୁଖୀ କାର୍ଯ୍ୟ ପାଇଁ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ସାକ୍ଷାତ କରିବା, ଜାତୀୟ ସ୍ତରରେ ପାଳନ କରାଯାଉଥିବା କ୍ରାନ୍ତି ଦିବସ ଉପଲକ୍ଷେ ଘରକୁ ଘର ତ୍ରିରଙ୍ଗା ପତାକା ଅଭିଯାନରେ ସାମିଲ ହୋଇ ବିଭିନ୍ନ ପଡାରେ ପତାକା ବଣ୍ଟନ କରିବା ଇତ୍ୟାଦି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭା ପ୍ରାରମ୍ଭରେ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ପୂର୍ବ ବିବରଣୀ ପାଠ କରି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସଭାରେ ବିଭିନ୍ନ ପ୍ରସ୍ତାବ ଆଗତ ସହ ଆଲୋଚନାରେ ଉପଦେଷ୍ଟା ଡ. ଲକ୍ଷ୍ମୀକାନ୍ତ ମହାପାତ୍ର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସହସମ୍ପାଦକ ଡ. ଚକ୍ରପାଣି ଦାଶ, ଗଜେନ୍ଦ୍ର ଭ୍ରମର, ଜୟରାମ ମିଶ୍ର, ଅଶୋକ ମିଶ୍ର, ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଗୋପବନ୍ଧୁ ପୁରୋହିତ, କିଶୋର କୁମାର ମିଶ୍ର, ସଲିମ ଖାନ, ରାଧାକାନ୍ତ ମହାପାତ୍ର, ଅର୍ତ୍ତତ୍ରାଣ ମିଶ୍ର, ଦୁର୍ଗାପ୍ରସନ୍ନ ଛୁରିଆ, ବିଶ୍ୱନାଥ ତ୍ରିପାଠୀ ଓ ନବୀନ କୁମାର ନାୟକ ଅଂଶଗ୍ରହଣ କରିଥିଲେ।

### ଜୁନାଗଡ–ଧର୍ମଗଡ ମୁଖ୍ୟ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ

**ଜୁନାଗଡ,୭।୮(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁତ୍ରା ନିକଟରେ ଥିବା ହାଲେର ଜୋର ଆପ୍ରୋଚ ପୋଲରେ ରବିବାର ସନ୍ଧ୍ୟାଠାରୁ ବର୍ଷା ପାଣି ପ୍ରବାହିତ ହେଉଛି। ଯାହାଫଳରେ ବିପଦ ରହିଥିବାରୁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ଏବେ ବନ୍ଦ କରାଯାଇଛି। ଏହାଯୋଗୁଁ ଜୁନାଗଡ–ଧର୍ମଗଡ ଜାତୀୟ ରାଜପଥ ୧୩୦ସି ମୁଖ୍ୟ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନୂତନ ପୋଲ କାମ ଅଧାପନ୍ତରିଆ ହୋଇଥିବାରୁ ଚଳିତ ବର୍ଷ ଏହାକୁ ମିଶାଇ ୩ ଥର ଆପ୍ରୋଚ ପୋଲରେ ବର୍ଷା ପାଣି ପ୍ରବାହିତ ହୋଇସାରଲାଣି।

### ଘରେ ପଶିଲା ପାଣି, ଜନଜୀବନ ଅସ୍ତବ୍ୟସ୍ତ



ଜୋରଖଣ୍ଡି ପଡ଼ା ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି।

**ଭବାନୀପାଟଣା,୭।୮(ସ୍ୱପ୍ର)**

କଳାହାଣ୍ଡି ଜିଲାରେ ଲାଗିରହିଛି ପ୍ରବଳ ବର୍ଷା। ଲଗାଣ ବର୍ଷା ପ୍ରଭାବରେ ଅସ୍ତବ୍ୟସ୍ତ ହୋଇପଡିଛି ଜନଜୀବନ। ସେପଟେ ଇନ୍ଦ୍ରାବତୀ ସବମାଇନର କେନାଲରୁ ଜୟପାଟଣା ବ୍ଲକ ଜୋରଖଣ୍ଡି ପଡାର ଲୋକଙ୍କ ଘରେ ପଶିଛି ପାଣି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶନିବାର ରାତିରୁ କଳାହାଣ୍ଡି ଜିଲାରେ ବର୍ଷା ଲାଗି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଜିଲାରେ ୨୦୦ ମିଲିମିଟର ବର୍ଷା ହୋଇଥିବାବେଳେ ଜୟପାଟଣା ବ୍ଲକରେ ସର୍ବାଧିକ ୧୨୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଇନ୍ଦ୍ରାବତୀ ସବମାଇନର କେନାଲରୁ ପାଣି ନିଷ୍କାସିତ ହୋଇ ନ ପାରି କେନାଲ ପାଣି ଜୋରଖଣ୍ଡି ପଡା ଭିତରକୁ ମାଡ଼ିଯାଇଥିଲା। ଫଳରେ ଗାଁ ଦାଣ୍ଡରେ ଆଣ୍ଠୁଏ ଲେଖାଏଁ ବର୍ଷା ପାଣି ଚାଲୁଥିବା ବେଳେ ଲୋକଙ୍କ ଘର ଭିତରେ ବର୍ଷା ପାଣି ଯାଇଥିବା ଦେଖିବାକୁ ମିଳିଛି। ବର୍ଷା ଲାଗି ରହିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବଲାଙ୍ଗୀର ଅଫିସ,୭।୮**

ବଲାଙ୍ଗୀର ଯାଦବ ଭବନଠାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟଙ୍କ ଉପସ୍ଥିତିରେ ଶାଖା ସଭାପତି ରାଧାମାଧବ ମିଶ୍ରଙ୍କ ସଭାପତିତ୍ୱରେ ଓଡିଶା ଫର୍ମାଶିଷ୍ଟ ସେବା ସଂଘ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ଶାଖା ସାଧାରଣ ସମ୍ପାଦକ ଚିତାନନ୍ଦ ବେହେରା ସଭା ପରିଚାଳନା କରିଥିଲେ । ଉକ୍ତ ସଭାରେ ରାଜ୍ୟ ସଂଘ

**ଓଡିଶା ଫାର୍ମାସିଷ୍ଟ ସେବା ସଂଘ ସାଧାରଣ ପରିଷଦ ବୈଠକ**

ସଭାପତିଚିନ୍ମୟ କୁମାର ଦିନା, ଉପସଭାପତି ସୁଧାଂଶୁ ଶେଖର ପଣ୍ଡା, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, କୋଷାଧକ୍ଷ ଅନୀଲ କୁମାର ସାହୁ, ଯୁଗ୍ମ ସମ୍ପାଦିକା ଶୁଭଲକ୍ଷ୍ମୀ ସ୍ୱାଇଁ, ସଙ୍ଗଠନିକ ସମ୍ପାଦକ ହିମାଂଶୁ ଭୂଷଣ ମିଶ୍ର ଉପସ୍ଥିତ ଥିଲେ । ଉକ୍ତ ସଭାରେ ନୂତନ ନିର୍ବାଚିତ ସଭ୍ୟମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇଥିଲା। ଫାର୍ମସିଷ୍ଟ ସଂଘ ନାର୍ଯ୍ୟ ଦାବି କିଭଳି ସରକାରଙ୍କ ଆଗରେ ଉପସ୍ଥାପନ କରି ଦାବି ହାସଲ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା । ରୀତାରାଣୀ ସିଂ ଧନ୍ୟବାଦ ଦେଇଥିଲେ । ଏଥିରେ ରାଜ୍ୟ ଓ ଜିଲାର ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ବରଗଡ ଜିଲାରେ ସଂଘ ବୈଠକ ହେବ ବୋଲି ସୂଚନା ଦେଇଛନ୍ତି।




ଓଡିଶା ଫାର୍ମାସିଷ୍ଟ ସେବା ସଂଘର ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

# ରାତିରେ ବୁଲୁଛି ଡ୍ରୋନ କ୍ୟାମେରା, ଲୋକେ ଭୟଭୀତ

**ଖଡ଼ିଆଳ, ୭।୮(ଡି.ଏନ.ଏ.)**

ନୂଆପଡ଼ା ଜିଲାରେ ଚୋର ଆତଙ୍କ ବଢ଼ିବାରେ ଲାଗିଥିବାବେଳେ ବର୍ତ୍ତମାନ ଖଡ଼ିଆଳ ଅଞ୍ଚଳରେ ତାର ପ୍ରଭାବ ପଡିଛି। ଖଡ଼ିଆଳର ବିଭିନ୍ନ ଗ୍ରାମାଞ୍ଚଳରେ ଡ୍ରୋନ କ୍ୟାମେରା ଉଡୁଥିବା ନେଇ ଲୋକଙ୍କ ଭୟ ଦ୍ୱିଗୁଣିତ ହୋଇଥିବା ଜଣାପଡିଛି। କିଛି ଦିନ ହେଲା ତୁକୁଲା, କିରିକିଟା, ନେହେନା, ସାନମହେଶ୍ୱର ଏପରିକି ସମ୍ବେଦନଶୀଳ ସ୍ଥାନ ତିଖାଲି ଡ୍ୟାମ ପରିସରରେ ଡ୍ରୋନ କ୍ୟାମେରା ଉଡୁଥିବା ଫଟୋ ସ୍ଥାନୀୟ ଲୋକମାନେ ଉତ୍ତୋଳନ କରି ଦେଖାଉ ଥିବାବେଳେ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧକ୍ଷ ଗୌତମ ତାଣ୍ଡିଙ୍କ ଉଦ୍ୟମରେ ଗୋଟିଏ ପ୍ରତିନିଧି ଦଳ ଆସି ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କୁ ଭେଟି ତାର ତଦନ୍ତ ପାଇଁ ଦାବି କରିଥିଲେ। ଫଳରେ ଜନସାଧାରଣ ଦିନରାତି ଭୟଭୀତ ଅବସ୍ଥାରେ ଥିବା ଜଣା ପଡ଼ିଛି। ଗ୍ରାମାଞ୍ଚଳରେ ଗ୍ରାମବାସୀ ଏକତ୍ରିତ ହୋଇ ସଚେତନତା ସୃଷ୍ଟି କରିବା ସହିତ କୌଣସି ଅଜଣା ବ୍ୟକ୍ତିଙ୍କୁ ଗ୍ରାମରେ



ବିଭିନ୍ନ ଗ୍ରାମାଞ୍ଚଳରେ ଡ୍ରୋନ କ୍ୟାମେରା ଉଡୁଛି।

ପ୍ରବେଶ ନିଷେଧ କରିବାକୁ ନିଷ୍ପତ୍ତି ନେଉଥିବା ଜଣାପଡିଛି। ନୂଆପଡ଼ା ଜିଲାର ପ୍ରମୁଖ ସହର ଖଡ଼ିଆଳ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ ପ୍ରାଣ କେନ୍ଦ୍ର ହୋଇଥିବାରୁ ସବୁବେଳେ ଚଳଚଞ୍ଚଳ ରହୁଛି। ହେଲେ ଚୋର ଭୟ ନେଇ ଲୋକଙ୍କ ମଧ୍ୟରେ ସନ୍ଧ୍ୟାସମୟରେ ଆତଙ୍କ ଖେଳିଯାଇଛି। ଅନ୍ୟ ପକ୍ଷରେ ଖଡ଼ିଆଳ ସହରକୁ ଅନ୍ୟ ରାଜ୍ୟରୁ ଅଣ ଓଡିଆ ବହୁତ ପରିମାଣରେ ଆସି ରହୁଛନ୍ତି। ହେଲେ ସେମାନଙ୍କ ବିଷୟରେ ପ୍ରଶାସନ ନିକଟରେ ତଥ୍ୟ ନାହିଁ। ସରକାରୀ ନିୟମ ଅନୁଯାୟୀ ବାହାର ରାଜ୍ୟରୁ ଆସି ଜଣେ ବ୍ୟକ୍ତି ବହୁତ ଦିନ ଧରି ରହୁଛି ତାହେଲେ ନିକଟସ୍ଥ ପ୍ରଶାସନ ପାଖରେ ତାର ସମ୍ପୂର୍ଣ୍ଣ ତଥ୍ୟ ରହିବା କଥା। ତାହା ସ୍ଥାନୀୟ ପ୍ରଶାସନ ନିକଟରେ ନିଟକରେ ନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଣ ଓଡିଆ ଆସି ଖଡ଼ିଆଳର ବିଭିନ୍ନ ଲଜ ତଥା ଅନେକ ଲୋକଙ୍କ ଘରେ ଭଡା ସୂତ୍ରରେ ରହୁଥିବା ବେଳେ ସମ୍ପୃକ୍ତ ଲଜ କିମ୍ବା ଘର ମାଲିକ ସେମାନଙ୍କ ଠାରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ପୋଲିସକୁ ତୁରନ୍ତ ଦେବାକୁ ଜନସାଧାରଣରେ ଦାବି କରିଛନ୍ତି। ଚୋରମାନେ ଦିନରେ ନାନାଦି ଧନ୍ଦା କରି ଗ୍ରାମ ଗ୍ରାମ ବୁଲି ତଥ୍ୟ ସଂଗ୍ରହ କରୁଥିବାବେଳେ ରାତ୍ରରେ ସେମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଚୋରି କାର୍ଯ୍ୟରେ ନିୟୋଜିତ ହେଉଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଖଡ଼ିଆଳ ଆଇଆଇସି ମୁଦୁଲିଙ୍କୁ ଅବଗତ କରିବାରୁ ଦୁଇ ତିନି ଦିନ ହେଲା ପୋଲିସ ପ୍ରଶାସନ ପକ୍ଷରୁ ବାହାର ରାଜ୍ୟରୁ ଆସିଥିବା ଅଣ ଓଡିଆଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଙ୍କ ଘରକୁ ପଠାଇ ଦେଉଛୁ। ଅଣଓଡିଆ ଆସି ରହିଲେ ସମ୍ପୃକ୍ତ ଲଜ ମାଲିକ, ଭଡାରେ ଦେଇଥିବା ଘର ମାଲିକ ସେମାନଙ୍କ ଆଧାର କାର୍ଡ ତଥା ପରିଚିତ ପୁଲିସ ପାଖରେ ଦେବାକୁ କୁହାଯାଇଥିବା ପ୍ରକାଶ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସାନନୂଆପାଲି ଗାଁରେ ବିଦ୍ୟୁତ୍ ଆଘାତରେ ସୁନୀଲ ଦୀପ (୧୯)ଗୁରୁତର ହୋଇଛନ୍ତି। ରବିବାର ସୁନୀଲ ଘରେ ଲାଇନ ନ ଥିବା ବେଳେ ବିଦ୍ୟୁତ୍ କାମ କରୁଥିଲେ। ଏହି ସମୟରେ ହଠାତ୍ ଲାଇନ ଆସି ଯିବାରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡି ଯାଇଥିଲା। ପରିବାର ଲୋକେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବିଡିଓ

**ପିଏମ୍‌ଜିକେଏୱାଇ ଚାଉଳ ହଡପ ଘଟଣାରେ ପ୍ରଶାସନ ନୀରବ**

ସୋନପୁର,୭।୮(ନି.ପ୍ର.)

ସୋନପୁର ବ୍ଲକ ଖଲିଆପାଲି ପଞ୍ଚାୟତରେ ଖାଉଟିଙ୍କ ୧ ମାସର ଚାଉଳ/ଗହମକୁ ହଡପ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଜୁଲାଇ ମାସର ପିଏମ୍‌ଜିକେଏୱାଇ(ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା)ରେ ମାଗଣା ଚାଉଳ ଓ ଗହମ ବାହାରେ ବିକ୍ରି ହୋଇଛି। ତେବେ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ଏହାକୁ ହାଲୁକା ଭାବରେ ନେଉଥିବା ଖଲିଆପାଲି ପଞ୍ଚାୟତର ଜନସାଧାରଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଶଶୀଭୂଷଣ ପଧାନଙ୍କୁ ପଚାରିବାରୁ ଜୁଲାଇ ମାସର ପିଏମ୍‌ଜିକେଏୱାଇର ମାଗଣା ଖାଦ୍ୟଶସ୍ୟ ଖଲିଆପାଲି ପଞ୍ଚାୟତର ଏନଏଫଏସଏ ହିତାଧିକାରୀଙ୍କୁ ମିଳି ନ ଥିବା ଅଭିଯୋଗ ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ଖଲିଆପାଲି ପଞ୍ଚାୟତର ଯୋଗାଣ ସହାୟକ ଭରତ ନାଏକ ଅନୁପସ୍ଥିତ ରହୁଥିବାରୁ ଶନିବାର ବିଶିମୁଣ୍ଡା ପଞ୍ଚାୟତ ଓ ହରଡଖୋଲ ପଞ୍ଚାୟତର ଯୋଗାଣ ସହାୟକଙ୍କୁ ନେଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନଏଫଏସଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସଏଫଏସଏସ)ର ହିତାଧିକାରୀଙ୍କୁ ଟଙ୍କାକିଆ ଚାଉଳ/ଗହମ ପ୍ରଦାନ କରାଯାଇଛି।

କରୋନା ମହାମାରୀ ଓ ଲକଡାଉନ୍‌କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏନଏଫଏସଏ ରାସନ କାର୍ଡ ଧାରୀଙ୍କୁ ୨୦୨୦ ଅପ୍ରେଲ ମାସ ଠାରୁ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ବ୍ୟକ୍ତି ପିଛା ୫ କିଲୋ ଲେଖାଏ ଚାଉଳ ଅବା ଗହମ ମାଗଣାରେ ଦେଉଛନ୍ତି। ତେବେ ଖଲିଆପାଲି ପଞ୍ଚାୟତର ଯୋଗାଣ ସହାୟକ ଭରତ ନାଏକ ପଞ୍ଚାୟତର ସରଳ ଲୋକଙ୍କ ସହିତ ଚଞ୍ଚକତା କରିଛନ୍ତି। ପିଓଏସ(ପ୍ରିଣ୍ଟ ଅଫ ସେଲ) ମେସିନ୍‌ରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡ ଧାରୀଙ୍କ ଚକ୍ଷୁ ସ୍କାନ୍ କରି ମେ, ଜୁନ ଓ ଜୁଲାଇ ମାସର ମାଗଣା ଚାଉଳ ପ୍ରଦାନ କରିଥିବା ଦର୍ଶାଇଛନ୍ତି। କିନ୍ତୁ ରାଶନ କାର୍ଡଧାରୀଙ୍କୁ କେବଳ ମେ ଓ ଜୁନ୍‌ମାସର ମାଗଣା ଚାଉଳ ଦେଇଥିବା ଅଭିଯୋଗ ହୋଇଛି। କାର୍ଡରେ ମଧ ମେ ଓ ଜୁନ୍ ୨ମାସର ଚାଉଳ ଦେଇଥିବା ଉଲ୍ଲେଖ ରହିଛି। ପଞ୍ଚାୟତର ୱାର୍ଡ ସଭ୍ୟମାନେ ଏହା ଜାଣିବା ପରେ ଯୋଗାଣ ସହାୟକଙ୍କୁ ଗତ ୧ତାରିଖରେ ଘେରିଥିଲେ। ଯୋଗାଣ ସହାୟକ ନାଏକ ନିଜର ଦୋଷ ଲିଖିତ ଆକାରରେ ସ୍ୱୀକାର କରିଥିଲେ। ଜୁଲାଇ ମାସର ଚାଉଳ ସେ ନିଜେ ହେରଫେର କରିଛନ୍ତି ଓ ଦୁଇ ମାସ ଭିତରେ ସମସ୍ତ କାର୍ଡଧାରୀଙ୍କୁ ଚାଉଳ ପ୍ରଦାନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଖାଉଟିଙ୍କୁ ଏହା ବଣ୍ଟନ କରି ନ ପାରିଲେ ତାଙ୍କ ବିରୋଧରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଯୋଗାଣ ସହାୟକ ଲିଖିତ ଭାବରେ ଗ୍ରାମବାସୀ ଓ ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲ୍ଲିପ କୁମାର ପାଣ୍ଡିଆଙ୍କୁ ଜଣାଇଛନ୍ତି। ଦୁର୍ନୀତି ଜଣାପଡିବା ପରେ ପ୍ରଶାସନ ଓ ପଞ୍ଚାୟତର କିଛି ନେତୃବୃନ୍ଦ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଦୁର୍ନୀତିରେ ପଞ୍ଚାୟତର ପ୍ରାକ୍ତନ ନିର୍ବାହୀ ଅଧିକାରୀ ପରାସର ଖମାରୀ ଓ ଯୋଗାଣ ସହାୟକ ନାଏକଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଖଲିଆପାଲି ପଞ୍ଚାୟତରେ ମୋଟ ୧୧୪୧ ରାସନକାର୍ଡ ଧାରୀ ଅଛନ୍ତି। ଏନଏଫଏସଏରେ ୧୦୮୬ଟି ରାସନ କାର୍ଡ ଓ ଏସଏଫଏସଏସରେ ୫୫ଟି କାର୍ଡ ଅଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପଞ୍ଚାୟତର ୧୦୮୬ଟି କାର୍ଡର ହିତାଧିକାରୀଙ୍କ ପାଇଁ ମେ, ଜୁନ୍ ଓ ଜୁଲାଇ ମାସର କୋଟା ଚାଉଳ/ଗହମ ଏକକାଳୀନ ଆସିଥିଲା।

## ସଂକ୍ଷେପରେ

### ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଯୁବକ ଗିରଫ

ଡୁଙ୍ଗୁରିପାଲି ୭।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଗ୍ରାମର ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଡୁଙ୍ଗୁରିପାଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ତମାମୁରା ଗାଁର ପରେଶ ପଧାନ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ କହିଛନ୍ତି। ଅଭିଯୋଗ ଅନୁଯାୟୀ ପରେଶ ଗ୍ରାମର ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଫଟୋ ଉଠାଇ ଭାଇରାଲ କରିଥିଲେ। ଭାଇରାଲ ଫଟୋକୁ ଦେଖି ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ମହିଳାଙ୍କ ସ୍ୱାମୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପରେଶକେତେକ ଗୁଣ୍ଡାଶ୍ରେଣୀର ଯୁବକଙ୍କ ସହ ଏକ ବୋଲେରୋରେ ତମାମୁରା ଆସି ଧମକ ଚମକ ଦେବା ସହ ମହିଳାଙ୍କ ପରିବାର ଲୋକଙ୍କୁ ଜାତିଆଣ ଆକ୍ଷେପ କରିଥିଲା। ମହିଳା ଜଣଙ୍କ ଡୁଙ୍ଗୁରିପାଲି ଥାନାରେ ଏନେଇ ଶନିବାର ଅଭିଯୋଗ କରିଥିଲେ। ଡୁଙ୍ଗୁରିପାଲି ପୋଲିସ ପରେଶଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉକ୍ତ ଘଟଣାକୁ ନେଇ ସୁବର୍ଣ୍ଣପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ରବିବାର ତମାମୁରା ଆସି ତଦନ୍ତ କରିଥିଲେ। ମହିଳାଙ୍କ ଅଭିଯୋଗର ସତ୍ୟତା ପ୍ରମାଣିତ ହେବା ପରେ ପୋଲିସ ପରେଶଙ୍କୁ ଗିରଫ କରିଥିଲା।

### ବାଇକ ସହ ମଦ ଜବତ, ଜଣେ ଗିରଫ

ଅମରପାଲି, ୭।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ବିଭାଗ ଗୌଡ଼ଗାଡ଼ ଗାଁରେ ଚଢ଼ାଉ କରି ବାଇକ ସହ ମଦ ଜବତ କରିଛି। ବେଆଇନ ମଦ ଚାଲାଣ କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଗ୍ରାମର ହିମାଂଶୁ ଘିବିଲା(୩୪)ଙ୍କୁ ଗିରଫ କରିଛି। ଗୌଡ଼ଗାଡ଼ ଗାଁରେ ବେଆଇନ ମଦ କାରବାର ଚାଲିଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଉକ୍ତ ସମୟରେ ବାଇକରେ ଆସୁଥିବା ହିମାଂଶୁଙ୍କୁ ଅଟକାଇ ଯାଞ୍ଚ ପରେ ୧୧ଲିଟର ରନ୍ଧାମଦ ବାହାରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶ୍ୱଶୁର ଗୁରୁତର

ବାଉଁଶୁଣୀ, ୭।୮(ଡି.ଏନ.ଏ.): ବୌଦ୍ଧ ଜିଲା ଗୋଛାପଡା ପଞ୍ଚାୟତ ବିଜାପଦର ଗ୍ରାମରେ ରବିବାର ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶ୍ୱଶୁର ବିଦେଶୀ ମିର୍ଦ୍ଧା(୬୫) ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାଉଁଶୁଣୀ ପୋଲିସ ଅଭିଯୁକ୍ତ ଜ୍ୱାଇଁ ଅଜିତ ଗୁରୁଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ବିଦେଶୀ ଗ୍ରାମ ପଡିଆରୁ ଗାଈ ଚରାଇ ଫେରିବା ସମୟରେ ଘରେ ଝିଅ ବନୀତା (୨୨)କୁ ଜ୍ୱାଇଁ ଅଜିତ ଗୁରୁ (୩୫) ମାରଧାର କରୁଥିବା ଦେଖିଥିଲେ। ବିଦେଶୀ ଏପରି ନ କରିବାକୁ ବାରଣ କରିବାରେ ଅଜିତ ଏକ ଟାଙ୍ଗିଆରେ ବିଦେଶୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସାହି ପଡିଶା ଲୋକେ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଦେଶୀଙ୍କୁ ସୋନପୁର ସ୍ଥାନାନ୍ତର କରାଯାଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

ପାଇକମାଲ,୭।୮(ଡି.ଏନ.ଏ): ବରଗଡ ଜିଲା ପାଇକମାଲ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗୁରୁଜୀ ବ୍ୟାସଦେବ ବଢେଇ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁଜୀ ଶୁସିଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିନକେତନ ସାହୁ ମୁଖ୍ୟ ଅତିଥି, ଶିଶୁ ମନ୍ଦିର ସଭାପତି ରାମକୁମାର ଗୁପ୍ତା, ସୁପ୍ରଭା ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ସାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମିନକେତନ ସାହୁ ଓ ବିଜୟ ବାରିକ ମୁଖ୍ୟ ବିଚାରପତି ଭାବେ ଯୋଗଦେଇ ଶିଶୁବର୍ଗରୁ ୧୫ ଓ ବାଳ ବର୍ଗରୁ ୨୧ ଜଣଙ୍କ ବିଜ୍ଞାନ ପ୍ରକଳ୍ପ ଦେଖିଥିଲେ।

# ଭୈରବୀ ମନ୍ଦିର ଆଜୀବନ ସଦସ୍ୟଙ୍କ ସମ୍ମିଳନୀ



ବୈଠକରେ ଉପସ୍ଥିତ ମନ୍ଦିରର ଆଜୀବନ ସଦସ୍ୟ।

ବୌଦ୍ଧ, ୭।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ପୁରୁଣାକଟକସ୍ଥିତ ମା ଭୈରବୀ ମନ୍ଦିର ଆଜୀବନ ସଦସ୍ୟମାନଙ୍କ ଏକ ସମ୍ମିଳନୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନଙ୍କ ଅଧକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାଙ୍କ ମନ୍ଦିର ଉନ୍ନତୀକରଣ ସହ ଓ ବିଭିନ୍ନ ବିଷୟରେ ଉପରେ ଆଲୋଚନା ହୋଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, ସମ୍ପାଦକ ସୁରେଶ ପ୍ରଧାନ, ମନ୍ଦିର ଉନ୍ନୟନ କମିଟି ସଭାପତି ଅଶୋକ ଅଗ୍ରୱାଲା, ଉନ୍ନୟନ କମିଟି ସମ୍ପାଦକ ବାଳକୃଷ୍ଣ ନାୟକ, ପୂର୍ବତନ ପରିଚାଳନା କମିଟି ସଭାପତି ସଲିଲ ଭୋକ୍ତା, ପୂର୍ବତନ ପରିଚାଳନା କମିଟି ସମ୍ପାଦକ ଶେଷଦେବ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁଗଳ ସାମଲ ଓ ହରଭଙ୍ଗା ବ୍ଲକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସରୋଜ ପ୍ରଧାନ ନୂତନ ମନ୍ଦିର ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଆଜି ପର୍ଯ୍ୟନ୍ତ ମନ୍ଦିରରେ ୨୭୬ ଜଣ ଆଜୀବନ ସଦସ୍ୟ ଗ୍ରହଣ କରିଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ବୃଦ୍ଧି କରିବାକୁ ଲକ୍ଷ ରଖାଯାଇଛି। ବୈଷ୍ଣବ କୁମାର ମିଶ୍ର, ସୁକାନ୍ତ ପଟ୍ଟନାୟକ, ସୁକାନ୍ତ ଦାସ, ଅଜିତ ଦାସ, ଅଜିତ ଦେହୁରୀଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ମନ୍ଦିର କମିଟିର ସଦସ୍ୟ ଉପସ୍ଥିତ ଥିଲେ। କୈଳାସ ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ



ବରଗଡ଼ରେ ଅନୁଷ୍ଠିତ ଜାତୀୟ ହସ୍ତତନ୍ତ ଦିବସ ପାଳନ କାର୍ଯ୍ୟକ୍ରମରେ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼ ଅଫିସ,୭।୮

ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ ଓ ହ୍ୟାଣ୍ଡଲୁମ୍ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍‌ର ଯୁଗ୍ମ ପ୍ରୟାସରେ ରବିବାର ବରଗଡ଼ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜି ସଭାଗୃହରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି। ଏଥିରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବୁଣାକାରମାନେ ଅଧିକ ଗୁଣମାନର ହସ୍ତତନ୍ତ ବସ୍ତ୍ର ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଏକ୍ସପୋର୍ଟ ସଂସ୍ଥା ସହିତ ଯୋଡ଼ି ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ହସ୍ତତନ୍ତ ବିକାଶ ଲିମିଟେଡ୍‌ର ମ୍ୟାନେଜର, ଆଞ୍ଚଳିକ ପରିଚାଳକ ଯୋଗଦାନ କରିଥିଲେ। ହସ୍ତତନ୍ତ ବୁଣାକାରଙ୍କ ପାଇଁ ଆର୍‌ଏମ୍‌ଏସ୍‌ଏସ୍ କିମ୍ବା କଞ୍ଚାମାଲ ଯୋଗାଣ ଯୋଜନାର ଫାଇଦା ଉଠାଇବାକୁ ସେମାନେ ବୁଣାକାରଙ୍କୁ ସଚେତନ କରାଇଥିଲେ। ଦେଶର ପ୍ରତିଷ୍ଠିତ ଏକ୍ସପୋର୍ଟ ହାଉସର ମାଲିକମାନଙ୍କ ସହିତ ଅଂଶଗ୍ରହଣକାରୀ ବୁଣାକାର ସମିତି ସଂସ୍ଥା ଯୋଗାଯୋଗ ରକ୍ଷା କରି ନିଜ ଜିନିଷ ଯେଭଳି ଏକ୍ସପୋର୍ଟ ହେବ, ସେ ବିଷୟରେ ଏଚ୍‌ଇପିସିର ମଣିଲାଲ ଜେ. ସାଇକିଆ ଅବଗତ କରାଇଥିଲେ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ୍ ଟେକ୍ନୋଲୋଜିର ଡାଇରେକ୍ଟର ହସ୍ତତନ୍ତ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼, ସୋନପୁର ଜିଲାର ୩୦ ହସ୍ତତନ୍ତ ଉତ୍ପାଦନକାରୀ ସଂସ୍ଥା ନିଜର ପ୍ରଡ଼କ୍ଟସ୍ ପ୍ରଦର୍ଶନ କରିଥିଲେ। ସେହିପରି ୧୫ କଞ୍ଚାମାଲ ଉତ୍ପାଦନକାରୀ କମ୍ପାନୀ ନିଜର କଞ୍ଚାମାଲକୁ ବୁଣାକାରଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରିଥିଲେ। ସଭାରେ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ, ବାଣିଜ୍ୟ ପ୍ରବନ୍ଧକ ହେମନ୍ତ ମିଶ୍ର ଯୋଗଦାନ କରିଥିଲେ। ବରଗଡ଼ ବୟନଶିଳ୍ପ ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

# ଅବାଧରେ ଚାଲିଛି ମଦ, ଗଞ୍ଜେଇ କାରବାର

**ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା**

ବାଉଁଶୁଣୀ,୭।୮(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଞ୍ଚଳରେ ମଦ, ଗଞ୍ଜେଇ ଚୋରା କାରବାର ଅବାଧରେ ଚାଲିଛି। ଗୋଟିଏ ଗୋଟିଏ ଗ୍ରାମରେ ଏକାଧିକ କୁଟିଆ ମଦ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ବାଉଁଶୁଣୀ ପୋଲିସ ଓ ଅବକାରୀ ବିଭାଗ ଜ୍ଞାତସାରରେ ଏସବୁ ଚାଲିଥିବା ଅଭିଯୋଗ ହେଉଛି। କେତେଜଣ ପୋଲିସ ଓ ଅବକାରୀ କର୍ମଚାରୀ ପ୍ରତି ମାସରେ ମାସିକିଆ ବଟି ନେଇ ଚୋରା କୁଟିଆ ମଦ ଦୋକାନକୁ ପ୍ରୋତ୍ସାହନ ଦେଉଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି।

ବାଉଁଶୁଣୀ, ଅଁଳାପାଲି, ବହିରା, ଗୋଛାପଡା, ତାଳେସରଡା ପଞ୍ଚାୟତରେ ପୋଲିସ ଆଖିରେ ଧୂଳି ଦେଇ ବେପାରୀମାନେ ଖୁଲମଖୁଲା ମଦ ବେପାର କରୁଛନ୍ତି। ସେହିପରି ଗଞ୍ଜେଇ ଧରିବା କାର୍ଯ୍ୟ ଅବକାରୀ ବିଭାଗର ହୋଇଥିବା ବେଳେ ବୌଦ୍ଧ ଜିଲାରେ ଅନେକ ସମୟରେ ପୋଲିସ ଚୋରା ଗଞ୍ଜେଇ ଧରୁଛି । ଗଞ୍ଜେଇ ଧରିବାରେ ବାଉଁଶୁଣୀ ଥାନା ନଂ୧ରେ ଅଛ। ଗତ କିଛି ଦିନ ତଳେ ବାଉଁଶୁଣୀ ଥାନା ଅଧୀନରେ ଦୁଇଟି କୁଟିଆ ମଦ ଦୋକାନ ଉପରେ ଚଢ଼ାଉ କରାଯାଇ ସେଠାରୁ ମଦ ଜବତ କରାଯାଇ ଥାନାକୁ ଅଣାଯାଇଥିଲା। ହେଲେ ଆଣିବାର କିଛି ସମୟ ପରେ ମଦ ବିକ୍ରି କରୁଥିବା ମାଲିକଙ୍କୁ ଡାକି ଫେରାଇ ଦିଆଯାଇଥିଲା ବୋଲି ଅଭିଯୋଗ ହେଉଛି । କାରଣ ଆଜି ପର୍ଯ୍ୟନ୍ତ ଜବତ ହୋଇଥିବା ମଦ ନେଇ କୌଣସି କେସ ହୋଇନାହିଁ। ଏହାର ତଦନ୍ତ କରାଯିବା ସହ ଚୋରା ମଦ ଓ ଗଞ୍ଜେଇ କାରବାର ରୋକିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ଜାତୀୟ ହସ୍ତତନ୍ତ ଦିବସ ପାଳିତ




ଜାତୀୟ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରପାଲି, ୭।୮(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲିରେ ରବିବାର ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି । ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା ଅହମ୍ମଦାବାଦ ଓ ହ୍ୟାଣ୍ଡମେଡ୍ ଇଣ୍ଡିଆ ପ୍ରୋଜେକ୍ଟ ମିଶନର ମିଳିତ ଆନୁକୂଲ୍ୟରେ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧ ଶିଳ୍ପୀ ଡ. ସୁରେନ୍ଦ୍ର କୁମାର ମେହେର ମୁଖ୍ୟ ଅତିଥି ଓ କ୍ଷେତ୍ର ମୋହନ ମେହେର ସମ୍ମାନିତ ଅତିଥି, ଅବନୀ ମେହେର ମୁଖ୍ୟ ବକ୍ତା ଓ ଭରତ କୁମାର ମେହେର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଭର୍ଚ୍ଚୁଆଲରେ ବୁଣାକାରମାନଙ୍କୁ ସମ୍ବୋଧିତ କରିଥିଲେ। କୁସନପୁରୀ ସରପଞ୍ଚ ସୁରେଶ୍ୱରୀ ପ୍ରଧାନ, ବାଗବାଡ଼ି ସରପଞ୍ଚ ମୁକେଶ ଭୋଇ, ବନ୍ଧପାଲି ସରପଞ୍ଚ ରମେଶ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ଜାତୀୟ ହସ୍ତତନ୍ତ ଦିବସର ତାତ୍ପର୍ଯ୍ୟ, ବୁଣାକାରମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ତଥା ସେମାନଙ୍କ ବିକାଶ ଦିଗରେ ଆଲୋଚନା କରାଯାଇଥିଲା। ରିଚା ସିଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁକେଶ ଲୁହା ଓ ଦୟାନନ୍ଦ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ଦିବସ

ବରଗଡ଼ ଅଫିସ,୭।୮

ବରଗଡ଼ ଭଟଲି ଛକ ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ନର୍ସିଂ କଲେଜର ଚେୟାରମ୍ୟାନ ଫକୀର କର୍ଣ୍ଣ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷା ସୁନିତା ରାଣୀ ବାଗଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରାରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସାମିଲ ହୋଇଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ତନ୍ୟପାନର ଉପକାରିତା ଉପରେ ଏକ ନାଟକ ପରିବେଷଣ ହୋଇଥିଲା। କଲେଜରେ ଏକ ସପ୍ତାହ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଶୋଭାଯାତ୍ରା।

# ୩୪ତମ ବିଦ୍ୟାଳୟ ବିଜ୍ଞାନ ମେଳା

ବୌଦ୍ଧ, ୭।୮(ସ୍ୱ.ପ୍ର.)

ବୌଦ୍ଧ ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଡେପୁଟି କଲେକ୍ଟର ଝରଣା ପ୍ରଧାନ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଧରଣୀଧର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ମହାରଣା, ସମ୍ପାଦକ ସାର ପ୍ରଧାନ, ଯୁଗ୍ମ ସମ୍ପାଦକ ସନ୍ତୋଷ ପୁରୋହିତ ଓ କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ପ୍ରାକ୍ ଶିଶୁବର୍ଗ, ଶିଶୁବର୍ଗ, ବାଲବର୍ଗ, କିଶୋର ବର୍ଗରେ ପ୍ରାରମ୍ଭରୁ ୧୦ମ ପର୍ଯ୍ୟନ୍ତ ୨୧୦ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ। ୧୨ ଶିଶୁ ଭଉଣୀ ଭାଇଙ୍କୁ ବିଭିନ୍ନ ବିଭାଗରୁ ପ୍ରଥମ ସ୍ଥାନରେ ସ୍ଥାନିତ ହୋଇ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ସତ୍ୟନାରାୟଣ ସ୍ୱାଇଁ, କାର୍ତ୍ତୟନୀ ପାଢୀ ଓ ସଞ୍ଜୀବ କୁମାର ପ୍ରଧାନ ସହଯୋଗ କରିଥିଲେ। କେତନ କୁମାର ଅଗ୍ରୱାଲା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଜନ୍ତରମନ୍ତରରେ ଆଜି ଧାରଣା

ବରଗଡ଼ ଅଫିସ,୭।୮

କ୍ଲିଅର ଅନୁଷ୍ଠାନ ପକ୍ଷରୁ ସୋମବାର କୋସଲି ସମେତ ଅନ୍ୟ ଅଣସ୍ୱୀକୃତ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ନୂଆଦିଲ୍ଲୀ ଜନ୍ତରମନ୍ତରଠାରେ ଧାରଣା ଦିଆଯିବ। ଏହି ଧାରଣାରେ କୋସଲି, ଅଙ୍ଗିକା, ବଜ୍ଜିକା, ମଗହି, ଭୋଜପୁରୀ, ବାତୁଗୁ, ରାଜସ୍ଥାନୀ, ହୋ, ମୁଣ୍ଡାରି, କୋଡ଼ବା ଆଦି ଅଣସ୍ୱୀକୃତ ଭାଷାର ଶତାଧିକ ଭାଷାକର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ଲିଅରର ରାଷ୍ଟ୍ରୀୟ ସଂଯୋଜକ ସାକେତ ଶ୍ରୀଭୂଷଣ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପଞ୍ଜାବୀ, ତାମିଲ, କନ୍ନଡ଼ ଭଳି ସ୍ୱୀକୃତିପ୍ରାପ୍ତ ଭାଷାର ପ୍ରତିନିଧିମାନେ ମଧ୍ୟ ଯୋଗଦାନ କରିବେ ବୋଲି ସେ କହିଛନ୍ତି । ଏହି କ୍ରମରେ ଦିଲ୍ଲୀ ସ୍ଥିତ ବିଭିନ୍ନ ଭାଷା ପ୍ରତିନିଧି, ଛାତ୍ର ସଂସଦ ପ୍ରତିନିଧିଙ୍କୁ ଭେଟି ସେ ଆଲୋଚନା କରିଥିବା ସାହୁ ସୂଚନା ଦେଇଛନ୍ତି ।



ନୂଆଦିଲ୍ଲୀରେ କ୍ଲିଅର ଅନୁଷ୍ଠାନର ରାଷ୍ଟ୍ରୀୟ ସଂଯୋଜକ ଭାଷା, ଛାତ୍ର ସଂସଦ ପ୍ରତିନିଧିଙ୍କୁ ଭେଟିଛନ୍ତି।

# ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିବ

**ସଚେତନ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ**

ସୋନପୁର, ୭।୮(ନି. ପ୍ର.)

ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ସଭାପତି ସୀତାଂଶୁ ଶେଖର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଓ ସମ୍ବଲପୁର-ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ଯିବା ବିଷୟରେ ଆଲୋଚନା ହୋଇଥିଲା। ପୂର୍ବରୁ ଏ ସମ୍ପର୍କରେ ଜିଲା ପ୍ରଶାସନ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓଙ୍କ ଅବଗତି ସକାଶେ ଅନୁରୋଧ କରାଯାଇଥିଲା। ମାତ୍ର ଏ ଦିଗରେ ବିଶେଷ କିଛି ଅଗ୍ରଗତି ହୋଇ ପାରିନାହିଁ। ତେଣୁ କାର୍ଯ୍ୟରେ ସଫଳତା ହାସଲ ପର୍ଯ୍ୟନ୍ତ ନିରନ୍ତର ବିଭିନ୍ନ ମାଧ୍ୟମରେ ଉଦ୍ୟମ ଜାରି ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି। ତାଙ୍କୁ ସମ୍ବଲପୁର-ଗୋପାଳପୁର ରେଳପଥ ସକାଶେ ନିବେଦନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସମ୍ବଲପୁର-ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଜିଲାର ସଦର ମହକୁମା ଦେଇ ଯାଇପାରିଲେ ତାହା ସନ୍ଥ କବି ଭୀମ ଭୋଇଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ସେହିପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହେରିଟେଜ ପ୍ରକଳ୍ପ ଦିଗରେ ଆବଶ୍ୟକ ପଦକ୍ଷେପ ନେବା। ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଙ୍ଗ ରୋଡ଼ କାର୍ଯ୍ୟ ଓ ମହାନଦୀ ସେତୁଠାରୁ ଫରେଷ୍ଟ ପାର୍କ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଅଗ୍ରଗତି ବିଷୟରେ ମଧ ଆଲୋଚନା ହୋଇଥିଲା। ନାଗରିକ ମଞ୍ଚର ସମ୍ପାଦକ ଗୁଣନିଧି ମେହେରଙ୍କ ସମେତ ରାମକୃଷ୍ଣ ମେହେର, ଦୁଃଖିରାମ ନାୟକ, ବିନୋଦ ମେହେର, ମହେଶ ପୂଜାହାରୀ, ବାଙ୍କାନିଧି ରାୟଗୁରୁ, ସୂର୍ଯ୍ୟ ନାରାୟଣ ଦାସ, ନବଘନ ଷାଣ୍ଡ, ପଞ୍ଚାନନ ବାରିକ, ନାଟ୍ୟଶ୍ରୀ ଗଦାଧର ବାରିକ ଓ ଶିବରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।